୧



ଟୀପ୍‌ପଣୀ

# ୧୯

## ଗଣସଂପର୍କ- ଏକ ପରିଚୟ

ପୂର୍ବ ଅଧ୍ୟାୟରେ ଆପଣମାନେ ଜାଣିପାରିଲେ କିପରି ଭାବରେ ଯୋଗାଯୋଗ ଆମର ଦୈନିକ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାକୁ ଅନୁଭବ ନକରି, ସେହି ମୁହୂର୍ତ୍ତର ଆବଶ୍ୟକତା ଏବଂ ଆକାଂକ୍ଷାର ହିସାବରେ ଆମେ ଏହାର ଉପଯୋଗ ପ୍ରତି ସମୟରେ କରିଥାଉ ।

ଆମେ ସେହି ସ୍ଥିତି ବିଷୟରେ ବିଚାର କରିବା ଯେତେବେଳେ ଗୋଟିଏ ସ୍କୁଲ ଯାଉଥିବା ପିଲା ସ୍କୁଲ ପହଞ୍ଚିବା ପାଇଁ ବସ ଧରିବା ପାଇଁ ଘର ଛାଡିଥାଏ । ଏହି ପିଲା କେଉଁ ଆଡକୁ ଯାଇଥାଏ ? ଆପଣ ନିଶ୍ଚେ ସହମତି ଦେବେ ବସ୍ ରହଣି ସ୍ଥଳକୁ । ଏହା ବସ୍‌ର ଗନ୍ତବ୍ୟସ୍ଥଳ/ ନମ୍ବରର ଗୋଟିଏ ବୋର୍ଡରେ କିଛି ସୂଚନା ସହିତ ଗୋଟିଏ ଆଶ୍ରୟ ସ୍ଥଳ ଭାବରେ ଯାତ୍ରୀମାନଙ୍କ ସୁବିଧାପାଇଁ ତିଆରି ହୋଇଥାଏ ।

ଆମେ ଦ୍ୱିତୀୟ ଉଦାହରଣ ନେବା:-ସଡକ ଉପରେ ଲାଗିଥିବା ସାଇନ୍‌ବୋର୍ଡ ଆପଣଙ୍କୁ ଗୋଟିଏ ସ୍ଥାନ ବିଶେଷ ଉପରେ ପହଞ୍ଚିବାପାଇଁ ଦିଗ ଦେଖାଇଥାଏ । ଚିନ୍ତା କରନ୍ତୁ ବିନା ସାଇନ୍‌ବୋର୍ଡରେ କେତେ ଅସୁବିଧା ଠିଆହେବ ।

ଲୋକଙ୍କ ସୁବିଧାପାଇଁ ଯୋଗାଯୋଗର ଧାରା ରଖିବାପାଇଁ ଏହା ଠିକ୍ ସାମାନ୍ୟ ଉଦାହରଣ ଅଟେ । ଏହି ପାଠରେ ଆପଣ ଗଣସଂପର୍କର ପରିଭାଷା ତଥା ସୃଷ୍ଟିର ବିଭିନ୍ନ ପ୍ରକାରର ଗଣସଂପର୍କ ବିଷୟରେ ଜ୍ଞାନ ଲାଭ କରିବେ ।

### ଉଦ୍ଦେଶ୍ୟ

ଏହି ପାଠକୁ ପଢିବାପରେ ଆପଣ ନିମ୍ନଲିଖିତ କାମ କରିପାରିବେ:-

- ଗଣସଂପର୍କର ଅର୍ଥ ବୁଝାଇପାରିବେ ।
- ଉଦାହରଣ ସହିତ ଗଣସଂପର୍କର ଉଦ୍ଦେଶ୍ୟର ବ୍ୟାଖ୍ୟା କରିପାରିବେ ।
- ଗଣସଂପର୍କର ସୃଷ୍ଟି ସଂପର୍କରେ ଖୋଜିପାରିବେ ।
- ସରକାରୀ ଗଣସଂପର୍କ ସଂରଚନା ଏବଂ ରଣନୀତି ଉପରେ ଚର୍ଚ୍ଚା କରିପାରିବେ ।
- ଗଣସଂପର୍କରେ ବିଭିନ୍ନ କ୍ଷେତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଇପାରିବେ ।

## 19.1 ଗଣସଂପର୍କର ଧାରଣା

ଆସନ୍ତୁ ଆମେ ପ୍ରଥମେ ଚେଷ୍ଟାକରିବା ଏହି ଗଣସଂପର୍କର ଅର୍ଥ ଜାଣିବା । ଆପଣ ପ୍ରଥମେ ଜାଣିଛନ୍ତି ଯୋଗାଯୋଗ ଦ୍ୱିମାର୍ଗିୟ ପ୍ରକ୍ରିୟା ଅଟେ । ଯେଉଁଠାରେ ଯୋଗାଯୋଗ ବାର୍ତ୍ତା ବା ସୂଚନା ସେତିକି ମହତ୍ତ୍ୱପୂର୍ଣ୍ଣ ଅଟେ ଯେତିକି ଗ୍ରହଣ କରାଯାଏ । ଏହା ମଧ୍ୟ ଗଣସଂପର୍କରେ ବ୍ୟବହାର ହୋଇଥାଏ । ଏହା କୁହାଯାଉଥିବା କିମ୍ବା ଲେଖାଯାଉଥିବା ଶବ୍ଦ ସହିତ କୌଣସି ଅନ୍ୟ ସହିତ ଯୋଗାଯୋଗରେ ମଧ୍ୟ ଥାଏ । ଏଥିରେ ଦୃଶ୍ୟ ବା ଅନ୍ୟ କୌଣସି ମାଧ୍ୟମର ମଧ୍ୟ ଉପଯୋଗ କରାଯାଇଥାଏ ।

ଯୋଗାଯୋଗ ଏବଂ ଗଣସଂପର୍କ ଗୋଟିଏ ଅନ୍ୟ ସହିତ ମିଳିତ ହୋଇଥାଏ ତଥା ବିଭିନ୍ନ ପ୍ରକାରରେ ଆମର ସଂପୂର୍ଣ୍ଣ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ପ୍ରଥମ ପରିଚ୍ଛେଦରେ ଆପଣମାନେ ଜାଣି ସାରିଛନ୍ତି କି ଆମ୍ଭେମାନେ କେବଳ ମାତ୍ର ଦେଖିକରି ବା କଥାକହି ବା ନିଜର ଭାବଭଙ୍ଗୀ ଅନୁସାରେ ବା ଗତିବିଧି ଅନୁସାରେ ଯୋଗାଯୋଗ କରିଥାଉ । ଯଦି ଏହାର ଉପଯୁକ୍ତ ପ୍ରୟୋଗ କରାଯାଏ ତେବେ ଯୋଗାଯୋଗର ପ୍ରୟୋଗ ସୂଚନା, ଶିକ୍ଷା, ଆଶ୍ୱସ୍ତି କରିବାପାଇଁ ବା ଯଦି ସୁଯୋଗ ମିଳେ ତେବେ କୌଣସି ସ୍ଥିତିରେ ସହାନୁଭୂତି ଉତ୍ପନ୍ନ କରାଇବା ପାଇଁ କାର୍ଯ୍ୟକ୍ଷମ କରାଯାଏ ।

ଏହିପରି ଭାବରେ ଆମେମାନେ କହିପାରିବା ଗଣସଂପର୍କ ସାମିଲ ହୋଇଥାଏ:-

(i) ଏକ ସଂଗଠନ ବା ଏହାର ଲୋକମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ ରକ୍ଷାପାଇଁ

(ii) ଲୋକମାନଙ୍କର ମାନସିକତାକୁ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପରିବର୍ତ୍ତନ କରିବା ଦୃଷ୍ଟିରେ କରାଯାଉଥିବା ଯୋଗାଯୋଗ ପାଇଁ ।

ସୁତରାଂ ଆମେ ଗଣସଂପର୍କକୁ ନୀତିଗତ ଉପାୟରେ ଆପଣାଇ ଲୋକମାନଙ୍କୁ ପ୍ରଭାବିତ କରବା ବା ଏହାକୁ ବୁଝାଇବା ପାଇଁ କରାଯାଉଥିବା ଯୋଗାଯୋଗର ରୂପରେ ପରିଭାଷିତ କରିପାରିବା ।

ଏହା ବୁଝାଇବା ଜରୁରୀ ଅଟେ କି ଯୋଗାଯୋଗ ଏଠାରେ ଗଣସଂପର୍କରେ ଏକ ପ୍ରାପ୍ତ ହେଉଥିବା ଘଟଣା ଅଟେ । ଏହାର ଅର୍ଥ ପ୍ରେରକ ଏହାକୁ ନିୟନ୍ତ୍ରିତ କରୁନଥିବାରୁ ଏହା ପ୍ରାପ୍ତ କର୍ତ୍ତାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ବା ଅନ୍ୟ ଅର୍ଥରେ ଦର୍ଶକଙ୍କ ଦ୍ୱାରା ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ବକ୍ତା କୁଶଳୀ ଅଟେ ଏବଂ ହିନ୍ଦୀରେ ବୁଝିପାରୁନଥାନ୍ତି ତେବେ ଏଠାରେ କୌଣସି ବାସ୍ତବିକ ଯୋଗାଯୋଗ ସମ୍ଭବ ହୋଇନଥାଏ ।

ଏଥିପାଇଁ ଗଣସଂପର୍କର ସବୁଠାରୁ ମୂଲ୍ୟବାନ ପକ୍ଷ "ପ୍ରମୁଖ ଜନତା' ବା ଅନ୍ୟଶବ୍ଦରେ ଯୋଗାଯୋଗ ପ୍ରାପ୍ତ କରିଥିବା ଲୋକଙ୍କ ପାଖରେ ଯୋଗାଯୋଗକୁ କେନ୍ଦ୍ରିତ କରିବା । ଆସନ୍ତୁ ଏବେ ଆମେ

ଟୀପ୍‌ପଣୀ


ନିମ୍ନରେ ଦିଆଯାଇଥିବା ଉତ୍ପାଦ, ସେବା ତଥା ଏହାର ପ୍ରୟୋଗ କରୁଥିବା ଜନତାଙ୍କର ସୂଚୀ ଦେଖିବା ।

| ଉତ୍‌ପାଦ/ ସେବା | ଜନତା |
|---|---|
| ଚିକିତ୍ସାଳୟ | ରୋଗୀ |
| ବ୍ୟାପାରି | ଗ୍ରାହକ |
| ସ୍କୁଲ | ଛାତ୍ର |
| ଟେଲିଭିଜନ | ଦର୍ଶକ |
| ରେଡିଓ | ଶ୍ରୋତା |
| ଗଣଯୋଗାଯୋଗ ପାଇଁ NIOS ପାଠ୍ୟପୁସ୍ତକ | |

ଆପଣଙ୍କ ଭଳି ଶିଖିବାପାଇଁ ଥିବା ଲୋକ ।

ଉପରୋକ୍ତ ସୂଚୀରେ ଆପଣଙ୍କୁ ଏହା ଲକ୍ଷିତ ସମୂହ ବା ଜନତା, ରୋଗୀ ପ୍ରାପ୍ତ ହେବ ଯାହା ଉପରେ ଚିକିତ୍ସାଳୟ ନିଜର ଯୋଗାଯୋଗ କେନ୍ଦ୍ରିତ କରିଥାଏ । ଏହିପରି ଭାବରେ ବ୍ୟାପାରୀ ଗ୍ରାହକଙ୍କୁ, ସ୍କୁଲ ଛାତ୍ରଙ୍କୁ, ଟେଲିଭିଜନ ଦର୍ଶକ ମାନଙ୍କୁ, ରେଡିଓ ଶ୍ରୋତାମାନଙ୍କୁ, ତଥା NIOS ଶିଖିବାକୁ ଇଚ୍ଛାଥିବା ଲୋକମାନଙ୍କୁ ସମ୍ବୋଧିତ କରିଥାଏ ।

ଆପଣ ଏହା ମଧ୍ୟ ପ୍ରାପ୍ତ କରିବେ ଉପରୋକ୍ତ ଲକ୍ଷିତ ସମୂହ ବା ଲୋକଙ୍କର ଆକାଂକ୍ଷା, ରୁଚି ତଥା ଜରୁରୀ ଅଲଗା ଅଲଗା ଅଟେ । ଏହି ଅନ୍ତରକୁ ବୁଝାଇବା ଏବଂ ପ୍ରଭାବି ଢଙ୍ଗରେ ଯୋଗାଯୋଗ ଗଣସଂପର୍କର ଏକ ଅନିବାର୍ଯ୍ୟ କୌଶଳ ଅଟେ । ଏଠାରେ ବୁଝାଇବା ତଥା ପ୍ରଭାବୀ ପ୍ରଭାବଶାଳୀ ଶବ୍ଦ ଅଟେ । ଗଣ ସଂପର୍କର ସ୍ଥିତି ଲୋକଙ୍କର ଇଚ୍ଛା, ରୁଚି ବା ଜରୁରୀତାକୁ ବୁଝାଇକରି ନୁହେଁ କେବଳ ନିଜର ଜରୁରତାର ଅନୁସାରେ ଏମାନଙ୍କର ସହଯୋଗକୁ ପ୍ରାପ୍ତ କରିବା ଅଟେ । ସଡ଼କ ଉପରେ ଲଗା ଯାଇଥିବା ସାଇନ୍‌ବୋର୍ଡ ଗଣସଂପର୍କର ଏକ ସାମାନ୍ୟ ଉଦାହରଣ ଅଟେ ।




**ଚିତ୍ର : 19.1 ସାଇନ୍‌ବୋର୍ଡ**

ଏହି ପ୍ରକାରରେ ଆମେ ଗଣମାଧ୍ୟମରେ କହିପାରିବା କି ଯୋଗାଯୋଗର ପ୍ରକ୍ରିୟାରେ ନିମ୍ନଲିଖିତ ତିନୋଟି ଗୋଟିଏ ପରେ ଅନ୍ୟ ସୋପାନଟି ସମ୍ମିଳିତ ଅଟେ ।

**ଜାଗରୁକତା:-** ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିବା ଦରକାର ।

**ସ୍ୱୀକାରତା:-** ଲୋକମାନଙ୍କୁ ବାର୍ତ୍ତା ସହିତ ରାଜି ହେବା ନିହାତି ଆବଶ୍ୟକ ।

**କାର୍ଯ୍ୟାନୁଷ୍ଠାନ :-** ତଦନୁସାରେ ଲୋକମାନଙ୍କୁ କାର୍ଯ୍ୟାନୁଷ୍ଠାନ ବା ଅନ୍ତକ୍ରିୟା କରିବା ଦରକାର ।

ଏହାକୁ ବୁଝିବାପାଇଁ ଆମେ ଧୁଆହେବା ପାଉଡରର ଗୋଟିଏ ନୂଆ ବ୍ରାଣ୍ଡ ଟେଲିଭିଜନ୍ ବିଜ୍ଞାପନରୁ ଉଦାହରଣ ସ୍ୱରୂପ ନେବା । କିଛି ଦର୍ଶକ ଉତ୍ପାଦକର ଗୁଣବତ୍ତା ଉପରେ ରାଜି ହୋଇଥାନ୍ତି । ତେଣୁ ସେମାନେ ଉତ୍ପାଦକୁ କିଣିବାପାଇଁ ନିର୍ଣ୍ଣୟ ନେଇଥାନ୍ତି ଏବଂ ଏହାକୁ ବ୍ୟବହାର କରନ୍ତି ।

ପୁନର୍ବାର ଏହାକୁ ସରଳକରିବା ପାଇଁ ଆମେ କହିପାରିବା ।

ଗଣସଂପର୍କ ଆପଣ ଯାହା କରନ୍ତି, ଆପଣ ଯାହା କହନ୍ତି ଏବଂ ଆପଣଙ୍କ ବିଷୟରେ ଯାହା କୁହାଯାଏ ତାହାର ପରିଣାମ ଅଟେ ।

ଉଦାହରଣ ପାଇଁ ଆପଣ ଯେତେବେଳେ ବଜାରରେ ଜିନିଷ କିଣୁଥାନ୍ତି ସେତେବେଳେ ସେଲ୍ସମ୍ୟାନ୍ଙ୍କ ପ୍ରତି ଆପଣଙ୍କ ବ୍ୟବହାର ତଥା ସେମାନେ ଯେଉଁ ପ୍ରକ୍ରିୟା କରନ୍ତି ଏଥିରେ ଆପଣ ଜାଣିପାରନ୍ତି ବାସ୍ତବରେ ବିକ୍ରୟ ହେଉଛି ବା ନାହିଁ ।

ଏହି ପ୍ରକାର କୌଣସି ସାକ୍ଷାତ୍କାର ସମୟରେ ଆପଣଙ୍କ ପ୍ରଥମ ନଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନଜର ସେତେବେଳେ ପଡିଥାଏ ଯେତେବେଳେ ଆପଣ ଗୃହମଧ୍ୟକୁ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ରୂପରଙ୍ଗ, ବେଶପୋଷାକ, ଆପଣଙ୍କ ବ୍ୟବହାର ଆପଣଙ୍କ ଦୃଷ୍ଟିକୋଣ ଏବଂ ଆପଣଙ୍କ ବକ୍ତବ୍ୟର ମାଧ୍ୟମରେ ଏହା ସ୍ପଷ୍ଟ ବାରି ହୋଇଯାଏ ।

## କାର୍ଯ୍ୟକଳାପ 19.1

ସନ୍ଧ୍ୟା ସମୟରେ ବୁଲିବା ସମୟରେ ଆପଣଙ୍କ ନିକଟବର୍ତ୍ତୀ ସୁପର ମାର୍କେଟକୁ ଯାଇ ଆପଣ ଏହା ଦେଖନ୍ତୁ କି କେଉଁ ଉତ୍ପାଦନକୁ ବିକିବାପାଇଁ କେଉଁ ପ୍ରକାର ଗଣସଂପର୍କର ଗତିବିଧି ଚାଲୁଅଛି, ଆପଣ ଯୋଗାଯୋଗ ଏବଂ ଅନୁଭବ ଏହି ଦୁଇଟି ଆଧାରରେ କେତୋଟି ଧାଡି ଲେଖନ୍ତୁ ।

## ପାଠ୍ୟଗତ ପ୍ରଶ୍ନ 19.1

ରେଖାଙ୍କିତ ଶବ୍ଦ ମଧ୍ୟରୁ ଉଚିତ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର:-



ଟୀପ୍‌ପଣୀ

1)- ତଥା ଗଣସଂପର୍କ ଜଣେ ଅନ୍ୟଜଣଙ୍କ ସହିତ ମିଳିତ ଭାବରେ ଥାଆନ୍ତି ।

(ବିଜ୍ଞାପନ, ଯୋଗାଯୋଗ, ଟେଲିଭିଜନ)

2)- ଗଣସଂପର୍କ __________ଦ୍ୱାରା ନିୟନ୍ତ୍ରିତ ଘଟଣା ଅଟେ ।

(ପ୍ରେରକ, ପ୍ରାପ୍ତକର୍ତ୍ତା ଏବଂ ବାର୍ତ୍ତା)

3)- ଗଣସଂପର୍କର ସବୁଠାରୁ ବଡ ପକ୍ଷ ____________ ଦ୍ୱାରା କେନ୍ଦ୍ରିତ ହୋଇଥାଏ ।

(ଉତ୍ପାଦ, ଜନତା, ସେବା)

4)- ଗଣସଂପର୍କ ସଂଗଠନ ଏବଂ ଏଥିରେ ଥିବା ଲୋକଙ୍କ ମଧ୍ୟରେ ଗୋଟିଏ ________ ମାର୍ଗୀୟ ପ୍ରକ୍ରିୟା ଅଟେ ।

(୧,୨,୪)

5)- ଏକ ରାଜନୈତିକ ସଭାର କେନ୍ଦ୍ରିତ ହେଉଥିବା ଲକ୍ଷ୍ୟ ସମୂହ ________ଅଟେ ।

(ଉପଭୋକ୍ତା, ରୋଗୀ, ଭୋଟଦାତା)

II)- ଗଣସଂପର୍କର ପରିଭାଷା ଗଣନା କରନ୍ତୁ:-

## 19.2 ଭାରତରେ ଗଣସଂପର୍କର ଉତ୍ପତ୍ତି:-

ଆସନ୍ତୁ ଏବେ ଦେଖିବା ଭାରତରେ ଗଣସଂପର୍କର ଉତ୍ପତ୍ତି ସମ୍ପର୍କରେ ।

ଆପଣ ଏଭଳି ରାଜାମାନଙ୍କର କାହାଣୀ ପଢିଥିବେ ଯେଉଁମାନେ କି ଲୋକଙ୍କ ସମ୍ପର୍କରେ ଜାଣିବାପାଇଁ କି ଲୋକମାନେ ସେମାନଙ୍କ ଶାସନ ସମ୍ପର୍କରେ କିଭଳି ଚିନ୍ତା ବ୍ୟକ୍ତ କରୁଛନ୍ତି । ସେଥିପାଇଁ ସେମାନେ ବେଶ ବଦଳାଇ ରାଜ୍ୟସାରା ଘୁରି ବୁଲୁଥିଲେ ।

ଆରବୀୟ ଗଣରେ ଏହା ସୂଚାଇ ଦିଆଯାଇଛି କି କିଭଳି ଭାବରେ ପ୍ରସିଦ୍ଧରାଜା ଫାରୁକ୍ ଅଲ୍ ରସିଦ୍ ନିଜେ ଏହା ଉପଲବ୍ଧି କରିବାପାଇଁ ଲୋକମାନେ ତାଙ୍କର ଶାସନକୁ କିଭଳି ଦୃଷ୍ଟିରେ ବିଚାର କରୁଛନ୍ତି । ରାତିରେ ବେଶ ବଦଳାଇ ଘୁରି ବୁଲୁଥିଲେ ।

ପେଶ୍ୱାରର ଭାଟ ରାଜାରାଣୀଙ୍କ କିର୍ତ୍ତୀଗାନ କରିବାପାଇଁ ରାଜ ଦରବାରକୁ ନିମନ୍ତ୍ରିତ ହେଉଥିଲେ । ଏଭଳି ଲୋକ ବି ଥା'ନ୍ତି ଯେଉଁମାନେ ରାଜାଙ୍କୁ ଲୋକମାନଙ୍କର ଚିନ୍ତା ଏବଂ ଦୃଷ୍ଟି ବିଷୟରେ ସୂଚୀତ



ଟୀପ୍‌ପଣୀ

କରୁଥିଲେ । ରାମାୟଣରେ ଭଦ୍ର ନାମକ ଏକ ଚରିତ୍ରଥିଲେ ଯିଏ କି ରାମଚନ୍ଦ୍ରଙ୍କୁ ପ୍ରଜାଙ୍କ ଅନୁଭୂତି ଏବଂ ଦୃଷ୍ଟିକୋଣ ସମ୍ପର୍କରେ ବୁଝାଉଥିଲେ ।

ଏହି ସମସ୍ତ ପ୍ରାଚୀନ ଭାରତରେ ଅସ୍ତିତ୍ୱରେ ଥିବା କିଛି ଗଣସମ୍ପର୍କର ଉଦାହରଣ ଅଟେ ।

ଗୌତମ ବୁଦ୍ଧଙ୍କଠାରୁ ଶଙ୍କରାଚାର୍ଯ୍ୟ, ଗୁରୁନାନକ ଏବଂ କବିର ଏହି ସମସ୍ତ ପ୍ରେରକ ଏହିଭଳି ଭାଷାରେ ଯୋଗାଯୋଗ ଯେପରି ଲୋକମାନଙ୍କୁ ବୁଝିବାପାଇଁ ସହଜ ହେଉଥିଲା ।

ଏମାନେ ସମସ୍ତେ ଜଣେ ଜଣେ ସଦକ୍ଷ ଯୋଗାଯୋଗକାରୀ ଥିଲେ । ଯୋଗାଯୋଗଙ୍କ ଦକ୍ଷତାର ଅନ୍ୟ ଏକ ଶ୍ରେଷ୍ଠ ଉଦାହରଣ ଅଟନ୍ତି ମହାତ୍ମାଗାନ୍ଧୀ ଯିଏକି ସ୍ୱାଧିନତା ଲାଭ କରିବା ପାଇଁ ପୂରା ଦେଶକୁ ଏକଜୁଟ କରିବାରେ ସଫଳ ହୋଇଥିଲେ ।

ସମସ୍ତବ୍ୟକ୍ତି ଏଭଳି ଭାଷାରେ ଲୋକମାନଙ୍କର ମାନସିକତାକୁ ଗୋଟିଏ ଏଭଳି ପଥରେ ବିଶେଷ ଭାବରେ ବଦଳି ଦେବାପାଇଁ ଲୋକମାନଙ୍କୁ ଉପଦେଶ ଦେଉଥିଲେ, ଯାହା ଲୋକମାନେ ସହଜରେ ବୁଝି ପାରୁଥିଲେ ।

ବାବା ରାମଦେବ ଏବଂ ଶ୍ରୀ ଶ୍ରୀ ରବିଶଙ୍କର ଭଳି ଆଧାତ୍ମିକ ଗୁରୁମାନେ ମଧ୍ୟ ନିଜର ସରଳ ଏବଂ ସିଧା ଉପାୟରେ ନିଜର ଅନୁଗାମୀମାନଙ୍କୁ ଏକ ବିଶେଷ ଜନସମୂହ ତିଆରି କରିବାପାଇଁ ସଫଳ ହୋଇଥିଲେ ।

ଭାରତରେ ଗଣସଂପର୍କର ସୁବ୍ୟବସ୍ଥିତ ରୂପରେ 1920 ଦଶକରେ ଭାରତୀୟ ରେଳ ଆରମ୍ଭ କରିଥିଲା । ରେଳରେ ପ୍ରଦର୍ଶନୀ ସମାରୋହ ଏବଂ ସମ୍ବାଦପତ୍ରରେ ବିଜ୍ଞାପନ ଭଳି ଗଣସଂପର୍କର ଗତିବିଧିର ପ୍ରୟୋଗ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଳୀମାନଙ୍କୁ ଭାରତ ପ୍ରତି ଆକୃଷ୍ଟ କରିବାପାଇଁ କରିଥିଲା ।

## 19.3 ସରକାରୀ ଗଣସଂପର୍କ ସଂଗଠନ

ଭାରତ ଭଳି ଗଣତନ୍ତ୍ରରେ ଆପଣ ମାନିବେ ସରକାରଙ୍କ ଅସ୍ଥିତ୍ୱ ପାଇଁ ଗଣସମର୍ଥନର ଆବଶ୍ୟକତା ଜରୁରୀ ଅଟେ । ଏଥିପାଇଁ ସରକାରଙ୍କୁ ନିଜର ଉଦ୍ଦେଶ୍ୟ ପ୍ରାପ୍ତ କରିବାପାଇଁ ସୂଚୀତ ପ୍ରେରଣ କରିବା ଦରକାର ହୋଇଥାଏ । ଲୋକମାନଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନ କରି ଅନ୍ତତଃ ଲୋକମାନଙ୍କ ସମର୍ଥନ ପାଇବା ଏହାର ମୁଖ୍ୟ କାରଣ ଅଟେ ।

ଆସନ୍ତୁ ଆମେ ଦେଖିବା ସରକାରଙ୍କ ପାଇଁ ଏହି ଆବଶ୍ୟକତା କ'ଣ ଅଟେ ଯାହାକି ଲୋକମାନେ ନିଜର ଯୋଜନା ବା କାର୍ଯ୍ୟକାରୀ ସମ୍ପର୍କରେ ସୂଚୀତ ରଖିଥାଏ ତଥା ଏହା ସୂଚାଇ ଦେଇଥାଏ କିପରି ଏହା ପୂରଣ କରାଯିବ ।

ଟୀପ୍‌ପଣୀ

ପ୍ରଥମ ବିଶ୍ୱଯୁଦ୍ଧ(1914 ରୁ 1918 )ସମୟରେ ଭାରତ ସରକାର ଗୋଟିଏ ସେଣ୍ଟ୍ରାଲ ପବ୍ଲିସିଟି ବୋର୍ଡ ଗଠନ କରିଥିଲେ । ଏହି ଗଣସଂପର୍କ ଭାରତ ସରକାରଙ୍କ ସୂଚନା ଉପକ୍ରମର ପ୍ରଥମ ସଂଗଠିତ ପ୍ରଚେଷ୍ଟା ଥିଲା । ଏହାକୁ ପୁଣି ଥରେ ସେଣ୍ଟ୍ରାଲ ବ୍ୟୁରୋଅଫ୍ ଇନ୍‌ଫରମେସନ୍ ନାମରେ ନାମିତ କରାଗଲା । ପରେ ଏହାର ନାମ ବଦଳାଯାଇ ବ୍ୟୁରୋ ଅଫ୍ ପବ୍ଲିକ୍ ଇନ୍‌ଫରମେସନ୍ କରିଦିଆଗଲା । ଏହା ସରକାର ତଥା ପ୍ରେସଙ୍କ ମଧ୍ୟରେ ସେତୁ ସଦୃଶ୍ୟ କାମ କରୁଥିଲା । ଏହାର ଏଜେଣ୍ଡାର ଏକ ଅଂଶ ଏହା ଜାଣିବା ପାଇଁ କି ସରକାରଙ୍କର କାର୍ଯ୍ୟାନୁଷ୍ଠାନର କ'ଣ ଆଲୋଚନା ହେଉଅଛି । ଆଜିର ଶବ୍ଦାବଳୀରେ ଏହାକୁ ପ୍ରତିପୃଷ୍ଟି ବା ଫିଡ୍‌ବ୍ୟାଗ୍ କୁହାଯାଉଛି ।

ସ୍ୱାଧୀନତା ପ୍ରାପ୍ତିପରେ 1947 ରେ ଭାରତ ସରକାର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଗଠନ କଲେ, ଯେଉଁଥିରେ ଗଣସଂପର୍କର କାର୍ଯ୍ୟାବଳୀ ଦେଖିବାପାଇଁ ପେଶାଦାର ଲୋକମାନଙ୍କୁ ରଖାଗଲା । ଆସନ୍ତୁ ଆମେ ଏହି ମନ୍ତ୍ରଣାଳୟର ବିଭାଗ ସଂପର୍କରେ ଜାଣିବା ।

**ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ**

**ସୂଚନା** | **ପ୍ରସାରଣ** | **ଚଳଚିତ୍ର**

**ଚିତ୍ର : 19.2**

ଆପଣଙ୍କୁ ଏହାବି ଜାଣିବା ଦରାକର ଏହି ମନ୍ତ୍ରଣାଳୟରେ ବିଶେଷ ବିଭାଗ ଅଟେ ଯାହା ଭାରତ ସରକାରଙ୍କର ଜନସୂଚନା ନିୟନ୍ତ୍ରଣ କରିଥାଏ । ଏହାକୁ ମିଡିଆ ୟୁନିଟ୍ କୁହାଯାଏ ଏବଂ ଏହା ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ ତା'ର କାର୍ଯ୍ୟକ୍ରମ ବିଷୟରେ ସୂଚୀତ କରାଇଥାଏ ।

- ଅଲ ଇଣ୍ଡିଆ ରେଡିଓ (ଏଆଇଆର୍)
- ଦୂରଦର୍ଶନ କେନ୍ଦ୍ର(ଡି ଡି କେ)
- ଫିଲ୍ମ ଡିଭିଜନ(ଏଫ୍‌ଡି)
- ପ୍ରେସ୍ ଇନ୍‌ଫରମେସନ ବ୍ୟୁରୋ(ପିଆଇବି)
- ରେଜିଷ୍ଟାର ଅଫ୍ ନ୍ୟୁଜ୍‌ପେପର ଅଫ୍ ଇଣ୍ଡିଆ(ଆର୍ ଏନ୍ ଆଇ)
- ନାସ୍‌ନାଲ୍ ଫିଲ୍ମ ଆରକିଭ ଅଫ୍ ଇଣ୍ଡିଆ(ଏନ୍‌ଏଫ୍‌ଆଇ)
- ଫଟୋ ଡିଭିଜନ

ଟୀପ୍ପଣୀ

- ଫିଲ୍ମ ଏଣ୍ଡ ଟେଲିଭିଜନ ଇଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏଫ୍‌ସିଆଇଆଇ)
- ଡାଇରେକ୍‌ଟୋରେଟ୍ ଅଫ୍ ଫିଲ୍ମ ଫେଷ୍ଟିଭାଲ
- ଡାଇରେକ୍‌ଟୋରେଟ୍ ଅଫ୍ ଆଡ୍‌ଭଟାଇଜିଙ୍ଗ ଆଣ୍ଡ ଭିଜୁଆଲ ପବ୍ଲିସିଟି ।
- ସଙ୍ଗ୍ ଆଣ୍ଡ ଡ୍ରାମା ଡିଭିଜନ ।
- ରିସର୍ଚ୍ଚ ଆଣ୍ଡ ରେଫରେନ୍‌ସ ଡିଭିଜନ ।

ଉପରୋକ୍ତ ମିଡିଆ ଖଣ୍ଡ ଲୋକମାନଙ୍କୁ ସୂଚିତ କରିବାପାଇଁ ଯୋଗାଯୋଗର ବିଧି ବ୍ୟବସ୍ଥାର ଉପଯୋଗର ବିଶେଷଜ୍ଞ ଅଟନ୍ତି ।

ସେହି ଉଦ୍ଦେଶ୍ୟ ପ୍ରାପ୍ତ କରିବାପାଇଁ ମିଡିଆର ବୃହତ୍ ପ୍ରକାର ଯେପରି ପ୍ରେସ୍, ବିଜ୍ଞାପନ, ନାଟ୍ୟକଳା, ମିଳିତ ଆଲୋଚନା, ବହି ସମୂହ, ଟେଲିଭିଜନ, ରେଡିଓ ଏବଂ ଫିଲ୍ମର ଉପଯୋଗ କରାଯାଇଥାଏ ।

ନିମ୍ନରେ ଦିଆଯାଇଥିବା ଚାର୍ଟ ହିସାବରେ ଗୋଟିଏ ଦୃଷ୍ଟି ଆପଣଙ୍କୁ ଉପରୋକ୍ତ ମଧ୍ୟରୁ ପ୍ରତ୍ୟେକ ମିଡିଆ ଖଣ୍ଡରୁ ଆପଣଙ୍କ କାର୍ଯ୍ୟ ସଂପୂର୍ଣ୍ଣପାଇଁ ପ୍ରଯୁକ୍ତ ଗଣମାଧ୍ୟମର ପ୍ରକାର ଭେଦ ବିଷୟରେ ସୂଚିତ କରିବ ।

| ମିଡିଆଖଣ୍ଡ | ପ୍ରଯୁକ୍ତ ଗଣମାଧ୍ୟମ |
|---|---|
| (i) ଏ ଆଇ ଆର | (a) ରେଡିଓ |
| (ii) ଡି ଡି କେ | (b) ଟେଲିଭିଜନ |
| (iii) ଏଫ୍ ଡି | (c) ଫିଲ୍ମ |
| (iv) ପି ଆଇ ବି | (d) ପ୍ରିଣ୍ଟ |
| (v) ଆରଏନ୍‌ଏଫ୍ ଆଇ | (e) ପ୍ରିଣ୍ଟ |
| (vi) ଏନ୍ ଏଫ୍ ଏ ଆଇ | (f) ଫିଲ୍ମ |
| (vii) ଫଟୋ ଡିଭିଜନ | (g) ଫଟୋଗ୍ରାଫ୍ |
| (viii) ଏନ୍ ଏଫ୍ ଡି ସି | (h) ଫିଲ୍ମ |
| (ix) ଏନ୍‌ସିଏଫ୍‌ସି ବାଇ ପି | (i) ଫିଲ୍ମ |
| (x) ଡି ଏଫ୍ ଏଫ୍ | (j) ଫିଲ୍ମ |
| (xi) ପବ୍ଲିକେସନ ଡିଭିଜନ | (k) ପ୍ରିଣ୍ଟ୍ |
| (xii) ଡାଇରେକ୍‌ଟୋରେଟ୍ ଅଫ ଫିଲ୍ଡ ପବ୍ଲିସିଟି | (l) ଫିଲ୍ମ ଆଉଟ୍‌ଡୋର ମିଡିଆ |
| (xiii) ଆଇଡି ଏଭିପି | (m) ପ୍ରିଣ୍ଟ, ରେଡ଼ିଓ |



ଟୀପ୍ପଣୀ

(xiv) ସଙ୍ଗ ଆଣ୍ଡ ଡ୍ରାମା ଡିଭିଜନ — (n) ଟେଲିଭିଜନ, ଆଉଟ୍‌ଡୋର

(xv) ମିଡିଆ ପ୍ରଦର୍ଶନୀ — (o) ନାଟକ, ଲୋକଗୀତ ବୋଲେ ।

କିଛି ସରକାରୀ ମିଡିଆ ଖଣ୍ଡର ବିବରଣୀ ନିମ୍ନ ପ୍ରଦତ୍ତ ଅଟେ:-

**କ) ପ୍ରେସ୍ ଇନ୍‌ଫରମେଶନ୍ ବ୍ୟୁରୋ:-**

ଯେପରିକି ନାମରୁ ଏହା ଜଣାପଡୁଛି ଏହି ସଂଗଠନ ମୁଦ୍ରିତ ମାଧ୍ୟମର ପ୍ରେସ୍‌କୁ ଅଧିକା ସୂଚନା ପ୍ରଦାନ କରିଥାଏ । ଏହି ମିଡିଆ ଖଣ୍ଡର ଅଧିକାରୀ ନିୟମିତ ରୂପରେ ବିଭାଗ ବିଶେଷର ବିଭିନ୍ନ ଗତିବିଧି / ପ୍ରଗତି ସଂବନ୍ଧୀୟ ସମ୍ବାଦର ପ୍ରେସ୍ ବିଜ୍ଞପ୍ତି ଜାରି କରିଥାନ୍ତି । ପ୍ରତ୍ୟେକ ମନ୍ତ୍ରଣାଳୟର ଗୋଟିଏ ଅଲଗା ସୂଚନା ଅଧିକାରୀ ଥାଆନ୍ତି ଯିଏ ପିଆଇବିଙ୍କୁ ସୂଚନା ଦେଇଥାଏ । ପିଆଇବିର ପ୍ରମୁଖ ପ୍ରିନ୍‌ସିପାଲ ଇନ୍‌ଫରମେଶନ ଅଫିସର(ପିଆଇଓ) ଭାରତ ସରକାରଙ୍କର ଅଧିକାରୀକ ପ୍ରବକ୍ତା ଅଟନ୍ତି ।

**ଖ) ଡାଇରେକ୍‌ଟୋରେଟ୍ ଅଫ୍ ଏଡ୍‌ଭ ଟାଇଜିଙ୍ଗ ଆଣ୍ଡ ଭିଜୁଆଲ ପବ୍ଲିସିଟି(ବିଜ୍ଞାପନ ବା ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ)ଡିଏବିପି**

ଡିଏବିପି ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ମିଡିଆ ପ୍ରଚାର ବା ବିଜ୍ଞାପନ ଅଭିଯାନ ପାଇଁ ଉତ୍ତରଦାୟୀ ଅଟନ୍ତି । ଏହା ବିଭିନ୍ନ ମାଧ୍ୟମ ଯେପରି ସମ୍ବାଦପତ୍ର, ପତ୍ରିକା, ରେଡିଓ, ଟେଲିଭିଜନ ପାଇଁ ମନ୍ତ୍ରଣାଳୟ ବା ସରକାରୀ ବିଭାଗର ବିଜ୍ଞାପନ ପ୍ରସ୍ତୁତ କରିଥାଏ ।

**ଗ)ଫଟୋ ଡିଭିଜନ:-**

ଫଟୋ ଡିଭିଜନର କାର୍ଯ୍ୟ ସରକାରଙ୍କର ବିଭିନ୍ନ ପକ୍ଷରୁ ଫଟୋ ଉତ୍ତୋଳନ କରି ଏହାକୁ ଗଣମାଧ୍ୟମ ପାଇଁ ଉପଲବ୍ଧ କରାଇବ ଉଦାହରଣ ସ୍ୱରୂପ ଯଦି କେଉଁ ରାଷ୍ଟ୍ରପତିଙ୍କର ଅଧିକାରୀ ସ୍ତରରେ ଫଟୋ ଆବଶ୍ୟକ ପଡେ ଫଟୋ ଡିଭିଜନ ତାହା ଉପଲବ୍ଧି କରାଇଥାଏ ।

**ଘ) ଫିଲ୍ମ ପବ୍ଲିସିଟି ଖଣ୍ଡ:-**

ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ବା ଯୋଜନାର ପ୍ରଚାର କ୍ଷେତ୍ର ପ୍ରଚାର ଖଣ୍ଡ ଦ୍ୱାରା କରାଯାଇଥାଏ । ଏହା ପ୍ରଦର୍ଶନୀ ଏବଂ ମେଳା ଆୟୋଜନ କରିଥାଏ ତଥା ଅନ୍ୟାନ୍ୟ ପ୍ରଚାର ସାମଗ୍ରୀ ପ୍ରଦାନ କରିଥାଏ ।

**ଙ) ସଙ୍ଗ ଆଣ୍ଡ୍ ଡ୍ରାମା ଡିଭିଜନ(ଗୀତ ବା ନାଟକ ପ୍ରଚାର):-**

ଏହି ଖଣ୍ଡ ସଂଗୀତ ନାଟକ ବା ଲୋକ/ ପାରମ୍ପରିକ ମାଧ୍ୟମର ଉପଯୋଗ କରି ବିଭିନ୍ନ ସରକାରୀ

କାର୍ଯ୍ୟକ୍ରମର ପ୍ରଚାର କରିଥାଏ । ଏମାନଙ୍କ ପାଖରେ କଳା ପ୍ରଦର୍ଶନ କରୁଥିବା କଳାକାର ଥାଆନ୍ତି ଯିଏ ଏହି ଗତିବିଧିକୁ ବାସ୍ତବରୂପ ଦେଇଥାଏ ।

**ଚ) ଫିଲ୍ମ ଡିଭିଜନ:-**

ଏହି ବିଭାଗ ସରକାରଙ୍କର ପ୍ରଚାର ଆଧାରିତ ଫିଲ୍ମ ପ୍ରସ୍ତୁତ କରିଥାଏ । ଏହା ବିଭିନ୍ନ ଭାଷାରେ ସାରାଦେଶରେ ସିନେମାଗୃହରେ ପ୍ରଦର୍ଶନ ପାଇଁ ନ୍ୟୁଜ୍‌ରିଲ୍ ଆକାରରେ ପ୍ରସ୍ତୁତ କରାଯାଇଥାଏ ।

**ଛ) ରିସର୍ଚ୍ଚ ଏବଂ ରେଫରେନ୍ସ ବିଭାଗ:-**

ଏହି ବିଭାଗ ବିଭିନ୍ନ ମନ୍ତ୍ରଣାଳୟର ଅନୁସନ୍ଧାନ ଆଧାରିତ ସାମଗ୍ରୀ ଉପଲବ୍ଧ କରାଇଥାଏ ।

## ଏକ୍ସଟର୍‌ନାଲ ପବ୍ଲିକ୍ ଡିଭିଜନ:-

ବାହାର ବିଷୟର ମନ୍ତ୍ରଣାଳୟରେ ମିଡିଆ ଏବଂ ପ୍ରଚାରକୁ ନିୟନ୍ତ୍ରିତ କରିବା ପାଇଁ ଅଧିକାରୀଙ୍କ ପ୍ରବକ୍ତାଙ୍କ ସହିତ ଏକ ଅଲଗା ଖଣ୍ଡ ଥାଏ । ଲୋକମାନେ ଏହାକୁ ଏକ୍ସପି ଡିଭିଜନ ଭାବରେ ମଧ୍ୟ ଜାଣିଥାନ୍ତି ।

କୌଣସି ସମ୍ବାଦପତ୍ରରେ ଛପାଯାଇଥିବା ବିଜ୍ଞାପନର ଗୋଟିଏ ସୂଚୀ ପ୍ରସ୍ତୁତ କରନ୍ତୁ ଏବଂ ଦେଖନ୍ତୁ ଗୋଟିଏ ସପ୍ତାହ ମଧ୍ୟରେ ଏଥିରେ କେତେ ବିଜ୍ଞାପନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

ଯେପରିକି ଆମେ କେନ୍ଦ୍ର ସରକାରଙ୍କ କ୍ଷେତ୍ରରେ ଦେଖିଲେ, ପ୍ରତ୍ୟେକ ରାଜ୍ୟ ସରକାରଙ୍କ ମଧ୍ୟରେ ଗୋଟିଏ ଗଣସଂପର୍କ ବିଭାଗ ମଧ୍ୟ ଥାଏ ଯାହା ନିଜର ମିଡିଆ ବ୍ୟକ୍ତିଙ୍କ ମାଧ୍ୟମରେ ଜନ ସାଧାରଣଙ୍କୁ ସୂଚନା ପ୍ରଦାନ କରିଥାଏ । ଏହାର ଗଠନ ସାଧାରଣ ଜଟିଳ ତଥା ଆବଶ୍ୟକତା ଆଧାରିତ ଅଟେ ।

ପ୍ରତ୍ୟେକ ରାଜ୍ୟରେ ସୂଚନା ତଥା ଜନସଂପର୍କ ନିର୍ଦ୍ଦେଶାଳୟ ଥାଏ ଯାହା କ୍ଷେତ୍ରପ୍ରଚାର ଅଧିକାରୀଙ୍କ ସହଯୋଗରେ ନିଜର କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

## ପାଠଗତ ପ୍ରଶ୍ନ 19.2

1)- ପ୍ରାଚୀନ ଭାରତରେ ଅସ୍ତିତ୍ୱରେ ଥିବା ଗଣସଂପର୍କର ଦୁଇଟି ଉଦାହରଣ ଦିଅନ୍ତୁ:-

2)- ସୂଚନା ପ୍ରସାରଣ ମନ୍ତ୍ରଣାଳୟର କୌଣସି 5 ଟି ମିଡିଆ ବିଭାଗର ନାମ ଦିଅନ୍ତୁ ଏବଂ ଏହା ସହିତ ସେମାନଙ୍କ ଦ୍ୱାରା ପ୍ରଯୁକ୍ତ ଗଣମାଧ୍ୟମର ପ୍ରକାର ଭେଦକୁ ଉଲ୍ଲେଖ କରନ୍ତୁ ।

| <u>ମିଡିଆଖଣ୍ଡ</u> | <u>ଗଣମାଧ୍ୟମ</u> |
|---|---|
| (i) | |
| (ii) | |



ଟୀପ୍ପଣୀ

(iii)

(iv)

(v)

## 19.4 ଗଣସଂପର୍କର ପ୍ରକାର ଭେଦ:-

ପୂର୍ବ ଅଧ୍ୟାୟରେ ଆପଣମାନେ ପଢିଲେ ଗଣସଂପର୍କର ବିଭିନ୍ନ ସଂଗଠନ ତଥା ଅଲଗା ଅଲଗା ଲୋକଙ୍କ ସଂପର୍କରେ ଗୋଟିଏ ବହୁବିଧ ଗତିବିଧି ସଂପର୍କରେ ।

କିନ୍ତୁ ଏହି ଗତିବିଧିରେ ଜନସଂପର୍କ ଉଦ୍ଦେଶ୍ୟ କ'ଣ ଅଟେ ? ଆସନ୍ତୁ ଆମେ ଗୋଟିଏ ସୂଚୀ ପ୍ରସ୍ତୁତ କରିବା ।

1) ଗୋଟିଏ ଉତ୍ପାଦର ଲାଭ ପାଇବାପାଇଁ ନିଶ୍ଚିତ ଶ୍ରୋତାମାନଙ୍କୁ ଶିକ୍ଷିତ କରାଇବା ସଂଗଠନ ପାଇଁ ସଦ୍‌ଭାବନା ସୃଷ୍ଟିକରିବା, ସଂଗଠନର ପ୍ରତିଷ୍ଠାକୁ ସୃଷ୍ଟି କରିବା, ଏହାକୁ ଠିକ୍ ଭାବରେ ପରିଚାଳିତ କରିବା ତଥା ସୁରକ୍ଷିତ ଭାବରେ ସଜାଇ କରି ରଖିବା । ଆସନ୍ତୁ ଏବେ ଆମେ ଗଣସଂପର୍କର କିଛି ବିଶିଷ୍ଟ କ୍ଷେତ୍ର ସଂପର୍କରେ ଅଧ୍ୟୟନ କରିବା ।

### ଉତ୍ପାଦନ ଗଣସଂପର୍କ

ଆପଣ ଯେତେବେଳେ ବଜାର ଯାଆନ୍ତି ସାବୁନ, ସାମ୍ପୋ ଏବଂ କପଡା ଧୁଆ ପାଉଡର କିଛି ନୂଆ ଉତ୍ପାଦନ ମିଳୁଥାଏ ଯାହାକୁ କି ଆକର୍ଷଣ ଢଙ୍ଗରେ ସଜାଇ କରି ଦୋକାନରେ ରଖାଯାଇଥାଏ ଆପଣ ଧ୍ୟାନ ଦେଇଥିବେ ସେଲ୍‌ସମ୍ୟାନ୍ ବା ସେଲ୍‌ସଓମ୍ୟାନ୍ ବଜାରରେ ଏହି ଉତ୍ପାଦକ ବସ୍ତୁର ଲାଭ ବିଷୟରେ ଆପଣ ମାନଙ୍କୁ ବୁଝାଇଥାନ୍ତି ।

ଏଥିରୁ ଆପଣ କ'ଣ ବୁଝନ୍ତି ?

ଏମାନେ କୌଣସି ନୂଆ ଉତ୍ପାଦକ ବସ୍ତୁକୁ ଆଣିବାପାଇଁ ଏହାର ପରିଚୟକୁ ଗଣସଂପର୍କ ଅଭ୍ୟାସ ଅଟେ । ଯେଉଁଥିରେ ଲୋକମାନଙ୍କୁ ଏହି ପ୍ରକାର ଏପରି ବସ୍ତୁକୁ କିଣିବାପାଇଁ ପ୍ରୋତ୍ସାହିତ କରାଯାଏ ।

I) ଏହାକୁ ବଜାରରେ ଥିବାର ସୂଚନାକୁ ଲୋକମାନଙ୍କ ପାଖରେ ପହଞ୍ଚାଇ କରି ।

II) ଅନ୍ୟାନ୍ୟ ବସ୍ତୁଠାରୁ ଏହି ଉତ୍ପାଦକ ବସ୍ତୁକୁ ଅଲଗା ଭାବରେ ବୁଝାଇକରି ।

ପ୍ରାୟତଃ ଏହି କାର୍ଯ୍ୟକୁ ଉପଭୋକ୍ତାଙ୍କର ଉପଯୋଗ ହେତୁ ଉତ୍ପାଦକର ନମୁନା ଦେଖାଇ କରାଯାଇଥାଏ ବା ଉତ୍ପାଦକ ବସ୍ତୁର କିଣା ଉପରେ କିଛି ରିହାତିର ପ୍ରସ୍ତାବ ଉପସ୍ଥାପନ କରି । ଆପଣମାନଙ୍କୁ କୌଣସି ସେଲ୍‌ସମ୍ୟାନ କୌଣସି ଉତ୍ପାଦକ ବସ୍ତୁର ନମୁନା ଦେଖାଇ ଏପରି କିଛି କରିଛନ୍ତି କି ?




**ଚିତ୍ର : 19.3 ଉତ୍ପାଦକର ପ୍ରଦର୍ଶନ**

ଏହି ପ୍ରକାର ଉପଭୋକ୍ତାଙ୍କୁ ବଜାରରେ ମିଳୁଥିବା ଉତ୍ପାଦକ ବସ୍ତୁର ସମ୍ବନ୍ଧରେ ମନେପକାଇ ଦିଆଯାଏ, ଯେପରିକି ଏକ ବିଶେଷ ବ୍ରାଣ୍ଡର ଚା' ବା କଫି ପାଉଡର ସମ୍ପର୍କରେ ।

ଉତ୍ପାଦକ ଗଣସଂପର୍କର ଉତ୍ପାଦକୁ ବଜାରରେ ଆଣିବାପାଇଁ ଲୋକମାନଙ୍କୁ ଏଥିପାଇଁ ପରିଚିତ କରାଇବା ପାଇଁ ନିମ୍ନଲିଖିତ ବିଧି ଗ୍ରହଣ କରାଯାଏ ।

(i) ବିଶେଷ ଘଟଣାର ଆୟୋଜନ ଦ୍ୱାରା

(ii) ପ୍ରଦର୍ଶନୀ ଦ୍ୱାରା

(iii) ୱିନ୍‌ଡୋ ଡିସ୍‌ପ୍ଲେ ଦ୍ୱାରା

(iv) ମିଡିଆ ପ୍ରଭାବ ଯେପରିକି ପ୍ରେସ୍ ଅଧିବେଶନ ଦ୍ୱାରା

(v) ମୁଦ୍ରିତ ସାମଗ୍ରୀ ଯେପରି ପ୍ଲାମପ୍ଲେଟ୍ ଏବଂ ବ୍ରୋଚର ବିରଣ ଦ୍ୱାରା

ଆସନ୍ତା ଅଧ୍ୟାୟରେ ଆପଣ ଏଥିମଧ୍ୟରୁ କିଛିଟାର ବିଧିସଂପର୍କରେ ଜାଣିବେ ।

ଟୀପ୍ପଣୀ




**ଚିତ୍ର : 19.4 ୱିନଡୋ ଡିସ୍‌ପ୍ଲେ**

## କର୍ମଚାରୀ ସମ୍ପର୍କ(ଏମ୍ପ୍ଲୟି ରିଲେସନ):-

ଆପଣମାନେ ଶିକ୍ଷାକଲେ କର୍ମଚାରୀ କୌଣସି କମ୍ପାନୀର ମହତ୍ତ୍ୱପୂର୍ଣ୍ଣ ପବ୍ଲିକ୍ ମଧ୍ୟରୁ ଗୋଟିଏ, ଏହା ଏଥିପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । କୌଣସି ସଂସ୍ଥା ତା'ର କର୍ମଚାରୀଙ୍କର ସଦ୍‌ଭାବନା ପ୍ରାପ୍ତ କରିବା ନିହାତି ଆବଶ୍ୟକ ଅଟେ ଏବଂ ନିଜର ଛବି ପ୍ରତିଷ୍ଠା ଏହି କର୍ମଚାରୀଙ୍କ ମଧ୍ୟରେ ସ୍ଥିର ରଖିବା ଉଚିତ୍ । ଏହା କିପରି ସମ୍ଭବ ହୋଇପାରିବ ?

ଉକ୍ତ କର୍ମଚାରୀ-ମାଲିକ ସମ୍ବନ୍ଧରେ ସୁଧାର ଆଣିବାପାଇଁ ସଂଯୁକ୍ତ ଯୋଗାଯୋଗର ଉପକରଣର ସହାୟତାରେ କରାଯାଇପାରିବ ।

ଆସନ୍ତୁ ଆମେ ସେଥିମଧ୍ୟରୁ କିଛିଟାର ଗୋଟିଏ ସୂଚୀ ପ୍ରସ୍ତୁତ କରିବା ।

- କମ୍ପାନୀର ଗତିବିଧି ଉପରେ ଆବଶ୍ୟକ ସୂଚନା ପ୍ରଦାନ କରୁଥିବା ନିଉଜ୍‌ଲେଟର ।
- କର୍ମଚାରୀ ମାନଙ୍କର କାର୍ଯ୍ୟ ପ୍ରଦର୍ଶନର ପ୍ରଶଂସା ତଥା ଏହାକୁ ପ୍ରଦର୍ଶନ କରୁଥିବା ବୁଲେଟିନ୍ ବୋର୍ଡ ।
- କର୍ମଚାରୀଙ୍କୁ ନଗଦ ପୁରସ୍କାର ବା ଉପହାର ହିସାବରେ ପ୍ରୋତ୍ସାହନ କରିବା ।

- କର୍ମଚାରୀ ବା ସେମାନଙ୍କର ପରିଜନଙ୍କର ଶିକ୍ଷାର ବ୍ୟବସ୍ଥା ପ୍ରଦାନ କରିବା ।

## ସରକାର ତଥା ରାଜନୀତିକ ସଂପର୍କ:-

ସରକାର ଚଲାଇବାପାଇଁ ଜନତାଙ୍କର ପ୍ରତିନିଧି ବାଛିବାପାଇଁ ନିର୍ବାଚନ ଆୟୋଜନର ବ୍ୟବସ୍ଥା ହୋଇଥାଏ । ଏହା ମତଦାନ ପ୍ରକ୍ରିୟାରେ କରାଯାଏ ଯେଉଁଥିରେ ଲୋକମାନେ ଭାଗ ନେଇଥାନ୍ତି । ଆମେ ଦେଖିବା କେଉଁ ଉପାୟରେ ଜନସଂପର୍କର ଉପଯୋଗ ଲୋକଙ୍କୁ ଆକର୍ଷିତ କରିବାପାଇଁ ରାଜନୈତିକ ଅଭିସନ୍ଧି ରକ୍ଷା କରାଯାଇଥାଏ ।

ଲୋକଙ୍କର ବିଶ୍ୱାସଭାଜନ ହେବାପାଇଁ ତଥା ସେମାନଙ୍କୁ ଭୋଟ ଦେବାପାଇଁ ରାଜି କରାଇବା କ୍ରମରେ ଅଭିଯାନ ବା ଜନସଭାର ଆୟୋଜନ କରାଯାଇଥାଏ ।




**ଚିତ୍ର : 19.5 ରାଜନୈତିକ ର୍ୟାଲି**

ଆପଣ ଆପଣଙ୍କ ଅଞ୍ଚଳରେ ଜନସଭାର ଆୟୋଜନ କରାଯାଉଥିବା ଦେଖିଥିବେ ଯେଉଁଥିରେ ନିଜର ରାଜନୈତିକ ଦଳର ଉପଲବ୍ଧିକୁ ନେତାମାନେ ବଖାଣିଥାଆନ୍ତି ଏବଂ ସେମାନଙ୍କ ସପକ୍ଷରେ ମତଦାନ କରିବାପାଇଁ ଉତ୍ସାହିତ କରିଥାନ୍ତି ।

ଲୋକମାନଙ୍କର ଧ୍ୟାନ ଆକର୍ଷଣ କରିବାପାଇଁ କାର୍ଯ୍ୟସ୍ଥଳ ମାନଙ୍କରେ ପୋଷ୍ଟର ତଥା ହୋଡିଙ୍ଗ ଲଗାଯାଇଥାଏ ।



ଟୀପ୍ପଣୀ




**ଚିତ୍ର : 19.6 ନିର୍ବାଚନୀ ପୋଷ୍ଟର**

ଲୋକମାନଙ୍କର ଲାଭପାଇଁ ବିଭିନ୍ନ ଯୋଜନାର ଘୋଷଣା କରାଯାଇଥାଏ ଯେପରିକି ସାର୍ବଜନୀନ ବିତରଣ ପ୍ରଣାଳୀର ମାଧ୍ୟମରେ ଶସ୍ତା ଦାମରେ ଚାଉଳ ଏବଂ ଗହମ ଭଳି ଆବଶ୍ୟକ ଉପଭୋକ୍ତା ସାମଗ୍ରୀ ଇତ୍ୟାଦିର ବିକ୍ରୟ ଏବଂ ପିଲାମାନଙ୍କ ଶିକ୍ଷାରେ ଛାଡ ଇତ୍ୟାଦି ।

## ସମୁଦାୟ ସଂପର୍କ:-

ବ୍ୟାଙ୍କ, ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ମିଡିଆ ସଂଗଠନ ଭଲ ସମୁଦାୟର ସଂପର୍କର ସ୍ଥାପନା କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରିଥାଆନ୍ତି । ଏହା ସେହି ସମୁଦାୟର ସଦ୍‌ଭାବ ପାଇବାପାଇଁ ଏହି ସଂଗଠନ ଦ୍ୱାରା ପ୍ରଯୁକ୍ତ ଗଣସଂପର୍କର ଏକ ରୂପ ଯେଉଁଥିପାଇଁ ସେମାନେ କାର୍ଯ୍ୟ କରିଥାଆନ୍ତି ।

ଆସନ୍ତୁ ଦେଖିବା ଏହି ସଂଗଠନ କିଭଳି କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି:-

- ଜନବସତି ଅଞ୍ଚଳରେ ବିକଶିତ ପାର୍କର ରକ୍ଷଣାବେକ୍ଷଣ ।
- ସ୍ଥାନୀୟ ସମୁଦାୟକୁ ସାମିଲ କରି ସଫାଇକାମ ତଥା ସୌନ୍ଦର୍ଯ୍ୟକରଣ ।
- ଧାର୍ମିକ ଦାତବ୍ୟ ଚିକିତ୍ସାଳୟ ସ୍ଥାପନା ।
- କ୍ରିକେଟ୍ ମ୍ୟାଚ୍ ଭଳି କାର୍ଯ୍ୟକ୍ରମ ପ୍ରାୟୋଜିତ କରିବା ।
- ଗଣ ପୁସ୍ତକାଳୟ ସ୍ଥାପନା କରିବା ।



ଟୀପ୍ପଣୀ



- ବଢ଼ି, ଭୂମିକମ୍ପ ଆଦି ପ୍ରାକୃତିକ ଦୈବୀ ଦୁର୍ବିପାକରେ ସହାୟତା ନିମନ୍ତେ ପାଣ୍ଠି ସଂଗ୍ରହ କରିବା ।

## ପାଠ୍ୟଗତ ପ୍ରଶ୍ନ 19.3

1)- ନିମ୍ନଲିଖିତ ପ୍ରକାରର ଗଣସଂପର୍କରେ ବ୍ୟବହୃତ କୌଣସି ଦୁଇଟି ବିଧି / ଯୋଗାଯୋଗ ଉପକରଣର ନାମ କୁହନ୍ତୁ ।

(i) ଉତ୍ପାଦ ଗଣସଂପର୍କ

(ii) କର୍ମଚାରୀ ସଂପର୍କ

(iii) ସମୁଦାୟ ସଂପର୍କ

## 19.5 ଆପଣ କ'ଣ ଶିକ୍ଷାକଲେ ।

⇨ ଗଣସଂପର୍କର ଧାରଣ

- ପରିଭାଷା
- ଗଣସଂପର୍କ ଗୋଟିଏ ଦ୍ୱିମାର୍ଗିୟ ଯୋଗାଯୋଗ ପ୍ରକ୍ରିୟା ।
- ଉତ୍ପାଦ / ସେବା ଏବଂ ଜନସାଧାରଣ

⇨ ଭାରତରେ ଗଣସଂପର୍କର ଉଦ୍‌ଭବ

- ପ୍ରାଚୀନ ଭାରତରେ ଗଣସଂପର୍କ
- ଆଧୁନିକ ସମୟର ଗଣସଂପର୍କ

⇨ ସରକାରୀ ଗଣସଂପର୍କର ସଂରଚନା

- ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
- ମିଡିଆ ବିଭାଗ

⇨ ଗଣସଂପର୍କର ପ୍ରକାର ଭେଦ

- ଉତ୍ପାଦ ସଂପର୍କ
- କର୍ମଚାରୀ ସଂପର୍କ
- ସରକାରୀ ବା ରାଜନୈତିକ ସଂପର୍କ



ଟୀପ୍‌ପଣୀ

- ସମୁଦାୟ ସଂପର୍କ

## 19.6 ପାଠ୍ୟାନ୍ତ ପ୍ରଶ୍ନ:-

1)- ସମୁଚିତ ଉଦାହରଣ ସହିତ "ଗଣସଂପର୍କ"ର ବ୍ୟାଖ୍ୟା କରନ୍ତୁ ।

2)- ନିମ୍ନଲିଖିତର ବ୍ୟାଖ୍ୟା କରନ୍ତୁ

(i) ଭାରତରେ ଗଣସଂପର୍କର ଉଦ୍‌ଭବ

(ii) ସରକାରୀ ଗଣସଂପର୍କର ସଂରଚନା

3)- ନିମ୍ନଲିଖିତ ଉପରେ ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ-

(i) ଉତ୍ପାଦ ସଂପର୍କ

(ii) କର୍ମଚାରୀ ସଂପର୍କ

(iii) ସମୁଦାୟ ସଂପର୍କ

(iv) ସରକାରୀ ବା ରାଜନୈତିକ ସଂପର୍କ

## 19.7 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

19.1.(1) (i) ଯୋଗାଯୋଗ (ii) ଗ୍ରହୀତା


(iii) ପବ୍ଲିକ୍ (iv) ଦୁଇ (v) ମତଦାତା

2 ଭାଗ 19.1 ଦେଖନ୍ତୁ

19.2.1 (1) ଭାଗ 19.2 ଦେଖ

(2) ଭାଗ 19.3 ଦେଖ

19.3.1 (1) ଭାଗ 19.4 ଦେଖ







# ୨୦

## ଗଣସଂପର୍କ- ଉପକରଣ

ପୂର୍ବ ଅଧ୍ୟାୟ ମାନଙ୍କରେ ଆପଣ ଶିକ୍ଷାଲାଭ କରିଛନ୍ତି ଗଣସଂପର୍କ ଜନସାଧାରଣଙ୍କ ମଧ୍ୟରେ ପ୍ରଭାବଶାଳୀ ଢଙ୍ଗରେ ଯୋଗାଯୋଗ କରିବାପାଇଁ ଏକ ଜଣାଶୁଣା ଉପାୟ ଅଟେ । ଏହା ଯୋଗାଯୋଗର ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ସୃଷ୍ଟି ହୋଇଥାଏ ବା ସଂପର୍ଣ୍ଣ ହୋଇଥାଏ ।

କ'ଣ ଆପଣ ନିମ୍ନଲିଖିତ କାର୍ଯ୍ୟହେବାର ଦେଖିଛନ୍ତି କି:-

- ବିଶେଷଜ୍ଞଙ୍କ ଦ୍ୱାରା ଦିଆଯାଇଥିବା ବକ୍ତବ୍ୟ
- ଆପଣଙ୍କର ଦୈନିକ ଖବରକାଗଜରେ ବିତରଣ କରାଯାଉଥିବା କାଗଜପୃଷ୍ଠା
- ରେଡିଓ ଏବଂ ଦୂରଦର୍ଶନରେ ଆସୁଥିବା ବିଜ୍ଞାପନ
- ଗୋଟିଏ ଉତ୍ପାଦ ବିଶେଷ ଉପରେ ସୂଚନା ଦେବାପାଇଁ ସଡକର ପାର୍ଶ୍ୱରେ ଲଗାଯାଇଥିବା ବିଶାଳ ଦୃଶ୍ୟମାନ ବୋର୍ଡ ।
- ଏଭଳି ସ୍ଥାନ ଯେଉଁଠାରେ ଅନେକ ଗୁଡିଏ ଉତ୍ପାଦ ପ୍ରଦର୍ଶିତ ତଥା ବିକ୍ରୟ କରାଯାଇଥାଏ ।

ଏହା ଗଣ ସଂପର୍କରେ ବ୍ୟବହୃତ କିଛି ଫର୍ମାଟ୍‌ର ଉଦାହରଣ ଅଟେ ।

ଏହି ଫର୍ମାଟ୍ କ'ଣ ଅଟେ ।

ଏଥିରେ ମୌଖିକ, ଯୋଗାଯୋଗ, ମୁଦ୍ରଣଶବ୍ଦ, ପ୍ରସାରଣ ବାର୍ତ୍ତା ଏବଂ ପ୍ରଦର୍ଶନୀ ସାମିଲ ହୋଇଥାଏ ।

ଅନ୍ୟଭାଷାରେ ଏହା ଗଣସଂପର୍କ ପାଇଁ ବ୍ୟବହୃତ ବିଭିନ୍ନ ଉପକରଣ ଅଟେ ।

ଏହି ପାଠରେ ଆପଣ ସେହି ଉପକରଣ ତଥା କିଭଳି ଏହା ଗଣସଂପର୍କର ପ୍ରକ୍ରିୟାକୁ ସକ୍ଷମ କରିପାରୁଛି ତାହା ଶିକ୍ଷା ଲାଭ କରିବେ ।

### ଉଦ୍ଦେଶ୍ୟ

ଏହି ପାଠକୁ ପଢିବାପରେ ଆପଣ ନିମ୍ନଲିଖିତ କାର୍ଯ୍ୟ ପାଇଁ ସକ୍ଷମ ହେବେ:-

- ଗଣସଂପର୍କ ଉପକରଣ ଅର୍ଥର ବ୍ୟାଖ୍ୟା ।

- ବିଭିନ୍ନ ଗଣସଂପର୍କ ଉପକରଣର ଚିହ୍ନଟ ।
- ମୌଖିକ ଯୋଗାଯୋଗର ବର୍ଣ୍ଣନା ।
- ମୁଦ୍ରିତ ଯୋଗାଯୋଗର ବିଭିନ୍ନ ରୂପର ବର୍ଗୀକରଣ ।
- ଗଣସଂପର୍କର ଉପକରଣର ହିସାବରେ ମୁଦ୍ରିତ ତଥା ପ୍ରସାରଣ ମାଧ୍ୟମର ମହତ୍ତ୍ୱକୁ ବୁଝାଇବା
- ଆଉଟ୍‌ଡୋର ମାଧ୍ୟମର ବିଭିନ୍ନ ରୂପର ସୂଚୀ ପ୍ରସ୍ତୁତ କରିବା ।
- ଗଣସଂପର୍କ ମାଧ୍ୟମର ଅନ୍ୟାନ୍ୟ ରୂପର ମହତ୍ତ୍ୱ ବୁଝାଇବା ।

## 20.1 ଗଣସଂପର୍କର ଉପକରଣ

ଆପଣ ଶିଖିଲେ ଗଣସଂପର୍କର ମୁଖ୍ୟଲକ୍ଷଣ ହେଉଛି:-

- ଲୋକମାନଙ୍କର ଧ୍ୟାନ ଆକର୍ଷଣ କରିବା
- ବିଶ୍ୱାସ ଭାଜନ କରିବା
- ନିଜ ମଧ୍ୟରେ ବୁଝାମଣାକୁ ବିକଶିତ କରିବା
- ସଦ୍‌ଭାବ ଅର୍ଜନ କରିବା

କିନ୍ତୁ ଏହା କିପରି ମିଳିବ ଆସନ୍ତୁ ଏହାର ଉତ୍ତର ପାଇବା ।

ଆପଣ ଜାଣିଛନ୍ତି ଗଣସଂପର୍କର ପ୍ରକ୍ରିୟାରେ କୌଣସି ବାର୍ତ୍ତା ଏକ ବିଶିଷ୍ଟ ଶ୍ରୋତାଙ୍କୁ ଲକ୍ଷ୍ୟକରି ପ୍ରୟୋଗ ପ୍ରଧାନ ଆଚାର୍ଯ୍ୟଙ୍କର ଉଦାହରଣ ନେବା, ଯିଏକି ପରୀକ୍ଷା ପୂର୍ବରୁ ସମ୍ବୋଧିତ କରିଥାନ୍ତି । ତାଙ୍କୁ ତାଙ୍କର ଭାଷଣ ପ୍ରଭାବଶାଳୀ ଢଙ୍ଗରେ ପ୍ରସ୍ତୁତ କରିବାକୁ ପଡେ ଯେଉଁଥିରେ କି ଛାତ୍ରମାନେ ଉତ୍ସାହିତ ଏବଂ ପ୍ରେରିତ ହୋଇଥାନ୍ତି ।

ଲୋକମାନଙ୍କୁ ନିଜ ସହରକୁ ସଫାସୁତୁରା ରଖିବାପାଇଁ ଗୋଟିଏ ଅଭିଯାନରେ ଭାଗନେବାର ଲକ୍ଷ୍ୟନେଇ ସେମାନଙ୍କୁ ଆଗ୍ରହୀ କରିବାପାଇଁ ଅନେକ ବାର୍ତ୍ତାର ଉଦାହରଣ ନେବା । ଏଠାରେ ରେଡିଓ ବା ଟେଲିଭିଜନରେ ଏହି ପ୍ରସାରଣ ସମ୍ଭବ ହୋଇପାରେ ।

ସୂଚନା ଦେବାପାଇଁ ୱେବ୍‌ସାଇଟ୍‌ର ମଧ୍ୟ ଉପଯୋଗ କରାଯାଇପାରେ । ଆପଣ ଗୋଟେ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖିବାର ଚେଷ୍ଟା କରିପାରନ୍ତି ଯାହା ପ୍ରସ୍ତାବିତ ପାଠ୍ୟକ୍ରମ, ପାଠ୍ୟକ୍ରମ ପାଇଁ ଆବେଦନର ପ୍ରତିକ୍ରିୟା ତଥା ଏହି ପ୍ରକାରର ଅନ୍ୟାନ୍ୟ ମହତ୍ପୂର୍ଣ୍ଣ ସୂଚନା ଦେଇଥାଏ ।

ଏହି ସମସ୍ତ ଉଦାହରଣ ଗଣସଂପର୍କରେ ପ୍ରଯୁକ୍ତ ଉପକରଣ ତଥା କୌଶଳର ଅନ୍ତର୍ଭୁକ୍ତ ଅଟେ ।

ଆସନ୍ତୁ ଆମେ ଲୋକମାନଙ୍କୁ ଯୋଗାଯୋଗ କରିବାପାଇଁ ଉପଯୋଗୀ ହେଉଥିବା ଗଣସଂପର୍କର ଉପକରଣକୁ ଶ୍ରେଣୀଭୁକ୍ତ କରିବା ।

-ମୌଖିକ ଯୋଗାଯୋଗ

-ମୁଦ୍ରିତ ବା ଗ୍ରାଫିକ୍ ଯୋଗାଯୋଗ

-ମୁଦ୍ରିତ ମାଧ୍ୟମ

-ଆଉଟ୍‌ଡୋର ମାଧ୍ୟମ(ଇଲେକ୍‌ଟ୍ରୋନିକ୍ ଡିସ୍‌ପ୍ଲେ, ହୋଡିଂ, ପୋଷ୍ଟର)

-ପ୍ରସାରଣ ମାଧ୍ୟମ (ଟେଲିଭିଜନ, ରେଡିଓ ଏବଂ ସିନେମା)

-ଅନ୍ୟ ମାଧ୍ୟମ(ୱେବ୍‌ସାଇଟ୍, ପ୍ରଦର୍ଶନୀ, ଏଣ୍ଡୋର୍ସମେଣ୍ଟ)

## 20.2 ମୌଖିକ ଯୋଗାଯୋଗ

ମନେ ପକାନ୍ତୁ ଆପଣମାନେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୋଗାଯୋଗର ବିଷୟକୁ ପ୍ରଥମ ଅଧ୍ୟାୟ ମାନଙ୍କରେ ଯାହା ପଢିଥିଲେ ତାହା କ’ଣ ଶିଖିଥିଲେ, ଏହା ଦ୍ୱିମାର୍ଗିୟ ଯୋଗାଯୋଗ ଅଟେ ।

ଆସନ୍ତୁ ଆମେ ଜଣେ ଅଧ୍ୟାପିକା ଏବଂ କିଛି ଛାତ୍ରଙ୍କ ମଧ୍ୟରେ ହେଉଥିବା କଥାବାର୍ତ୍ତାକୁ ଉଦାହରଣ ସ୍ୱରୂପ ନେବା । ଛାତ୍ରମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରି ନଥିବାରୁ ଅଧ୍ୟାପିକା ସେମାନଙ୍କୁ ପରୀକ୍ଷାର ଏହି ଅସଫଳତାର କାରଣପାଇଁ ସେମାନଙ୍କ ସହିତ କଥାବାର୍ତ୍ତା ହେବାକୁ ଚାହାଁନ୍ତି । ଛାତ୍ରମାନଙ୍କୁ ନିଜର ସମସ୍ୟା ଉପସ୍ଥାପନ କରିବାପାଇଁ ଗୋଟିଏ ସୁଯୋଗ ଦିଆଯାଇଛି ଏବଂ ଅଧ୍ୟାପିକା ସେମାନଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଛନ୍ତି ଏବଂ ସେମାନଙ୍କର ମାର୍ଗ ଦର୍ଶନ କରୁଛନ୍ତି ଫଳସ୍ୱରୂପ ଆସନ୍ତା ପରୀକ୍ଷାରେ ସେମାନେ ବହୁତ ଭଲଭାବରେ କୃତକାର୍ଯ୍ୟ ହୋଇପାରିବେ । ଏହା ଅଧ୍ୟାପିକା ତଥା ଛାତ୍ରମାନଙ୍କ ମଧ୍ୟରେ ମୌଖିକ ଯୋଗାଯୋଗର ଏକ ଉଦାହରଣ ଅଟେ ।

ମୌଖିକ ଯୋଗାଯୋଗ ଅନ୍ତର-ବ୍ୟକ୍ତିଗତ-ଯୋଗାଯୋଗ ସହିତ ସମାନ ହୋଇଥାଏ ଯେଉଁଥିରେ ଦ୍ୱିମାର୍ଗୀୟ ଯୋଗାଯୋଗ ହୋଇଥାଏ । ଏହାକୁ ମୁହାଁମୁହିଁ ଯୋଗାଯୋଗ ବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୋଗାଯୋଗ କୁହାଯାଏ । ଯେତେବେଳେ ଯୋଗାଯୋଗର ଆଧୁନିକ ମାଧ୍ୟମ ନଥିଲା ସେତେବେଳେ ଯୋଗାଯୋଗ ଏହି ପ୍ରକାର ଅସ୍ତିତ୍ୱରେ ଥିଲା ।

ମୌଖିକ ଯୋଗାଯୋଗ ଗଣସମ୍ପର୍କର ଏକ ପ୍ରଭାବଶାଳୀ ଉପକରଣ ଅଟେ ଯେଉଁଥିରେ ପ୍ରଶ୍ନ ଏବଂ ସ୍ପଷ୍ଟୀକରଣ ସମ୍ଭାବନା ଥାଏ ।



ଟୀପ୍ପଣୀ

## ଭାଷଣ ଏବଂ ଇଣ୍ଟରଭ୍ୟୁ(ସାକ୍ଷାତକାର)

ଆମ ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ରେଡିଓ ବା ଟେଲିଭିଜନରେ ସ୍ୱାଧୀନତା ଦିବସ ଭଳି ବିଶେଷ ଦିବସମାନଙ୍କରେ ଲୋକମାନଙ୍କୁ ସମ୍ବୋଧିତ କରୁଥିବା ଆପଣମାନେ ଦେଖିଥିବେ ବା ଶୁଣିଥିବେ । ଆପଣଙ୍କୁ ଏହି ସମ୍ବୋଧନ ପ୍ରଭାବଶାଳୀ ଲାଗେ କି ନାହିଁ ? ଆପଣମାନେ ଏହି ବାର୍ତ୍ତାରୁ କ'ଣ ଶିକ୍ଷା ଲାଭକଲେ କରୁଛନ୍ତି ?

ଏହା ଭାଷଣର ଗୋଟିଏ ଉଦାହରଣ ଅଟେ ଯାହା ମୌଖିକ ଯୋଗାଯୋଗ ପ୍ରାଥମିକ ରୂପ ଅଟେ । ଗୋଟିଏ ଭଲ ଭାଷଣ ଜନତାଙ୍କୁ ପ୍ରଭାବଶାଳୀ ଢଙ୍ଗରେ ଯୋଗାଯୋଗ କରିବାରେ ସାହାଯ୍ୟ କରିଥାଏ । ଯଦି ଭାଷଣ ଶ୍ରୋତାମାନଙ୍କ ସମ୍ମୁଖରେ ପ୍ରଦାନ କରାଯାଏ ଏହା ଦ୍ୱିମାର୍ଗିୟ ଯୋଗାଯୋଗର ପରିବେଶ ସୃଷ୍ଟି କରିଥାଏ ।



**ଚିତ୍ର : 20.1 ଭାଷଣ**

ଆପଣମାନେ ଇଣ୍ଟରଭ୍ୟୁର ଶବ୍ଦ ଶୁଣିଥିବେ, ରେଡିଓ ବା ଟେଲିଭିଜନରେ ଫିଲ୍ମ ତାରକା ବା କ୍ରିକେଟ ଖେଳାଳୀମାନଙ୍କ ସାଙ୍ଗରେ ଏହି ଭୋଟବାର୍ତ୍ତା ଆପଣମାନେ ଶୁଣିଥିବେ ବା ଦେଖିଥିବେ । ଆସନ୍ତୁ ଆପଣ ଏହି ଇଣ୍ଟରଭ୍ୟୁ ଶବ୍ଦର ଅର୍ଥ ବୁଝିବା । ଭୋଟବାର୍ତ୍ତା ମୌଖିକ ଯୋଗାଯୋଗର ଅନ୍ୟରୂପ ଅଟେ ଯେଉଁଠି ଆପଣ ଦେଖିଥିବେ କୌଣସି ବ୍ୟକ୍ତି  ପ୍ରଶ୍ନ ପଚାରିଥିବେ ଅନ୍ୟ ଜଣେ ତା'ର ଉତ୍ତର ଦେଇଥାନ୍ତି । ପ୍ରଥମ ଜଣଙ୍କୁ ସାକ୍ଷାତ୍‌କର୍ତ୍ତା ତଥା ଅନ୍ୟ ଜଣଙ୍କୁ ସାକ୍ଷାତ୍‌କାରଦାତା କୁହାଯାଏ । ଏହି



ଧାରାରେ ସାକ୍ଷାତ୍‌କାର ଦାତାଙ୍କ ପାଖରେ ଶ୍ରୋତା ବା ଅର୍ଡିଏନ୍‌ସକୁ ପ୍ରଭାବିତ କରିବାପାଇଁ ସୁଯୋଗ ଥାଏ ଯେଉଁଥିରେ ଗଣସଂପର୍କର ଲକ୍ଷ୍ୟର ପୂର୍ଣ୍ଣତା ଆସିଥାଏ ।

## ପାଠ୍ୟଗତ ପ୍ରଶ୍ନ 20.1



**ଚିତ୍ର : 20.2 ଇଣ୍ଟରଭିୟୁ**

1) କୋଠରୀରେ ଦିଆଯାଇଥିବା ସର୍ବାଧିକ ଉପଯୁକ୍ତ ଶବ୍ଦକୁ ନେଇ ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

i) ମୌଖିକ ଯୋଗାଯୋଗକୁ ______ଯୋଗାଯୋଗ ମଧ୍ୟ କୁହାଯାଏ । (ମୁହାଁମୁହିଁ, ଅନ୍ତର-ବୈକ୍ତିକ ତଥା ବୈକ୍ତିକ)

ii) _____ମୌଖିକ ଯୋଗାଯୋଗର ଏକ ଉଦାହରଣ ଅଟେ । (ଭାଷଣ, ୱେବ୍‌ସାଇଟ୍, ପୋଷ୍ଟର)

iii) ଗଣସଂପର୍କର ମୂଳ ଲକ୍ଷ୍ୟ ଜନତାଙ୍କୁ ________କରିବା ଅଟେ । (ବିଚଳିତ, ଅପମାନିତ, ଆକର୍ଷିତ)

iv) ________ମୌଖିକ ଯୋଗାଯୋଗର ଏକ ରୂପ ଅଟେ ଯେଉଁଥିରେ ପ୍ରଶ୍ନ ଏବଂ ଉତ୍ତର ସାମିଲ ହୋଇଥାଏ । (ଭାଷଣ, ସାକ୍ଷାତ୍‌କାର, ଅଭିଯାନ)

## 20.3 ମୁଦ୍ରିତ ଏବଂ ଗ୍ରାଫିକ୍ ଯୋଗାଯୋଗ:-

- **ଫ୍ଲାୟର:-**

ଖବର କାଗଜରେ ବିତରଣ ହେଉଥିବା କାଗଜର ଗୋଟିଏ ପୃଷ୍ଠାକୁ ଆପଣ ଖବର କାଗଜରେ ଦେଖିଛନ୍ତି କି ? ଏଥିରେ ଆପଣଙ୍କୁ ସ୍କୁଲର ଛୁଟିର ଅବସରରେ ପିଲାମାନଙ୍କୁ ଦିଆଯାଉଥିବା ଗ୍ରୀଷ୍ମକାଳୀନ ଶ୍ରେଣୀକକ୍ଷର ସୁଯୋଗ, ଆଖପାଖରେ ଥିବା ଖାଇବାର ସ୍ଥାନ, ସ୍କୁଲରେ ଦିଆଯାଉଥିବା ସୁବିଧାସୁଯୋଗ



ଟୀପ୍‌ପଣୀ

ଆଦିର ସୂଚନା ଦିଆଯାଇଥାଏ । ଆପଣ ଦେଖିପାରିବେ ଆପଣଙ୍କ ଅଞ୍ଚଳରେ ଉପଲବ୍ଧ ବିଭିନ୍ନ ସେବାଗୁଡିକ ଉପରେ ଅନେକ ଉପଯୋଗୀ ସୂଚନା ଦେଇଥାଏ ।

ସୂଚନା ପ୍ରଦାନ କରୁଥିବା କାଗଜର ଏହି ପୃଷ୍ଠାକୁ ସାଧାରଣ ଭାବରେ ଫ୍ଲାୟର ହେଣ୍ଡବିଲ କୁହାଯାଏ ।

ସେଥିପାଇଁ ଆମେ କହିପାରିବା:-

- ଫ୍ଲାୟର ଗଣସଂପର୍କରେ ଉପଯୋଗ ବିଭିନ୍ନ ଉପକରଣର ସରଳତମ ତଥା ସାଧାରଣ ରୂପର ପ୍ରତିନିଧିତ୍ୱ କରିଥାଏ ।
- ଫ୍ଲାୟର, ଗଣସଂପର୍କ ପାଇଁ ଉପଯୋଗ ପ୍ରଥମ ଲିଖିତ ସାମଗ୍ରୀ ଅଟେ ।
- ଫ୍ଲାୟର, ବୁଲେଟିନ୍ ବୋର୍ଡରେ ଲଗାଯାଇଥିବା ମୋଡାମୋଡି ଭାଙ୍ଗ ନ ପଡିଥିବା ପୃଷ୍ଠା ଅଟେ, ବା ଏହାକୁ ଡାକ ଦ୍ୱାରା ପଠାଯାଇଥାଏ, ବା ହାତାହାତି ବିତରଣ କରାଯାଇଥାଏ ।
- ଫ୍ଲାୟର ଏକକ ବାର୍ତ୍ତା ପ୍ରସ୍ତୁତ କରିଥାଏ ଅପରନ୍ତୁ ଏକାଠି ଭାବରେ ଅଲଗା ବାର୍ତ୍ତା ପ୍ରସ୍ତୁତ କରିଥାଏ ।
- ଫ୍ଲାୟର ସମୟ ବିଶେଷରେ ବିତରଣ କରାଯାଇଥାଏ ତଥା ଏକ ବିଶେଷ ଘଟଣାକୁ ବୁଝାଇଥାଏ ।
- ଫ୍ଲାୟର ସୂଚନାର ମାଧ୍ୟମରେ ... ସୃଷ୍ଟି କରିବାର ଉଦ୍ଦେଶ୍ୟକୁ ସୃଷ୍ଟି କରିଥାଏ ।

ଫ୍ଲାୟରସ୍‌କୁ ଦେଖିବାପାଇଁ ଅଧିକ ସୁନ୍ଦର ଏବଂ ଆକର୍ଷକ ଭାବରେ ତିଆରି କରାଯାଇଥାଏ ।

**ଆପଣ ଜାଣିଛନ୍ତି କି ?**

*3୪ଶହ ବର୍ଷ ପୂର୍ବରୁ ମେସୋପଟାମିଆଁର ବେବିଲୋନିଆ ଅଧିବାସୀ ଫ୍ଲାୟର(ପଥର ଖଣ୍ଡରେ ଖୋଦାଇ ହୋଇଥିବା)ପ୍ରସ୍ତୁତ କରୁଥିଲେ ଜନଶିକ୍ଷା ଅଭିଯାନର କୃଷି କ୍ଷମତା କିପରି ବୃଦ୍ଧିପାଇବ ସେ ବିଷୟରେ* ଶିକ୍ଷା ।

- **ବ୍ରୋଶର:-**

ଯେତେବେଳ କୌଣସି ଯୋଗାଯୋଗର ସନ୍ଦେଶ ଲୋକଙ୍କ ମୁଣ୍ଡରେ ଦୀର୍ଘଦିନ ରଖିବାକୁ ଦରକାର ହୋଇଥାଏ ଫ୍ଲାୟର ଭଳି ଗୋଟିଏ ପୃଷ୍ଠାର କାଗଜ ସେତେବେଳେ ପର୍ଯ୍ୟାପ୍ତ ହୋଇନଥାଏ । ଏଭଳି କ୍ଷେତ୍ରରେ ଗୋଟିଏ ବହୁପୃଷ୍ଠା ବିଶିଷ୍ଟ ପ୍ରକାଶନ ବା ଅନ୍ୟ ଭାଷାରେ ଗୋଟିଏ ପୃଷ୍ଠାରୁ ଅଧିକ ପୃଷ୍ଠାର ମୁଦ୍ରିତ ସାମଗ୍ରୀ ଗଣସଂପର୍କର ଉପକରଣ ଭାବରେ ଉଦ୍ଦେଶ୍ୟ ତଥା ଆକାରର ଆଧାରରେ ଏହାକୁ ଲିଫ୍‌ଲେଟ୍, ବା ଫୋଲଡର୍ କୁହାଯାଏ । ଏ ସମସ୍ତ ପ୍ରକାଶନକୁ 'ବ୍ରୋଶର'କୁହାଯାଏ ।

ଟୀପ୍ପଣୀ

ଅତଏବ ଆମେ ବ୍ରୋଶରକୁ ନିମ୍ନଲିଖିତ ଭାବରେ ପରିଭାଷିତ କରିପାରିବା ।

ସୂଚନାର ଏକ ମୋଡା ହୋଇଥିବା ପୃଷ୍ଠା ଯାହାକୁ ଗୋଟିଏ ବହି ଭାବରେ ପଢାଯାଇପାରିବ ଏବଂ ଦୀର୍ଘସମୟ ପର୍ଯ୍ୟନ୍ତ ପ୍ରାସଙ୍ଗିକ ସୂଚନା ଉପଲବ୍ଧ କରାଇଥାଏ ।

ଆସନ୍ତୁ ବ୍ରୋଶରର ଆମେ କିଛି ଉଦାହରଣ ଦେଖିବା ।

ଗୋଟିଏ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ମିତ ବ୍ରୋଶର ଏହାର ପରିସର, ପ୍ରସ୍ତାବିତ ପାଠ୍ୟକ୍ରମ, ଶୁଳ୍କ, ଛାତ୍ରାବାସ ଇତ୍ୟାଦିର ସୁବିଧା ଆଦି ସୂଚନା ସେହି ଛାତ୍ରମାନଙ୍କୁ ଉପଲବ୍ଧ କରାଇଥାଏ ଯେଉଁମାନେ ଏହି କଲେଜରେ ପ୍ରବେଶ ହେବାକୁ ଚାହୁଁଥାନ୍ତି ।

ଏଭଳି ଭାବରେ ଟ୍ରାଭେଲ ଏଜେଣ୍ଟ ମଧ୍ୟ ବ୍ରୋଶର ଦିଅନ୍ତି ଯାହାକି ସେମାନଙ୍କ ଦ୍ୱାରା ଯୋଜନା କରାଯାଇଥିବା ଟୁର୍‌ପ୍ୟାକେଜର ସୂଚନା ଦେଇଥାନ୍ତି ।

**ନ୍ୟୁଜ୍‌ଲେଟର:-**

ନ୍ୟୁଜ୍‌ଲେଟର କ'ଣ ଅଟେ ?

- ଏହା ନିୟମିତ ଅବଧି ମଧ୍ୟରେ ଛପାଯାଇଥିବା ମୁଦ୍ରିତ ପ୍ରକାଶନ ଅଟେ ।
- ଏହା ସୂଚନା ଜାଣିବାପାଇଁ ଇଚ୍ଛୁକ ବିଶେଷ ଶ୍ରୋତାଙ୍କ ମଧ୍ୟରେ ବିତରଣ କରାଯାଏ ।
- ନ୍ୟୁଜ୍‌ଲେଟର ନିଜର ଜନସାଧାରଣ ତଥା ଶ୍ରୋତାଙ୍କ ପାଇଁ ପ୍ରାସଙ୍ଗିକ ସୂଚନା ଉପରେ କେନ୍ଦ୍ରିତ ହୋଇଥାଏ ।
- ନ୍ୟୁଜଲେଟରର ବିଷୟବସ୍ତୁର ପ୍ରସ୍ତୁତିକରଣ କମ ଔପଚାରିକ ତଥା ପତ୍ର ଯେଭଳି ଲେଖନୀ ଶୈଳୀରେ କରାଯାଇଥାଏ ।

ଉଦାହରଣ ପାଇଁ ଗୋଟିଏ କଲେଜ ଦ୍ୱାରା ପ୍ରକାଶିତ ନ୍ୟୁଜଲେଟରର ଏକ ବିଶେଷ ସମୟ ଭିତରେ ପରିଚାଳିତ ଗତିବିଧି, ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଦ୍ୱାରା ବିଶେଷ ଉପଲବ୍ଧି, ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ବିଷୟରେ, ନୂତନ ନିଯୁକ୍ତି ଇତ୍ୟାଦି ଦିଆଯାଇଥାଏ । ଏହିଭଳି ନ୍ୟୁଜଲେଟର କେବଳମାତ୍ର ଅଧ୍ୟାପକ କିମ୍ବା ଛାତ୍ରମାନଙ୍କ ପାଇଁ ନୁହେଁ ବରଂ କଲେଜର ...ପାଇଁ ଲକ୍ଷିତ ହୋଇଥାଏ ।

**ପ୍ରେସ୍ ବିଜ୍ଞପ୍ତି**

ଆମେ ବର୍ତ୍ତମାନ ପ୍ରେସ୍ ବିଜ୍ଞପ୍ତି ବିଷୟରେ ଅଧ୍ୟୟନ କରିବା ଯାହା ଏପର୍ଯ୍ୟନ୍ତ ପଢାଯାଇଥିବା ମୁଦ୍ରିତ ଯୋଗାଯୋଗଠାରୁ ଅଲଗା ଅଟେ ।

ପ୍ରେସ୍ ବିଜ୍ଞପ୍ତି ଗଣସଂପର୍କ କର୍ମୀଙ୍କ ଦ୍ୱାରା ଗଣମାଧ୍ୟମ ଦ୍ୱାରା ଉଦ୍‌ଘୋଷିତ କରିବାପାଇଁ ଥିବା ଉପଯୁକ୍ତ ଲିଖିତ ଯୋଗାଯୋଗର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବିଷୟବସ୍ତୁ ଅଟେ । ଏହାକୁ ଗଣମାଧ୍ୟମ ପର୍ଯ୍ୟନ୍ତ



ଟୀପ୍ପଣୀ

ଡାକଦ୍ୱାରା, ଫ୍ୟାକ୍ସ କିମ୍ବା ମେଲ୍‌ଦ୍ୱାରା ପଠାଯାଇଥାଏ ।

ପ୍ରେସ୍ ବିଜ୍ଞପ୍ତି କିପରି ପ୍ରସ୍ତୁତ ହୋଇଥାଏ ?

ପ୍ରେସ୍ ବିଜ୍ଞପ୍ତିର ବିଷୟବସ୍ତୁ ଆକର୍ଷକ ଶୀର୍ଷକ ସଙ୍ଗେ ସଙ୍ଗେ ଏକ ସମ୍ବାଦପତ୍ର ରୂପରେ ଲେଖା ଯାଇଥାଏ । ଯେଉଁ ମାଧ୍ୟମ ପାଇଁ ଏହା ଶୀଘ୍ର ସ୍ୱୀକାର୍ଯ୍ୟ ହୋଇଥାଏ ତଥା ସମ୍ବାଦପତ୍ର, ରେଡିଓ, ଟେଲିଭିଜନ ଦ୍ୱାରା ଏହି ସନ୍ଦେଶ ଅତି ଶୀଘ୍ର ପ୍ରେରଣା କରାଯାଏ ।

## କାର୍ଯ୍ୟକଳାପ 20.2

ନିଜ ବିଦ୍ୟାଳୟରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ଭାବରେ ଗୋଟିଏ ପ୍ରେସ୍ ବିଜ୍ଞପ୍ତି ପ୍ରସ୍ତୁତ କରନ୍ତୁ ।

## 20.4 ମୁଦ୍ରିତ ମାଧ୍ୟମ

ପ୍ରଥମ ଅଧ୍ୟାୟ ମାନଙ୍କ ମଧ୍ୟରେ ଆପଣ ଶିଖିଲେ ସମ୍ବାଦପତ୍ର ତଥା ପତ୍ରିକା କିଭଳି ଭାବରେ ମୁଦ୍ରିତ ମାଧ୍ୟମକୁ ଗଣସଂପର୍କର ଉପକରଣ ହିସାବରେ ପ୍ରୟୋଗ କରାଯାଇଥାଏ । ସମ୍ବାଦ ପତ୍ର ଏବଂ ପତ୍ରିକାରେ ଆପଣ ଅନେକ ବିଜ୍ଞାପନ ଦେଖିଥିବେ । ଏଥିରେ କ'ଣ ହୋଇଥାଏ ? ଏଥିରେ ଲେଖାଯାଇଥିବା କିଛି ଶବ୍ଦ ବା କିଛି ଚିତ୍ର ଥାଏ । ଏ ବିଜ୍ଞାପନ ମୁଦ୍ରିତ ମାଧ୍ୟମରେ ଉପଯୋଗ ଗଣସଂପର୍କ ଉପକରଣର ଉଦାହରଣ ଅଟେ । ଏଥିରେ ଅନ୍ୟାନ୍ୟ ପ୍ରତିଯୋଗିତା ମୂଳକ ବିଜ୍ଞାପନଠାରୁ ଲୋକଙ୍କ ଧ୍ୟାନ ହଟାଇବାପାଇଁ ପ୍ରଭାବଶାଳୀ ଢଙ୍ଗ ଅଧିକ ଆକର୍ଷକ ତିଆରି କରାଯାଏ ।

କିନ୍ତୁ ଆପଣ ପାଇବେ ସମ୍ବାଦପତ୍ର, ତଥା ପତ୍ରିକାରେ ଛାପାଯାଉଥିବା ବିଜ୍ଞାପନ କେତେଗୁଡିଏ ବିଷୟ ବସ୍ତୁରୁ ଅଲଗା ହୋଇଥାଏ । ଆସନ୍ତୁ ଏସବୁର ସୂଚୀ ପ୍ରସ୍ତୁତ କରିବା ।

**ସ୍ତମ୍ଭ - 20.1**

| ମିଡିଆଖଣ୍ଡ | ଗଣମାଧ୍ୟମ |
|---|---|
| ସାଧାରଣଭାବେ ଧଳା କଳା ଅଟେ । | ସାଧାରଣତଃ ରଂଗୀନ ଅଟେ । |
| ବିଭିନ୍ନ ଆକାର ଅଟେ । | ଅଧିକତମ ପୃଷ୍ଠାପୂର୍ଣ୍ଣ ଅଟେ । |
| ଗୋଟିଏ ପୃଷ୍ଠାରେ ଗୋଟିଏରୁ ଅଧିକ ବିଜ୍ଞାପନ ସ୍ଥାନିତ ହୋଇପାରେ । | ସାଧାରଣତଃ ଗୋଟିଏ ପୃଷ୍ଠାରେ ଗୋଟିଏ ବିଜ୍ଞାପନ ସ୍ଥାନିତ ହୋଇଥାଏ । |



ଟୀପ୍ପଣୀ



## ପାଠ୍ୟଗତ ପ୍ରଶ୍ନ 20.2

(1) କିଛି ବିବରଣୀର ସୂଚୀ ତଳେ ଦିଆଯାଇଛି । ଆପଣ ଏହି ପାଠରେ ଯେଉଁ ମୁଦ୍ରିତ ବା ଗ୍ରାଫିକ୍ ଯୋଗାଯୋଗ ବିଷୟରେ ପଢିଲେ ତାକୁ ସମ୍ବୋଧିତ କରନ୍ତୁ ।

**ବିବରଣୀ** — **ମୁଦ୍ରିତ ବା ଗ୍ରାଫିକ ଯୋଗାଯୋଗର ପ୍ରକାର**

1) ଗଣମାଧ୍ୟମ ଉଦ୍‌ଘୋଷଣା କରିବାପାଇଁ ______________

ଗୋଟିଏ ଉପଯୁକ୍ତ ଲିଖିତ ଯୋଗାଯୋଗ ଅଟେ ______________

2) ନିୟମିତ ସମୟ ବ୍ୟବଧାନରେ ଛପାଯାଉଥିବା ମୁଦ୍ରିତ ପ୍ରକାଶନ ______________

3) ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରାସଙ୍ଗିକ ମୁଦ୍ରିତ ସୂଚନାର ଗୁଡା ହୋଇଥିବା ପୃଷ୍ଠା ______________

4) ଗୋଟିଏ ବାର୍ତ୍ତା ପ୍ରସ୍ତୁତ କରିପାରୁ ଥିବା ମୁଦ୍ରଣ ସୂଚନାର ବିନା ଭାଙ୍ଗଥିବା ପୃଷ୍ଠା ______________

(2) ସମ୍ବାଦପତ୍ର ଏବଂ ପତ୍ରିକାରେ ଛପାଯାଉଥିବା ବିଜ୍ଞାପନ ମଝିରେ କୌଣସି ୨ ଟି ପାର୍ଥକ୍ୟ ବୁଝାନ୍ତୁ ।

## 20.5 ଆଉଟ୍‌ଡୋର ମାଧ୍ୟମ

ଆପଣ କ'ଣ ରାତିରେ ଚମକୁଥିବା ମୋବାଇଲ ଫୋନ୍‌ର କୌଣସି ଏକ ବ୍ରାଣ୍ଡର ବାର୍ତ୍ତାକୁ ସୂଚୀତ କରୁଥିବା ବିଶାଳକାୟ ବୋର୍ଡ ଦେଖିଛନ୍ତି କି ? ଏହାକୁ ହୋର୍ଡିଙ୍ଗ କୁହାଯାଏ ଏବଂ ଆଜିକାଲି ଅଧିକତର ହୋର୍ଡିଙ୍ଗ ବୈଦ୍ୟୁତିକ ସଂଚାଳିତ ହୋଇଅଛି (ବୈଦ୍ୟୁତିକ ହୋର୍ଡିଙ୍ଗ) ଯେଉଁଥିରେ ଏହା ଆକର୍ଷକ ଲାଗୁଛି ଏବଂ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରୁଛି । ଏହା ଗଣସଂପର୍କ ପାଇଁ ଉପଯୁକ୍ତ ଆଉଟଡୋର ମାଧ୍ୟମର ଏକ ଲୋକପ୍ରିୟ ଉପକରଣର ଉଦାହରଣ ଅଟେ ।

ଏହି ପ୍ରକାର ଆପଣଙ୍କୁ ବସ୍‌ର ପ୍ୟାନେଲରେ, ବସ୍‌ଷ୍ଟାଣ୍ଡରେ, ବିଶାଳ ବୋର୍ଡଉପରେ, ଉଡାଜାହାଜ ଅବତରଣ କେନ୍ଦ୍ରରେ ଏବଂ ରେଳଷ୍ଟେସନରେ, ଦୁଗ୍ଧ ତଥା ଦୁଗ୍ଧଜାତୀୟ ଉତ୍ପାଦକର ବାର୍ତ୍ତାପଢିବା ପାଇଁ ମିଳିବ ଯେଉଁଠାରେ ଅନେକ ଲୋକମାନଙ୍କର ଯିବାଆସିବା ହେଉଥାଏ । ଯୋଗାଯୋଗର ଏହି ପ୍ରକାରକୁ ସାଧାରଣତଃ ପୋଷ୍ଟର ମାଧ୍ୟମ କୁହାଯାଏ ।

ଏଠାରେ ଆପଣ ଧ୍ୟାନଦିଅନ୍ତୁ ଯେଉଁଥିରେ ଦୃଶ୍ୟର ବାର୍ତ୍ତା ଦର୍ଶକମାନଙ୍କୁ ଯାହା ଦେଖାଯାଏ, ତା'ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ପୋଷ୍ଟରବାର୍ତ୍ତାରେ ଉପଯୁକ୍ତ ବା ଅର୍ଥପୂର୍ଣ୍ଣ ଶୀର୍ଷକ ସହିତ ଏଥିରେ ସ୍ୱଷ୍ଟଚିତ୍ର ମଧ୍ୟ ସ୍ଥାନ ପାଇଥାଏ । ଯୋଗାଯୋଗର ଏହି ରୂପ ଉତ୍ପାଦ ବସ୍ତୁ ବା ବିଚାର ବିଶେଷ

ଟୀପ୍‌ପଣୀ


ଦର୍ଶକଙ୍କୁ ମନେ ରଖିବାପାଇଁ ଉପଯୁକ୍ତ ଅଟେ ।

ଆଉଟ୍‌ଡୋର ମାଧ୍ୟମର ଅନ୍ୟ ଏକ ରୂପ ଲେଖାଥିବା ବାର୍ତ୍ତା ସହିତ ପବନରେ ଉଡୁଥିବା ବିଶାଳକାୟ ବେଲୁନ ଅଟେ । ଏହା ମଧ୍ୟରେ ଉତ୍ତପ୍ତ ବାୟୁ ପ୍ରବାହିତ ହୋଇଥାଏ । ଯାହାକି ଲୋକମାନଙ୍କର ଧ୍ୟାନ ଅତି ସହଜଭାବରେ ଟାଣି ନେଇଥାଏ ତଥା ଏହି ପ୍ରକାରର ଗଣସଂପର୍କକୁ ଏହା ସାହାଯ୍ୟ କରିଥାଏ ।




**ଚିତ୍ର : 20.3 ଗରମ ବାୟୁ ପ୍ରବାହିତ ବେଲୁନ୍**

ଆପଣ ଆଉଟ୍ ଡୋର୍ ମାଧ୍ୟମର କିଛି ଅନ୍ୟ ରୂପ ପାଇବେ ଯାହାକି ସଡକର ପାର୍ଶ୍ୱରେ ଲଗାଯାଇଥିବା ହୋର୍ଡିଙ୍ଗ୍‌କୁ ଦେଖିବାପାଇଁ କମ୍ ସମୟ ମିଳିଥାଏ । ଯାହାକି ପ୍ରବାହିତ ଯୋଗାଯୋଗକୁ ସାହାଯ୍ୟ କରିନଥାଏ ।




**ଚିତ୍ର : 20.4 ବସ୍‌ର ପ୍ୟାନେଲରେ ଥିବା ବିଜ୍ଞାପନ**

## 20.6 ପ୍ରସାରଣ ମାଧ୍ୟମ

ଆପଣ ପୂର୍ବ ଅଧ୍ୟାୟ ମାନଙ୍କରେ ରେଡିଓ ଓ ଟେଲିଭିଜନ ଭଳି ପ୍ରସାରଣ ମାଧ୍ୟମ ସମ୍ପର୍କରେ ଅଧ୍ୟୟନ କରିଛନ୍ତି ।

ଆସନ୍ତୁ ଆମେ ରେଡିଓର ଉଦାହରଣ ନେବା । ଏହି ମାଧ୍ୟମରେ ଆପଣ ବାର୍ତ୍ତା ବା ସଂଗୀତ ଶୁଣିଥାନ୍ତି । ଏହା ଏକ ବିଶିଷ୍ଟ ଲକ୍ଷଣର ଧ୍ୱନି ଅଟେ ଯାହାକି ଶ୍ରୋତାଙ୍କ ଉପରେ ପ୍ରଭାବ ପକାଇଥାଏ । ସଂଗୀତ ଏବଂ ବାର୍ତ୍ତାର ତାଳମେଳରେ ରେଡିଓ ବିଜ୍ଞାପନ ଗଣସଂପର୍କରେ ଏକ ଉପଯୁକ୍ତ ବିଜ୍ଞାପନର ସାମାନ୍ୟ ଉଦାହରଣ ଅଟେ ।

ଏହି ପ୍ରକାରରେ ଦୂରଦର୍ଶନକୁ ନିଅନ୍ତୁ । ଏଥିରେ ଚିତ୍ର ଏବଂ ଛବି ଦେଖିବା ସଂଗେ ସଂଗେ ବାର୍ତ୍ତା ଏବଂ ସଂଗୀତ ମଧ୍ୟ ଶୁଣିବାକୁ ମିଳିପାରିବ । ଏହି ଦୃଶ୍ୟର ଏକ ବିଶେଷ ଲକ୍ଷଣ ଥାଏ । ଏହା ଚାଲୁଥିବାର ଦେଖାଯାଏ । ଏହା ସହିତ ଧ୍ୱନି ମଧ୍ୟ ଥାଏ । ଏହି ପ୍ରକାରରେ ଦର୍ଶକଙ୍କ ଉପରେ ଏହା ଅଭୁଲା ଛାପ ଛାଡିଥାଏ । ରିୟାଲିଟି ସଂଗୀତ ବା ନୃତ୍ୟ କାର୍ଯ୍ୟକ୍ରମ କ୍ରିକେଟ୍ ମ୍ୟାଚ୍ ଭଳି ବ୍ୟବସାୟ ସଂଗଠନ ଆୟୋଜିତ କରିଥାଏ, କୌଣସି ଉତ୍ପାଦ ବିଶେଷ ପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରିବା ପାଇଁ ଟେଲିଭିଜନର ପ୍ରୟୋଗ ଏହାର ଏକ ଉଦାହରଣ ଅଟେ ।

ଆସନ୍ତୁ ଏବେ ଆମେ ଏହାର ପାର୍ଥକ୍ୟ ମୁଦ୍ରିତ(ସମ୍ବାଦପତ୍ର ଏବଂ ପତ୍ରିକା)ତଥା ପୋଷ୍ଟର ମାଧ୍ୟମର ଦୃଶ୍ୟ ତଥା ଦେଖାଯାଉଥିବା ଶବ୍ଦ ସହିତ କରିବା । ଏହା ସ୍ଥିର ଅଟେ ବା ଅନ୍ୟ ଅର୍ଥରେ ଏହା ଚାଳିତ

ଟୀପ୍ପଣୀ

ହୋଇନଥାଏ । ଅତଏବ ଏବେ ଆପଣ ଦେଖିପାରିବେ ପ୍ରସାରଣ ମାଧ୍ୟମ ଗତି ତଥା ଧ୍ୱନିର ସମ୍ଭାବନା ପାଇଁ କରାଯାଇଥାଏ । ଯେଉଁଥିରେ ରଚନାତ୍ମକ ଏବଂ ଆକର୍ଷକ ଦୃଶ୍ୟ ପ୍ରସ୍ତୁତ କରିବା ସମ୍ଭବ ହୋଇଥାଏ ।

ଆପଣ ଇଣ୍ଟରନେଟ୍‌ରେ ଦୃଶ୍ୟ ଦେଖିଛନ୍ତି କି । ଏଥିରେ ଗତି ବା ଧ୍ୱନିର ସଂଗେ ସଂଗେ ପ୍ରସ୍ତୁତ ମଧ୍ୟ ସମ୍ଭାବନା ଥାଏ । ଯେଉଁଥିରେ ଯୋଗାଯୋଗ ପ୍ରତ୍ୟେକ ପ୍ରଭାବଶାଳୀ ଉପକରଣ ହୋଇଯାଏ । ଏୟାର ଲାଇନ୍ କମ୍ପାନୀର ଶସ୍ତା ଏୟାର ଟିକେଟ୍‌ର ପ୍ରସ୍ତାବ ଦେଇପାରୁଥିବା ପ୍ରୋତ୍ସାହନ ଇଣ୍ଟରନେଟ୍‌ର ଗଣସଂପର୍କ ଉପକରଣ ରୂପରେ ପ୍ରୟୋଗ ଏହାର ଉଦାହରଣ ଅଟେ ।

## ପାଠ୍ୟଗତ ପ୍ରଶ୍ନ 20.3

(1)- ଉଦାହରଣ ସହିତ ଆଉଟ୍‌ଡୋର ମାଧ୍ୟମର କୌଣସି 2 ଟି ପ୍ରକାର ଏକ ସୂଚୀ ପ୍ରସ୍ତୁତ କରନ୍ତୁ ।

(2)- ଶୂନ୍ୟସ୍ଥାନ ପୂରଣ ଉପଯୁକ୍ତ ଶବ୍ଦ ସହିତ କରନ୍ତୁ ।

(i)- ହୋର୍ଡିଙ୍ଗ __________ ମାଧ୍ୟମର ଉଦାହରଣ ଅଟେ ।

(i)- ରେଡିଓ ବିଜ୍ଞାପନରେ ________ଏବଂ ବାର୍ତ୍ତାର ତାଳମେଳ ହୋଇଥାଏ ।

(i)- ମୁଦ୍ରିତ ମାଧ୍ୟମରେ ଦୃଶ୍ୟ ଏବଂ ଲିଖିତ ଶବ୍ଦ __________ ଅଟେ ।

(i)- ଇଣ୍ଟରନେଟ୍‌ରେ ଦୃଶ୍ୟ ଏବଂ ____________ର ସମ୍ଭାବନା ପ୍ରସ୍ତୁତ କରିଥାଏ ।


(i)- ଯେତେବେଳେ ବାର୍ତ୍ତା ବସ୍ ପ୍ୟାନେଲ୍‌ରେ ଲେଖାଯାଏ ଯୋଗାଯୋଗର ଏହି ପ୍ରକାରକୁ ମାଧ୍ୟମ କୁହାଯାଏ ।

## 20.7 ମାଧ୍ୟମ ମାନଙ୍କର ଅନ୍ୟାନ୍ୟ ରୂପ

**ୱେବ୍‌ସାଇଟ୍** – ଆପଣଙ୍କୁ ୱେବ୍‌ସାଇଟ୍ କେଉଁଠାରେ ମିଳିଥାଏ । ଇଣ୍ଟରନେଟ୍‌ରେ ? ଆପଣମାନଙ୍କର ଭିତରୁ କିଛିଲୋକ ୱେବ୍ ସାଇଟ୍ ଦେଖିଥିବେ ।

ଆସନ୍ତୁ ଆମେ ବୁଝିବା ଏହି ୱେବ୍ ସାଇଟ୍ କ'ଣ ?

ୱେବ୍ ସାଇଟ୍ ୱେବ୍ ପୃଷ୍ଠା ଏବଂ ଦୃଶ୍ୟର ଏକ ସଂକଳନ ଅଟେ । ଯାହାକି ଇଣ୍ଟରନେଟ୍ ଜରିଆରେ ପ୍ରସ୍ତୁତ ହୋଇଥାଏ ।



**ଚିତ୍ର : 20.4 ୱେବ୍ ସାଇଟ୍ ଦ୍ୱାରା ବିଜ୍ଞାପନ**

ଇଣ୍ଟରନେଟ୍ ୱେବ୍ ଗଣସଂପର୍କ ପାଇଁ ସବୁଠାରୁ ସାଧାରଣ ଭାବରେ ବ୍ୟବହୃତ ମାଧ୍ୟମ ଅଟେ । ଏଭଳି ସ୍ଥିତି ଚିନ୍ତାକରନ୍ତୁ ଯେତେବେଳେ ଆପଣଙ୍କୁ କୌଣସି ସହରକୁ ଟ୍ରେନ୍‌ରେ ଯିବାକୁ ପଡିଥାଏ, ଭାରତୀୟ ରେଳଦ୍ୱାରା ବ୍ୟବହୃତ ୱେବ୍ ସାଇଟ୍‌ର ମାଧ୍ୟମରେ ଏହି ସହରକୁ ଯାଉଥିବା ଟ୍ରେନ୍ ସମ୍ପର୍କରେ ସୂଚନା ପାଇବା ସବୁଠାରୁ ସୁବିଧା ଅଟେ । ଆପଣ ଏହି ୱେବ୍ ସାଇଟ୍ ସହାୟତାରେ ଟିକେଟ୍ ମଧ୍ୟ କିଣିପାରିବେ । ଏହାର ତୁଳନା ସେହି ସ୍ଥିତି ସହିତ ଚିନ୍ତା କରନ୍ତୁ ଯେତେବେଳେ ଆପଣଙ୍କୁ ଏହି କାମ ପାଇଁ ରେଳ ବୁକିଂ ଝରକା ଆଗରେ ଯିବାକୁ ପଡୁଥିଲା । ଏହା ଲୋକଙ୍କ ସୁବିଧାପାଇଁ ରେଳଦ୍ୱାରା କରାଯାଇଥିବା ଗଣସଂପର୍କର ଏକ ଉଦାହରଣ ଅଟେ ।

ଉପରୋକ୍ତ ଉଦାହରଣ ଦ୍ୱାରା ଆପଣ ଜାଣି ପାରୁଥିବେ ଇଣ୍ଟରନେଟ୍ ୱେବ୍ ଦ୍ୱାରା ତୁରନ୍ତ ସୂଚନା ବା ସେବାପ୍ରାପ୍ତ କରିବା ସମ୍ଭବ ଅଟେ । ଏହି ପ୍ରକାର ଇଣ୍ଟରନେଟ୍ କୌଣସି ସଂଗଠନ ଦ୍ୱାରା ଉପଲବ୍ଧ ହୋଇପାରୁଥିବା ସେବାର ପ୍ରଣାଳୀରେ ଅଧିକ ଦ୍ରୁତଭାବରେ ପରିବର୍ତ୍ତନ ଆଣୁଅଛି ।

ଗୋଟିଏ ୱେବ୍‌ସାଇଟ୍‌ରେ ସୂଚନା ସହଜ ଏବଂ ବୋଧଗମ୍ୟ ରୂପରେ ପ୍ରସ୍ତୁତ କରାଯାଇଥାଏ, ୱେବ୍‌ପୃଷ୍ଠାକୁ ଅତି ଆକର୍ଷଣୀୟ ଭାବରେ ଚିତ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥାଏ, ଯେଉଁଥିରେ ଲୋକଙ୍କର ଧ୍ୟାନ ଆକର୍ଷିତ ହୋଇଥାଏ । ଏବେ ଆମେ କହିପାରିବା କି ଇଣ୍ଟରନେଟ୍ ୱେବ୍ ଗଣସଂପର୍କ ଯୋଗାଯୋଗର ଏକ ଅଦ୍ଭୁତ ଉପକରଣ ଅଟେ ।

## କାର୍ଯ୍ୟକଳାପ 20.3

ଅଲ୍‌ଇଣ୍ଡିଆ ରେଡିଓର ୱେବ୍‌ସାଇଟ୍‌ରେ ଯାଆନ୍ତୁ ଏବଂ ଆପଣଙ୍କର ରାୟ ଲେଖନ୍ତୁ । ଏଥିରେ ଦିଆଯାଇଥିବା ବାର୍ତ୍ତା ଏବଂ ଚିତ୍ର ଉପଯୋଗୀ ବା ଆକର୍ଷକ ଅଟେ ।



ଟୀପ୍‌ପଣୀ

## ସେଲିବ୍ରିଟି ଏଣ୍ଡୋର୍ସମେଣ୍ଟ(ପ୍ରସିଦ୍ଧ ବ୍ୟକ୍ତିଙ୍କ ସମର୍ଥନ)

ଆପଣ କୌଣସି ସେଲିବ୍ରିଟି ବା ଅନ୍ୟ ଅର୍ଥରେ ଏକ ଜଣାଶୁଣା ବ୍ୟକ୍ତିଙ୍କର କୌଣସି ସାବୁନ ବା ଥଣ୍ଡା ପାନୀୟ ବ୍ରାଣ୍ଡର ବିଷୟରେ ରେଡିଓ ଏବଂ ଟେଲିଭିଜନରେ କହୁଥିବାର କିମ୍ବା ଦେଖୁଥିବାର ଶୁଣିଛନ୍ତିକି ଏହା ଆପଣ ସବୁବେଳେ ପାଇବେ । ଶ୍ରୋତା ବା ଦର୍ଶକଙ୍କ ଦ୍ୱାରା ପସନ୍ଦଯୋଗ୍ୟ କରାଯାଇଥିବା ସୁପରିଚିତ ବ୍ୟକ୍ତି କୌଣସି ଉତ୍ପାଦକର ବର୍ଣ୍ଣନା ତଥା ଏହାର ପ୍ରୟୋଗ ଉପରେ ଲୋକମାନଙ୍କୁ ବୁଝାଇବାପାଇଁ ବଛାଯାଇ ଥାନ୍ତି । ଏହାକୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ସମର୍ଥନ(ସେଲିବ୍ରିଟି ଏଣ୍ଡୋର୍ସମେଣ୍ଟ)କୁହାଯାଏ ।

ପ୍ରସିଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ସମର୍ଥନ ଏକ ଗଣସଂପର୍କ ଉପକରଣ ଅଟେ, ଯାହା ଶ୍ରୋତାଙ୍କୁ ବିଭିନ୍ନ ଉତ୍ପାଦକ ଯେପରିକି ଶୀତଳପାନୀୟ, ସାବୁନ, କପଡା, ଦାନ୍ତଘଷା ପାଉଡର, ଚା, କଫି ଆଦି କ୍ରୟ କରିବାପାଇଁ ଏମାନଙ୍କର ସୂଚନା ଦେଇକରି / ଏବଂ ଦେବାର ରୁଚି ପ୍ରସ୍ତୁତ କରି କୌଣସି ପ୍ରସିଦ୍ଧ ବ୍ୟକ୍ତି ବା ଲୋକପ୍ରିୟ ବ୍ୟକ୍ତିଙ୍କ ମଧ୍ୟରେ ରାଜି କରାଇଥାନ୍ତୁ ।

## ପ୍ରଦର୍ଶନୀ

ଆପଣ କୌଣସି ପ୍ରଦର୍ଶନୀ ଦେଖିବାକୁ ଯାଇଛନ୍ତି କି ? ଏଠାରେ ଆପଣ ସଜାଯାଇ ପ୍ରଦର୍ଶିତ କରାଯାଉଥିବା ତଥା ଖୋଲାଭାବରେ ବା ବିଶାଳ ଭାବରେ ଏକ ବଡ ଜାଗାରେ ବିକ୍ରୟ ହେଉଥିବା ଅନେକ ଗୁଡିଏ ଉତ୍ପାଦ ଦେଖିବାକୁ ପାଇବେ । ଆପଣମାନେ ଏଥିରୁ କିଛି କିଣାକିଣି ବି କରିବେ । ଆପଣଙ୍କୁ ବଜାରରେ ଉପଲବ୍ଧ କିଛି ନୂଆ ଉତ୍ପାଦକ ସମ୍ପର୍କରେ ମଧ୍ୟ ଆପଣଙ୍କୁ ଏହିଠାରେ ଠିକଣା ମିଳିପାରିବ ।




ଚିତ୍ର : 20.5 ପ୍ରଦର୍ଶନୀ



ଟୀପ୍‌ପଣୀ



## ଆମେ ଏହା କରିପାରିବା:-

-ପ୍ରଦର୍ଶନୀ ଗଣସଂପର୍କ ଗତିବିଧିକୁ ବଢାଇ ପାରୁଥିବାହେତୁ ଗୋଟିଏ ଅନ୍ୟ ଉପକରଣ ଅଟେ ।

-ଏଥିରେ ପ୍ରଦର୍ଶିତ ସାମଗ୍ରୀ ଲୋକଙ୍କ ମନରେ ଏକ ଅଲିଭା ଦାଗ ଛାଡିଥାଏ ।

-ଏଥିରେ ବଡ ସ୍ତରରେ ଲୋକଙ୍କର ଭାଗିଦାରୀ ଥାଏ ।

-ଏଥିରେ ଉନ୍ମୁକ୍ତ ବାର୍ତ୍ତାବରଣରେ ଉତ୍ପାଦ ପ୍ରଦର୍ଶିତ କରାଯାଇଥାଏ ।

-ଏହି ପ୍ରଦର୍ଶନୀ ବ୍ୟବସାୟ ବୃଦ୍ଧି କରିବାପାଇଁ ଏକ କ୍ଷେତ୍ର ପ୍ରସ୍ତୁତ କରିବାର ସମ୍ଭାବନା ସୃଷ୍ଟି କରିଥାଏ ।

ତଥାପି ଏହାକୁ ଖର୍ଚ୍ଚିଲା ଉପକରଣ ହିସାବରେ ବୁଝିବାକୁ ପଡିବ ଏବଂ ଏଥିରେ ଥିବା ବଡ ଯୋଜନାକୁ ପ୍ରସ୍ତୁତ କରିବାର ଆବଶ୍ୟକତା ଦରକାର ପଡିଥାଏ ।

## ପାଠ୍ୟଗତ ପ୍ରଶ୍ନ 20.4

1)- ୱେବ୍ ସାଇଟ୍ କ'ଣ ଅଟେ ? ଗଣସଂପର୍କ ହିସାବରେ ଏହା କିଭଳି ଉପଯୋଗୀ ଅଟେ ?

2)- ଦୁଇଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ନାମ ଦିଅନ୍ତୁ ଯେଉଁ ମାନଙ୍କୁ ଆପଣ ଦୂରଦର୍ଶନରେ କୌଣସି ଉତ୍ପାଦର ସମର୍ଥନ କରୁଥିବା ଦେଖିଥିବେ ।

3)- ପ୍ରଦର୍ଶନୀର କୌଣସି ଦୁଇଟି ଲକ୍ଷଣ ଲେଖନ୍ତୁ ।

## 20.8 ଆପଣ କ'ଣ ଶିକ୍ଷା କଲେ

⇨ ଗଣସଂପର୍କ ଉପକରଣ

- ମୌଖିକ ଯୋଗାଯୋଗ(ଭାଷଣ ବା ଭୋଟବାର୍ତ୍ତା)
- ମୁଦ୍ରିତ ବା ଗ୍ରାଫିକ୍ ଯୋଗାଯୋଗ(ଫ୍ଲାୟର, ବ୍ରୋଶର, ନ୍ୟୁଜଲେଟର, ପ୍ରେସ୍‌ବିଜ୍ଞପ୍ତି)
- ମୁଦ୍ରିତ ମାଧ୍ୟମ(ସମ୍ବାଦପତ୍ର ବା ପତ୍ରିକା ବିଜ୍ଞାନ)
- ଆଉଟ୍‌ଡୋର ମାଧ୍ୟମ(ବୈଦୁତିକ ଡିସ୍‌ପ୍ଲେ ହୋର୍ଡିଂ, ପୋସଟର)
- ପ୍ରସାରଣ ମାଧ୍ୟମ(ରେଡିଓ, ଦୂରଦର୍ଶନ, ଇଣ୍ଟରନେଟ୍)
- ଅନ୍ୟାନ୍ୟ ମାଧ୍ୟମ(ୱେବ୍‌ସାଇଟ୍, ପ୍ରସିଦ୍ଧ ବ୍ୟକ୍ତିଙ୍କ ସମର୍ଥନ, ପ୍ରଦର୍ଶନୀ)

## 20.9 ପାଠ୍ୟାନ୍ତ ପ୍ରଶ୍ନ:-

1)- ପାଠରେ "ଗଣସଂପର୍କ ଉପକରଣ"ଶବ୍ଦ କହିଲେ ଆପଣ କ'ଣ ବୁଝୁଛନ୍ତି ? ସେହି ଗଣସମ୍ପର୍କର



ଟୀପ୍ପଣୀ

ଏକ ସୂଚୀ ପ୍ରସ୍ତୁତ କରନ୍ତୁ ଯାହା ଆପଣ ଶିକ୍ଷା ଲାଭ କଲେ ।

2)- ଏକ ଗଣସଂପର୍କ ଉପକରଣ ଦୃଷ୍ଟିରେ ମୌଖିକ ଯୋଗାଯୋଗର ବ୍ୟାଖ୍ୟା କରନ୍ତୁ ।

3)- ଉଦାହରଣ ସହିତ ବିଭିନ୍ନ ପ୍ରକାର ମୁଦ୍ରିତ ବା ଗ୍ରାଫିକ୍ ଯୋଗାଯୋଗ ମଧ୍ୟରେ ଥିବା ପାର୍ଥକ୍ୟ ସ୍ପଷ୍ଟ କରନ୍ତୁ ।

4)- ଗଣସଂପର୍କ ଉପକରଣ ଦୃଷ୍ଟିରେ ପ୍ରସାରଣ ମାଧ୍ୟମର ମହତ୍ତ୍ୱ ବୁଝାନ୍ତୁ ।

5)- କେଉଁ ପ୍ରକାର ମୁଦ୍ରିତ ମାଧ୍ୟମ ଜନସାଧାରଣଙ୍କୁ ଯୋଗାଯୋଗ ପାଇଁ ଉପଯୁକ୍ତ ହୋଇଥାଏ ? ସମ୍ବାଦପତ୍ର ବା ପତ୍ରିକାର ବିଜ୍ଞାପନ ମଧ୍ୟରେ କି ପାର୍ଥକ୍ୟ ରହିଛି ତାହା ବୁଝାନ୍ତୁ ।

6)- ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ପ୍ରଦର୍ଶନୀ ତଥା ପ୍ରସିଦ୍ଧ ବ୍ୟକ୍ତିଙ୍କ ସମର୍ଥନର ପ୍ରୟୋଗ କିପରି କରାଯାଏ ?

## 20.1 1 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

20.1. (1) (i) ମୁହାଁମୁହିଁ (ii) ଭାଷଣ
(iii) ଆକର୍ଷିତ (iv) ଭୋଟବାର୍ତ୍ତା

20.2. (1) (i) ପ୍ରେସ୍ ବିଜ୍ଞପ୍ତି (ii) ନ୍ୟୁଜଲେଟର
(iii) ବ୍ରୋଶର (iv) ଫ୍ଲାୟର

2 ଭାଗ 20.4 ଦେଖନ୍ତୁ

20.3. (1) (i) ଭାଗ 20.5 ଦେଖନ୍ତୁ

(2) (i) ଆଉଟ୍‌ଡୋର
(ii) ସଂଗୀତ
(iii) ସ୍ଥିର
(iv) ଗତି, ସଂଗୀତ
(v) ପୋଷ୍ଟର

20.4. 1 (i) ଭାଗ 20.7 ଦେଖନ୍ତୁ

2 (i) ଫିଲ୍ମ ତାରକାଙ୍କ ନାମ
(ii) କ୍ରିକେଟ ଖେଳାଳୀଙ୍କ ନାମ
(iii) ଅନ୍ୟାନ୍ୟ

3 ଭାଗ 20.7 ଦେଖନ୍ତୁ ।



ଟୀପ୍ପଣୀ



# ୨୧

# ନ୍ୟୁମିଡ଼ିଆର ବିଶେଷତ୍ୱ

ଆମେ ଆଜି ଏପରି ଗୋଟିଏ ଯୁଗରେ ଅଛୁ ଯେଉଁଠାରେ କାରିଗରୀ ପରିବର୍ତ୍ତନର ବେଗ ତୀବ୍ର ଗତିରେ ବଢି ଚାଲିଛି । ପ୍ରତ୍ୟେକ ଦିନ ଆମର ଚତୁଃପାର୍ଶ୍ୱରେ ସୂଚନାର ନଦୀ ବଢିଚାଲିଛି । ବନ୍ଧକୁ ଅତିକ୍ରମ କରି ଇଣ୍ଟରନେଟ୍ ଏହି ଜିନିଷକୁ ସୁନିଶ୍ଚିତ କରୁଅଛି ଆମେ କେବେ ମଧ୍ୟ ସୂଚନାର ଏହି ସମ୍ମୁଖୀନରୁ କେବେ ମଧ୍ୟ ପଛକୁ ହଟି ନଯାଉ । କଂପ୍ୟୁଟର ଏବଂ ଇଣ୍ଟରନେଟ୍‌ର ଆଗମନରେ ସମ୍ବାଦ ସଂକଳନ ଏବଂ ଲିଖନରେ ଯେଉଁ ନୂତନ ଅଧ୍ୟାୟ ଯୋଡି ହୋଇଛି ତାହା ନ୍ୟୁମିଡ଼ିଆର ସୃଷ୍ଟିକୁ ଜନ୍ମ ଦେଇଛି । ନ୍ୟୁମିଡ଼ିଆ, ପ୍ରିଣ୍ଟମିଡ଼ିଆ ଭଳି ସଂଚାର ପାଇଁ କେବଳ ମୁଦ୍ରିତ ଶବ୍ଦ ଉପରେ ନିର୍ଭରଶୀଳ ନଥାଏ । ପରନ୍ତୁ ଶବ୍ଦକୁ ଅନେକ ଗୁଡିଏ ଦୃଶ୍ୟାତ୍ମକ ତତ୍ତ୍ୱରେ ଏହା ଯୋଡି ଥାଏ ଯେପରିକି ଆନିମେସନ ଏବଂ କାର୍ଟୁନ ଇତ୍ୟାଦି । ଏହିପରି ଭାବରେ ନ୍ୟୁମିଡ଼ିଆ ଜରିଆରେ ପଢାଯାଉଥିବା ପୁରୁଣା ପାଠ୍ୟପୁସ୍ତକକୁ ବିଦାୟ କରିବା ଯେଭଳି ପରିସ୍ଥିତି ଆସିଥାଏ । ଏହାଦ୍ୱାରା ପଢାଯାଉଥିବା ପାଠ୍ୟ ପ୍ରଣାଳୀ ଅଧିକ ରୁଚିକର ଅଟେ । ଆମେ କଂପ୍ୟୁଟରରେ "ଗେମ୍'ଖେଳିଥାଉ ଏବଂ ଏହାରି ମାଧ୍ୟମରେ ଆମେ ଢଗଢମାଳିକୁ ପ୍ରସ୍ତୁତ କରିଥାଉ, ଆମେ କାର୍ଟୁନ ତିଆରି କରୁ, ଏହା ସାହାଯ୍ୟରେ ଆମେ ଇତିହାସ ଏବଂ ଗଣିତ ମଧ୍ୟ ପଢିଥାଉ । ସୁତରାଂ ଶବ୍ଦ ଏବଂ ଦୃଶ୍ୟର ଏହି ଅଦ୍ଭୁତ ସଂଗମକୁ ନ୍ୟୁମିଡ଼ିଆ କୁହାଯାଇଥାଏ ।

### ଉଦ୍ଦେଶ୍ୟ

ଏହି ପାଠକୁ ପଢିବାପରେ ଆମେ ନିମ୍ନଲିଖିତ କାର୍ଯ୍ୟ କରିବାରେ ନିପୁଣତା ଲାଭ କରବା ।

- ନ୍ୟୁମିଡ଼ିଆ ଏବଂ ସଂଚାରର ଅନ୍ୟାନ୍ୟ ମାଧ୍ୟମ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିପାରିବା
- ନ୍ୟୁମିଡ଼ିଆର ଚରିତ୍ରର ବିସ୍ତୃତ ପରିଚୟକୁ ଚିତ୍ରିତ କରିବା
- ନ୍ୟୁମିଡ଼ିଆର ଅନ୍ତକ୍ରିୟାତ୍ମକତା ଉପରେ ଚର୍ଚ୍ଚା କରିବା ।
- ଟେଲିଭିଜନ, ରେଡ଼ିଓ ଏବଂ ମୁଦ୍ରିତ ମାଧ୍ୟମର ମୁକାବିଲାରେ ନ୍ୟୁମିଡ଼ିଆର ଦୁର୍ବଳତା ଏବଂ ଦୃଢ ପକ୍ଷତାକୁ ତୁଳନା କରିବା ।
- ନ୍ୟୁମିଡ଼ିଆର ପରିସୀମାକୁ ବିଶ୍ଲେଷଣ କରିବା ।
- ଆଉଟ୍‌ଡୋର ମାଧ୍ୟମର ବିଭିନ୍ନ ରୂପର ସୂଚୀ ପ୍ରସ୍ତୁତ କରିବା ।
- ଗଣସଂପର୍କ ମାଧ୍ୟମର ଅନ୍ୟାନ୍ୟ ରୂପର ମହତ୍ତ୍ୱ ବୁଝାଇବା ।



ଟୀପ୍ପଣୀ

## 21.1 ନ୍ୟୁମିଡ଼ିଆ : ଏକ ପରିଚୟ

ଶ୍ରୀମତୀ ମାଧବନ୍ ଆଜିକାଲି ବହୁତ ବ୍ୟସ୍ତ ଲାଗୁଛନ୍ତି । ସେ କୌଣସି ସାମାଜିକ ଉତ୍ସବରେ କ୍ୱଚିତ୍ ଦେଖାଯାଉଛନ୍ତି ଏବଂ ଯେତେବେଳେ ରାସ୍ତା ଉପରେ ଦେଖାଯାଉଛନ୍ତି ଲୋକଙ୍କ ସହିତ କଥା କହିବାକୁ ପଛାଉଛନ୍ତି । ପୂର୍ବରୁ ସେ ବହୁ ସକ୍ରିୟ ଥିଲେ କିନ୍ତୁ ଏବେ ତାଙ୍କ ପଡ଼ୋଶୀମାନେ ମଧ୍ୟ ଜାଣିପାରୁ ନାହାଁନ୍ତି ତାଙ୍କର କ'ଣ ହୋଇଛି ।

ତାଙ୍କ ପଡ଼ୋଶୀଙ୍କ ଝିଅ ଅଞ୍ଜଳି ଦ୍ୱାଦଶ ଶ୍ରେଣୀରେ ପଢୁଛି । ସେ ସବୁବେଳେ ଶ୍ରୀମତୀ ମାଧବନ୍ ଘରକୁ ଯାଏ । ତାଙ୍କ ପୁଅ ଆଦିତ୍ୟ ସହିତ ଗଣିତର ପ୍ରଶ୍ନାବଳୀକୁ ସମାଧାନ କରିବାପାଇଁ ତାକୁ ସାହାଯ୍ୟ କରେ ।

ଅଞ୍ଜଳି ପ୍ରି-ବୋର୍ଡ ପରୀକ୍ଷା ଦେଇଛି ଏବଂ ସନ୍ଧ୍ୟାରେ ଆଦିତ୍ୟ ସହିତ ମିଶୁଛି । ସେଠାରେ ସେ ଶ୍ରୀମତୀ ମାଧବନଙ୍କୁ ସର୍ବଦା ଚିନ୍ତାଗ୍ରସ୍ତଭିତରେ ରହିବା ଭଳି ଦେଖାଯାଉଛି । ଗୋଟିଏ ଦିନ ଅଞ୍ଜଳି ତାଙ୍କୁ ପଚାରିଦେଲା ଆପଣ ସବୁବେଳେ ଏତେ ଚିନ୍ତାଗ୍ରସ୍ତ କାହିଁକି ଦେଖାଯାଉଛନ୍ତି ?

ଶ୍ରୀମତୀ ମାଧବନ୍ ନିଜର ଚିନ୍ତାର କାରଣ ବୁଝାଇବାକୁ ଯାଇ କହିଲେ, ସତ କହିବାକୁ ଗଲେ- ଆଜିକାଲି ଆଦିତ୍ୟ ପାଠପଢାରେ ଆଦୌ ଧ୍ୟାନ ଦେଉନାହିଁ । ତା'ର ବିଦ୍ୟାଳୟରେ ଏବେ ଶୀତଦିନିଆ ଛୁଟି ଚାଲିଛି ଏବଂ ଘରେ ପୂରାଦିନ କମ୍ପ୍ୟୁଟର ଆଗରେ ବିତାଉଛି । ସର୍ବପ୍ରଥମ କଥା ସେ ମିଛ କହିବା ଆରମ୍ଭ କରିଛି ଏବଂ ସେ କହୁଛି ଶିକ୍ଷକ ତାକୁ କହିଛନ୍ତି, ଇଣ୍ଟରନେଟ୍ ...କରି ଗୃହକାର୍ଯ୍ୟ ତଥା ସ୍କୁଲର କାର୍ଯ୍ୟ କରିବାପାଇଁ । ମୋତେ ପୂରାମାତ୍ରାରେ ଲାଗୁଛି ସେ ହୁଏତ କମ୍ପ୍ୟୁଟରରେ ଗେମ୍ ଖେଳୁଛି ଅଥବା ଅନ୍ୟ କିଛି କାମ କ'ଣ କରୁଛି ମୋତେ ଜଣାନାହିଁ ।



**ଚିତ୍ର : 21.1 ଚିନ୍ତିତ ଶ୍ରୀମତୀ ମାଧବନ୍ ଏବଂ ଆଦିତ୍ୟ ନିଜ କମ୍ପ୍ୟୁଟରରେ କାମ କରୁଥିବାର ଦୃଶ୍ୟ**

**ଆଦିତ୍ୟ ସେଥିପ୍ରତି ଖାତିର କରୁନି ତା' ମା ଚିନ୍ତିତ ଅଛନ୍ତି । ସେ କମ୍ପ୍ୟୁଟର ଆଗରେ ବସି ମଗ୍ନ ହୋଇଯାଇଛି ।**



ଟୀପ୍ପଣୀ



ଅଞ୍ଜଳି ହସି ହସି ଶ୍ରୀମତୀ ମାଧବନ୍‌ଙ୍କ ହାତଧରି କହିଲା ମାଉସୀ ଆପଣ ଚିନ୍ତା କରନ୍ତୁ ନାହିଁ, ମୁଁ ଆଦିତ୍ୟ ସହିତ ଏ ବିଷୟରେ କଥାବାର୍ତ୍ତା କରିବି ଏବଂ ମୋତେ ବିଶ୍ୱାସ ସେ କ'ଣ କରୁଛି ତାକୁ ଜଣାଅଛି ।



**ଚିତ୍ର : 21.2 ଅଞ୍ଜଳି ଶ୍ରୀମତୀ ମାଧବନ୍‌ଙ୍କୁ ବୁଝାଉଥିବା ଦୃଶ୍ୟ**

ଏତିକି କହି ଅଞ୍ଜଳି ପାଠପଢା ରୁମ୍‌କୁ ଚାଲିଗଲା ଏବଂ ଆଦିତ୍ୟ ସହିତ କିଛି ସମୟ ବିତାଇଲା । ପରେ ରାତିର ଖାଦ୍ୟ ଖାଇବା ସମୟରେ ସେ ଶ୍ରୀମତୀ ମାଧବନ୍‌ଙ୍କୁ ସବୁ ବିଷୟ କହିଛି । ସେ ସମୟରେ ଶ୍ରୀ ମାଧବନ୍ ମଧ୍ୟ ନିଜ କାମରୁ ଫେରି ଆସିଛନ୍ତି ।

ସେ ବୁଝାଉଅଛି, "ମାଉସୀ ଏବେ ଯୁଗ ବଦଳି ଗଲାଣି । ଆମ ଜୀବନରେ କାରିଗରୀ ବିଦ୍ୟା ତା'ର ଗୋଟିଏ ବହୁତ ବଡ଼ ଜାଗା ନେଇସାରିଛି । ଆଜିକାଲି ପଢାଲେଖାର ଢଙ୍ଗ ମଧ୍ୟ ବଦଳିବାକୁ ଲାଗିଛି । ସେଦିନ ବିତିଯାଇଛି ଯେତେବେଳେ କି ପିଲାମାନେ କେବଳ ବହି ସାହାଯ୍ୟରେ ପାଠ ପଢୁଥିଲେ ।'

ମୋର ମନେଅଛି ଆମେ ଯେତେବେଳେ ଇତିହାସ ପଢୁଥିଲୁ ସେ ବିଷୟ ଆମକୁ ଟିକେ ମାତ୍ର ଆଗ୍ରହ ଆସୁନଥିଲା । ମୋ ଭାଇ ବିଷୟର ବହିକୁ କେତେବେଳେ କେମିତି ପଢୁଥିଲା । ଏପରିକି ତା'ର ଶିକ୍ଷକ ତାକୁ କହୁଥିଲେ ଟେଲିଭିଜନରେ ହିଷ୍ଟ୍ରି ଚ୍ୟାନେଲ ଏବଂ ଡିସ୍‌କଭରି ଚ୍ୟାନେଲ ଦେଖିବାପାଇଁ । ଏବେ ସେ ବିଷୟ ତାକୁ ଏତେ ଭଲ ଲାଗୁଛି କି ଆଗକୁଯାଇ ସେହି ବିଷୟରେ ସେ ଉଚ୍ଚତର ଶିକ୍ଷା ନେବାପାଇଁ ଚିନ୍ତା କରୁଛି । ସେ ଆସି ଏହା ଆଗରେ କହିଲା ।



ଟୀପ୍ପଣୀ

"କିନ୍ତୁ ଅଞ୍ଜଳି ଏହାର ଅର୍ଥ ପିଲାମାନେ ଏବେ ପାଠପଢ଼ିବେ ମଧ୍ୟ ନାହିଁ' । ଶ୍ରୀମତୀ ମାଧବନ୍ ପଚାରିଲେ ।

"ଏମିତି ନୁହେଁ ମାଉସୀ । କାରିଗରୀ ବିଦ୍ୟା କେବଳ ଆମକୁ ଶିଖିବାରେ ସାହାଯ୍ୟ କରିଥାଏ । କମ୍ପ୍ୟୁଟର ବହିର ସ୍ଥାନ ନେଇ ପାରିବନାହିଁ । କିନ୍ତୁ ଆଜି ସାରାବିଶ୍ୱରେ ଲୋକମାନେ ଏହା ଅନୁଭବ କରୁଛନ୍ତି କିନ୍ତୁ ଶବ୍ଦ ସବୁକିଛି କହିପାରିବ ନାହିଁ । ସେଥିପାଇଁ ଯେତେବେଳେ ଶବ୍ଦ, ଦୃଶ୍ୟ, ଧ୍ୱନି ଏବଂ କାର୍ଟୁନର ସହିତ ସଂଯୋଜିତ ହୁଏ ସେତେବେଳେ ଶିଖିବାର ପ୍ରକ୍ରିୟା ବଢ଼ିଯାଏ । ବହି ଆମକୁ କେବଳ ଶବ୍ଦ ତଥା ଚିତ୍ର ଦେଇଥାଏ, ଟେଲିଭିଜନ ଗତିଶୀଳ ଛବିଗୁଡ଼ିକୁ ପ୍ରସ୍ତୁତ କରିଥାଏ ଏବଂ ରେଡିଓ ଧ୍ୱନି ସୃଷ୍ଟି କରେ । କିନ୍ତୁ ଇଣ୍ଟରନେଟ୍ ଯାହା ଦିଏ ତାହା ସମସ୍ତ ଜିନିଷ ସମ୍ମିଶ୍ରଣକୁ ନେଇ ସୃଷ୍ଟି ହୋଇଥାଏ ।'ଆମେ ଏହାକୁ ନ୍ୟୁମିଡ଼ିଆ କହୁ ଏବଂ ଏବେ ଆମେ ନୂଆ ନୂଆ ଜିନିଷ ଶିଖିବାପାଇଁ ଏହାର ଉପଯୋଗ ବ୍ୟାପକ ଭାବରେ କରୁଅଛୁ । ଅଞ୍ଜଳି କହିଲା ।

ଏବେ ଶ୍ରୀମତୀ ମାଧବନ୍‌ଙ୍କ ଚିନ୍ତା କମ୍ ହେଲା । ସେ ଅଞ୍ଜଳିକୁ କହିଲେ ଏବେ ସେ ଆଦିତ୍ୟ ସହିତ କିଛି ଅଧିକା ସମୟ ବିତାଇବେ ଏବଂ ଜାଣିବେ ଆଦିତ୍ୟ କ'ଣ ଶିଖୁଛି ।

## 21.2 ନ୍ୟୁମିଡ଼ିଆ ଏବଂ କମ୍ପ୍ୟୁଟର

ଆପଣମାନେ ଜାଣିଛନ୍ତି କି ଇଣ୍ଟରନେଟ୍ କ'ଣ ଅଟେ ? ଇଣ୍ଟରନେଟ୍ ଦୁନିଆସାରା ଅବସ୍ଥିତ ବିଭିନ୍ନ ନେଟ୍‌ୱାର୍କର ଅଲଗା ଅଲଗା ୧୦୦ରୁ ଉର୍ଦ୍ଧ୍ୱ ପ୍ରକାର ତଥା ୧୦୦୦ରୁ ଅଧିକ କମ୍ପ୍ୟୁଟରର ଗୋଟିଏ ଅର୍ନ୍ତସଂଯୋଜନା ଅଟେ । ଇଣ୍ଟରନେଟ୍ ସହିତ ଯୋଡ଼ା ହୋଇଥିବା କମ୍ପ୍ୟୁଟରର କୌଣସି ଉପଯୋଗ କର୍ତ୍ତା ଦୁନିଆର କୌଣସି ଅନ୍ୟ ଭାଗରେ ଇଣ୍ଟରନେଟ୍‌ରେ ଯୋଡା କମ୍ପ୍ୟୁଟରର ସମ୍ପର୍କ ସ୍ଥାପିତ କରିପାରିଥାନ୍ତି । ଇଣ୍ଟରନେଟ୍ ନ୍ୟୁମିଡ଼ିଆର ଏକ ଅବିଭକ୍ତ ଅଙ୍ଗ ଅଟେ ।

ପ୍ରିଣ୍ଟ୍ ମିଡ଼ିଆରେ ଆପଣ ପଢିସାରିଛନ୍ତି, ଏହାର ଉତ୍ପାଦ ଖବରକାଗଜ ହୋଇପାରେ ଅଥବା ପତ୍ରିକା, ଠିକ୍ ସେହିପରି ବୈଦ୍ୟୁତିକ ମିଡ଼ିଆର ଉତ୍ପାଦ ହୋଇପାରେ ସମାଚାର ଚ୍ୟାନେଲ ଅଥବା ମନୋରଂଜନ ଚ୍ୟାନେଲ ବା ଖେଳର ଚ୍ୟାନେଲ । ଉଦାହରଣ ସ୍ୱରୂପ ଦୂରଦର୍ଶନର ସମାଚାର ଚ୍ୟାନେଲ, ଷ୍ଟାରପ୍ଲସ୍ ଭଳି ମନୋରଂଜନ ଚ୍ୟାନେଲ ଏବଂ ଡିସ୍‌କଭରି ଏବଂ ଆନିମଲ୍ ପ୍ଲାନେଟ୍ ଭଳି ବାସ୍ତବଧର୍ମୀ ଚ୍ୟାନେଲ୍ ।

ନ୍ୟୁମିଡ଼ିଆର ଉତ୍ପାଦ ୱେବ୍‌ସାଇଟ୍ କୁହାଯାଏ । ପ୍ରତ୍ୟେକ ୱେବ୍‌ସାଇଟ୍‌ର ନିଜ ନିଜ ଠିକଣା ଥାଏ ଏବଂ ଏହାକୁ ଦେଖିବାପାଇଁ କମ୍ପ୍ୟୁଟରର ଆବଶ୍ୟକତା ହୋଇଥାଏ । ପ୍ରତ୍ୟେକ କମ୍ପ୍ୟୁଟର ପର୍ଦ୍ଦାରେ

ଗୋଟିଏ(ଆଇକନ୍)ଚିତ୍ର ଥାଏ । ଇଣ୍ଟରନେଟ୍ ଏକ୍ସପ୍ଲୋର୍‌ର । ବାଶ୍ ଆପଣମାନଙ୍କୁ ଏହିସ୍ଥାନରେ କ୍ଲିକ୍ କରିବା ଦରକାର । ଗୋଟିଏ ନୂଆ ସ୍କ୍ରିନ୍ ଖୋଲିଯିବ । ଏହି ନୂଆ ସ୍କ୍ରିନ୍‌ରେ ଆପଣ ୱେବ୍ ସାଇଟ୍‌ର ଠିକଣା ଲେଖିଦେଲେ ଏହି ୱେବ୍‌ସାଇଟ୍ ଖୋଲିଯିବ ଏବଂ ସେଥିରେ ପୋଷ୍ଟ କରାଯାଇଥିବା ନୂଆ ସାମଗ୍ରୀକୁ ଆପଣ ଦେଖିପାରିବେ ।

**ଚିତ୍ର : 21.3 ୱେବ୍‌ସାଇଟ୍**




ଭାରତ ଭଳି ଦେଶ ଯେଉଁଠାରେ ଆଜିବି ଗାଁର ସଂଖ୍ୟା ଅଧିକ କେତେଲୋକ ସେଠି କମ୍ପ୍ୟୁଟର ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ? ଏବଂ ଯଦି ଲୋକମାନେ କମ୍ପ୍ୟୁଟରର ବ୍ୟବହାର ଜାଣିନାହାଁନ୍ତି ତେବେ ନ୍ୟୁ ମିଡ଼ିଆର ଉପଯୋଗ କିଭଳି ହେବ ?

ଏହି ପ୍ରଶ୍ନର ଉତ୍ତରପାଇଁ ଆପଣ ମନେ ପକାନ୍ତୁ ଟେଲିଭିଜନ ଭାରତରେ କିଭଳି ଭାବରେ ତା'ର କାୟା ବିସ୍ତାର କରିଥିଲା । ସେତେବେଳେ ଟେଲିଭିଜନ ପ୍ରଥମ ଥର ପାଇଁ ଭାରତକୁ ଆସିଥିଲା କିଛି ମାତ୍ରାରେ ଲୋକ ଏହି ଟେଲିଭିଜନ୍ ସେଟ୍ କିଣିବାପାଇଁ ସକ୍ଷମ ଥିଲେ । ଯେତେବେଳେ କ୍ରିକେଟ୍ ମ୍ୟାଚ୍ ହେଉଥିଲା ଲୋକମାନେ ଦୋକାନର ବାହାରେ ଠିଆହୋଇ ମ୍ୟାଚ୍ ଦେଖିବାର ଆନନ୍ଦ ନେଉଥିଲେ । ଗାଁରେ କେବେ କେବେ ସବୁଲୋକ ଏକାଠି ବସି ଟେଲିଭିଜନ କାର୍ଯ୍ୟକ୍ରମ



ଟୀପ୍‌ପଣୀ

ଦେଖୁଥିଲେ ।

ଠିକ୍ ସେହିଭଳି ଭାବରେ ଆଜି ପୂରା ଦେଶରେ ସାଇବର କେଫ୍ ରହିଛି । ଏହି କେଫ୍‌ରେ ଅନେକ ଗୁଡିଏ କମ୍ପ୍ୟୁଟର ରଖାହୋଇଥାଏ । ଯେଉଁଠି ଲୋକମାନେ ପଇସାଦେଇ କମ୍ପ୍ୟୁଟରରେ କାମ କରିଥାନ୍ତି ।

ଆମକୁ ଏହି କଥାକୁ ବୁଝିନେବାକୁ ପଡ଼ିବ ଲୋକମାନଙ୍କୁ କମ୍ପ୍ୟୁଟରର ଶିକ୍ଷା ନେବାକୁହିଁ ପଡ଼ିବ । ତେଣୁ ଆପଣ ଯେତେବେଳେ କମ୍ପ୍ୟୁଟରରେ ଶିକ୍ଷିତ ହୋଇଯିବେ ଆପଣ ନିଜର ସାଙ୍ଗମାନଙ୍କୁ ଏହାର ଲାଭ ନେବାପାଇଁ ନିଶ୍ଚୟ କହିବେ । ଏହା ସହିତ ଆପଣମାନେ ନିଜ ବାପାମା ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ କମ୍ପ୍ୟୁଟର ଜରିଆରେ ସେମାନେ କି କି ପ୍ରକାର କାର୍ଯ୍ୟ କରିବାରେ ସକ୍ଷମ ହେବେ ସେ ବିଷୟରେ ମଧ୍ୟ ବୁଝାଇବେ । ଆମେ ଏହି ଅଧ୍ୟାୟର ଆରମ୍ଭରେ ପଢିଥିଲେ ଶ୍ରୀମତୀ ମାଧବନ୍ ଚିନ୍ତିତ ଥିଲେ ସେଥିପାଇଁ ସେ ଜାଣିନଥିଲେ । ନିଜ ପୁଅ ଆଦିତ୍ୟ କମ୍ପ୍ୟୁଟର ସହିତ କ'ଣ କରୁଛି ଏବଂ ସେଥିପାଇଁ ଚିନ୍ତିତ ଥିଲେ ସେ ଇଣ୍ଟରନେଟ୍ ବିଷୟରେ ଅନ୍ୟାନ୍ୟ ଅଭିଭାବକଙ୍କଠାରୁ ବହୁତ କିଛି ଶୁଣିଥିଲେ । କିଛି ଲୋକ ଏହା ମଧ୍ୟ କହୁଥିଲେ ପିଲାମାନଙ୍କୁ କମ୍ପ୍ୟୁଟର ନ ଛୁଇଁବା ମଧ୍ୟ ଦରକାର । କାରଣ ଇଣ୍ଟରନେଟ୍‌ରେ ଯେଉଁ ସୂଚନା ଏବଂ ଚିତ୍ର ଥାଏ ତାହା କେବଳ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଥାଏ ।

ଯେହେତୁ ଶ୍ରୀମତୀ ମାଧବନ୍‌ଙ୍କର କମ୍ପ୍ୟୁଟର ବିଷୟରେ ଜ୍ଞାନ ସୀମିତ ଥିଲା ତେଣୁ ସେ ଏହାକୁ ଡରୁଥିଲେ । ସେ ତ ଅଞ୍ଜଳି ଥିଲା ଯିଏକି ତାଙ୍କୁ ବୁଝାଇଥିଲା ଆଦିତ୍ୟ ନିଜର ଗୃହକାର୍ଯ୍ୟ ପାଇଁ ଇଣ୍ଟରନେଟ୍‌ର ସୂଚନାକୁ ଏକତ୍ରିତ କରୁଥିଲା ତେବେ ଯାଇ ଶ୍ରୀମତୀ ମାଧବନ୍ କିଛିଟା ଶାନ୍ତ ହେଲେ । ଏପରି ନୁହେଁକି ଶ୍ରୀମତୀ ମାଧବାନ୍ ଅଯଥାରେ ଚିନ୍ତିତ ଥିଲେ । ବାସ୍ତବରେ ପିଲାମାନେ ସବୁବେଳେ ନିଜ ସମୟ କମ୍ପ୍ୟୁଟର ଗେମ୍ ଏବଂ ସାଙ୍ଗଙ୍କ ସହିତ ଚାଟିଙ୍ଗ୍ କରିବାରେ ଖରାପ କରିଦିଅନ୍ତି । ସେତେବେଳେ ଏହା ଅଭିଭାବକ ଏବଂ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ଅଟେ କି ଏହି କଥାର ଗୁରୁତ୍ୱକୁ ବୁଝି କୌଣସି କାର୍ଯ୍ୟକୁ ଅଧିକ ନକରିବାକୁ ଦେବାପାଇଁ ।

ଏହାଛଡା ଅନେକ ଅଭିଭାବକ ଏବଂ ଶିକ୍ଷକ ଅଭିଯୋଗ କରିଥାନ୍ତି ଆଜିକାଲି ପିଲାମାନେ ବହିପଢିବା ଭୁଲିଗଲେଣି । ସେମାନଙ୍କୁ ଭିଡିଓ କାର୍ଟୁନ୍ ଆଦି ଦେଖିବାପାଇଁ ଅଧିକ ଭଲ ଲାଗୁଛି ଏବଂ ସେମାନେ ଏ ସମସ୍ତ କାର୍ଯ୍ୟ ବହୁ ସରଳଭାବରେ ସେମାନଙ୍କର କମ୍ପ୍ୟୁଟରରେ ପାଇପାରୁଛନ୍ତି । ଆମକୁ କେଉଁ କଥା ଉପରେ ଗମ୍ଭୀରତା ପୂର୍ବକ ବିଚାର କରିବା ଦରକାର ତାହା ହେଉଛି ଇଣ୍ଟରନେଟ୍ ପୁସ୍ତକ ଏବଂ ଶିକ୍ଷକମାନଙ୍କ ସ୍ଥାନ ନେଇପାରିବ ନାହିଁ । କିନ୍ତୁ ସୂଚନାର ବ୍ୟାପକତାକୁ ନେଲେ ଏହା ବଡ ଧରଣର ସାହାଯ୍ୟକାରୀ ଭାବରେ ପରିଚିତ ହୋଇପାରିବ । ବାସ୍ତବରେ କୌଣସି ବିଷୟର ଅନୁସନ୍ଧାନମୂଳକ



ଟୀପ୍ପଣୀ

କାର୍ଯ୍ୟପାଇଁ ଇଣ୍ଟରନେଟ୍‌ର ସାହାଯ୍ୟ ଅତ୍ୟନ୍ତ ଉପଯୋଗୀ ଅଟେ ।

## ପାଠ୍ୟଗତ ପ୍ରଶ୍ନ 21.1

1)– ବିଦ୍ୟାର୍ଥୀମାନେ ଆଜିକାଲି ଇଣ୍ଟରନେଟ୍‌ର ଉପଯୋଗ କାହିଁକି କରୁଛନ୍ତି ?

2)– କମ୍ପ୍ୟୁଟର ଆସିବା ଫଳରେ ପିଲାଙ୍କର ପଢିବାର ଅଭ୍ୟାସ କ'ଣ ଛାଡି ଯାଉଛି କି ?

3)– ନ୍ୟୁମିଡ଼ିଆର ଉତ୍ପାଦକଙ୍କୁ କ'ଣ କୁହାଯାଏ ?

4)– ଶ୍ରୀମତୀ ମାଧବନ୍ କାହିଁକି ଚିନ୍ତିତ ଥିଲେ ? ଅଞ୍ଜଳି ସାଙ୍ଗରେ କଥା ହେବାପରେ କ'ଣ ସେ ଶାନ୍ତ ହୋଇଗଲେ ?

## କାର୍ଯ୍ୟକଳାପ 21.1

ଆପଣ ଇଣ୍ଟରନେଟ୍ ବିଷୟରେ ଯାହା ଜାଣିଛନ୍ତି ବିସ୍ତାରଭାବରେ ନିଜ ସାଙ୍ଗଙ୍କୁ ବୁଝାନ୍ତୁ ।

## 21.3 ନ୍ୟୁମିଡ଼ିଆ: ଯୋଗାଯୋଗର ଏକ ରୂପ ଅଟେ ।

ଆପଣ ପୂର୍ବ ଅଧ୍ୟାୟରେ ପଢିଛନ୍ତି ଯୋଗାଯୋଗ କ'ଣ ଏବଂ ଲୋକମାନେ ଯୋଗାଯୋଗର ପ୍ରୟୋଗ କିପରି କରିଥା'ନ୍ତି । ଅତିଶୀଘ୍ର ପୁନରାବୃତ୍ତି ପାଇଁ ଏ ବିଷୟକୁ ଆମେ ଏଭଳି ଅର୍ଥରେ ନେବା କି ଯୋଗାଯୋଗର ତାତ୍ପର୍ଯ୍ୟ ଯୋଗାଯୋଗର ଆଦାନ ପ୍ରଦାନ ଅଟେ ।

ଆମେ ଯେତେବେଳେ କଥା ହେଉ, ସୂଚନା ଯୁକ୍ତି ବା ଧାରଣା ଏବଂ ଭାବନାର ଆଦାନ ପ୍ରଦାନ କରିଥାଏ । କେବେ କେବେ ଆମେ ବିନା କଥାରେ ଆଖିରେ ଆଖିରେ ବହୁତ କିଛି କଥା କହିଦେଉ । ଯୋଗାଯୋଗ କ୍ଷେତ୍ରର ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିପୁଷ୍ଟି ବିନା ଯୋଗାଯୋଗ ଅଧା ହୋଇଥାଏ ।ଏହାର ଅର୍ଥ ଯେତେବେଳେ ଆମେ କଥାହେଉ, କିଛି ପଢୁ, ଅଥବା ଲେଖୁ ଏହା ଅନ୍ୟମାନଙ୍କ ଦ୍ୱାରା ପ୍ରତିପୃଷ୍ଟି ନିତ୍ୟାନ୍ତ ଆବଶ୍ୟକ ଅଟେ ।

ସମସ୍ତ ମିଡିଆର ରୂପ ଯଥା ପ୍ରିଣ୍ଟ ଏବଂ ବୈଦ୍ୁତିକ ସବୁଥିରେ ପ୍ରତିପୃଷ୍ଟି ଅନିବାର୍ଯ୍ୟ ଅଟେ । ଆପଣ ସମସ୍ତେ ସମ୍ବାଦପତ୍ରର ସେହି ପୃଷ୍ଠାକୁ ନିଶ୍ଚୟ ଦେଖିଥିବେ ଯେଉଁଥିରେ ସଂପାଦକଙ୍କ ନାମ ଛପାଯାଇଥାଏ । ଏହା ପ୍ରିଣ୍ଟ ମିଡିଆର ପ୍ରତିପୃଷ୍ଟିର ଏକ ଢଙ୍ଗ ଅଟେ । ଟେଲିଭିଜନ ଚ୍ୟାନେଲର ମଧ୍ୟ ନିଜ ନିଜର ଢଙ୍ଗ ଅଛି । ସବୁବେଳେ ଆମେ ଦେଖୁ କାର୍ଯ୍ୟକ୍ରମ ପରେ ପ୍ରସ୍ତୁତକର୍ତ୍ତା ଦର୍ଶକମାନଙ୍କୁ ସେମାନଙ୍କର ଅନୁଭୂତିକୁ ପ୍ରସ୍ତୁତକର୍ତ୍ତାଙ୍କ ୱେବ୍‌ସାଇଟ୍‌ରେ ପଠାଇବାପାଇଁ ପ୍ରୋତ୍ସାହିତ କରିଥାନ୍ତି । ଆପଣ କୌଣସି "ରିଅଲିଟି



ଟୀପ୍‌ପଣୀ

ସୋ"ରେ ମଧ୍ୟ ଦର୍ଶକମାନଙ୍କ ପ୍ରତିପୃଷ୍ଟି ପ୍ରତିଯୋଗୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥାଏ, ଏହାମଧ୍ୟ ଦେଖିବାକୁ ପାଇବେ ।

ଶ୍ରୋତାମାନଙ୍କୁ ମାଧ୍ୟମର ପ୍ରତିପଦକ୍ଷେପରେ ଏକାଠି କରିବାର କ୍ଷମତା ପାଇଁ ନ୍ୟୁମିଡିଆ ଜଣାଶୁଣା ଅଟେ । ଏହାକୁ ଇଣ୍ଟରାକ୍ଟିଭ୍ କୁହାଯାଏ । ସୁତରାଂ ଆମେ ଏହା କହିପାରିବା ଅନ୍ୟ ମିଡିଆର ଚାପର ତୁଳନାରେ ନ୍ୟୁମିଡିଆରେ ପ୍ରତିପୃଷ୍ଟିର ଢଙ୍ଗ ଅତ୍ୟଧିକ ବଳଶାଳୀ ଅଟେ ।

ପ୍ରତିପୃଷ୍ଟିଛଡା ଦୁଇଟି ଅନ୍ୟାନ୍ୟ ତତ୍ତ୍ୱ ନ୍ୟୁମିଡିଆକୁ ବିଶିଷ୍ଟତା ପ୍ରଦାନ କରିଥାଏ । ପ୍ରଥମ ବିଶିଷ୍ଟ ଲେଖିବାର ଢଙ୍ଗ, ନ୍ୟୁମିଡିଆରେ କଥାଶୈଳୀରେ ଲିଖନ ହୋଇଥାଏ । ପ୍ରତ୍ୟେକ ଗଳ୍ପ କଥାଶୈଳୀରେ ହୋଇଥାଏ ଯେଉଁଥିରେ ଆମେ ବଡ ଆଗ୍ରହର ସହିତ ପଢିଥାଉ । ଏହାର ଲାଭ ଏହା ଅଟେ କି ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କଥାବସ୍ତୁକୁ କାହାଣୀର ଶୈଳୀରେ ଲେଖାଯାଏ ଲୋକମାନେ ଏହାକୁ ପଢି ଅନେକ କିଛି ଶିକ୍ଷାଲାଭ କରିପାରିବେ ।

ଅନ୍ୟ ତତ୍ତ୍ୱ ଅଟେ ନ୍ୟୁମିଡ଼ିଆରେ ମଲ୍ଟି ମିଡ଼ିଆର ଉପଯୋଗ । ଯେପରିକି ପୂର୍ବରୁ କୁହାଯାଇଅଛି ବର୍ତ୍ତମାନ କାହାଣୀର ସାଙ୍ଗରେ କାର୍ଟୁନ, ଚଳଚ୍ଚିତ୍ର, ଧ୍ୱନି ଏବଂ ସଂଗୀତର ସଂଯୋଜନା ହେଲେ ଏହାକୁ ମଲ୍ଟିମିଡ଼ିଆ କୁହାଯାଏ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆମେ ଏତେ ସବୁ କାହିଁକି କରୁଥାଏ ? ନ୍ୟୁ ମିଡ଼ିଆର ଲାଭ କ'ଣ ଅଟେ ? ଆମକୁ କୌଣସି ଘଟଣାର ସୂଚନା ପାଇବାପାଇଁ ପୂରାଦିନ ଖବରକାଗଜକୁ ଅପେକ୍ଷା କରିବାକୁ ପଡିବ ନାହିଁ । ସନ୍ଧ୍ୟା ଚାରିଟାରେ ଯଦି ଆମକୁ କ୍ରିକେଟ୍‌ର ସ୍କୋର ଜାଣିବାକୁ ପଡେ ଆମେ କେବଳ ଇଣ୍ଟରନେଟ୍‌ର ୱେବ୍‌ସାଇଟ୍‌କୁ ଖୋଜିବା ଜରୁରୀ ଅଟେ । ଦ୍ୱିତୀୟରେ ଆମ ପାଖରେ ସମୁଦାୟ ଖବରକାଗଜ ପଢିବାକୁ ସମୟ ନଥାଏ କିନ୍ତୁ ଦିନ ସାରାର ମହତ୍ତ୍ୱପୂର୍ଣ୍ଣ ଖବର ଜାଣିବା ଜରୁରୀ ମଧ୍ୟ ଅଟେ । ସେଥିପାଇଁ ଇଣ୍ଟରନେଟ୍‌ର ୱେବ୍‌ସାଇଟ୍ ସେତିକି ଲୋକପ୍ରିୟ ହେବାରେ ଚାଲିଛି ।

## ପାଠ୍ୟଗତ ପ୍ରଶ୍ନ 21.2

ଶୂନ୍ୟସ୍ଥାନ ପୂରଣ ଠିକ୍ ଶବ୍ଦ ଦ୍ୱାରା କରନ୍ତୁ ।

1)- ଯେତେବେଳେ ଆମେ ଯୋଗାଯୋଗ କରିଥାଉ ସେତେବେଳେ ଆମେ__________ତଥାର ଭାଗୀଦାରୀ କରିଥାଉ ।

2)- ସଂଚାରର ସମସ୍ତ ରୂପ ପାଇଁ ଜରୁରୀ ଅଟେ _________ ।

3)- ନ୍ୟୁମିଡିଆର ଲେଖିବାପାଇଁ ___________ ଶୈଳୀର ବ୍ୟବହାର ହୋଇଥାଏ ।

4)- ଦୃଶ୍ୟ-ଶ୍ରାବ୍ୟ, ଭଏସ୍‌ଓଭର, ଆନିମେସନ ଏବଂ ଗ୍ରାଫିକ୍ସର ଲିଖିତ ଶବ୍ଦର ସାଥିରେ ମିଶାଯାଇ ତିଆରି ହୋଇଥାଏ ।

5)- ଇଣ୍ଟରନେଟ୍ ଗୋଟିଏ ______________ ମାଧ୍ୟମ ଅଟେ ।

## 21.2 ନ୍ୟୁମିଡ଼ିଆ ଏବଂ ଗଣମାଧ୍ୟମର ଅନ୍ୟାନ୍ୟ ରୂପ

ଆମେ ପ୍ରତ୍ୟେକ ସକାଳରେ ଖବରକାଗଜ ଦେଖିଥାଉ । ଆପଣ କେବେ ଭାବିଛନ୍ତି ଆମେ କାହିଁକି ଗୋଟିଏ ଭଲ ସମ୍ବାଦପତ୍ର ନେଇଥାଉ । ଆପଣ ଏହା ଚିନ୍ତା କରିଛନ୍ତି କି ? ଆଦିତ୍ୟ ଗୋଟିଏ ଦିନ ଏହି ପ୍ରଶ୍ନ ଶ୍ରୀମତୀ ମାଧବନ୍‌ଙ୍କୁ କଲା-କିନ୍ତୁ ସେ ତା'ର ଠିକ୍ ଉତ୍ତର ଦେଇପାରି ନଥିଲେ । ପରେ ତାଙ୍କ ସ୍ୱାମୀ ଶ୍ରୀ ମାଧବନ୍ ନିଜ ପୁଅକୁ କହିଲେ ପ୍ରକୃତରେ ଆମେ ଗୋଟିଏ ଖାସ୍ ସମ୍ବାଦପତ୍ର ଏଥିପାଇଁ ପଢିଥାଉ କାରଣ ବର୍ଷସାରା ପଢି ପଢି ଆମକୁ ଭଲ ଲାଗିଯାଇଥାଏ । ଏହା ଆମର ପ୍ରକୃତି ସହିତ ମିଶିଯାଇଥାଏ । ଯାହାକୁ ବଦଳାଇବା କଷ୍ଟକର ହୋଇଥାଏ । ମୁଁ କିଛିଦିନ ପାଇଁ ନିଜର ସମ୍ବାଦପତ୍ର ବଦଳାଇଥିଲି । ଯେତେବେଳେ ମୋତେ ମୋ ଅଫିସରେ ଏକ ପରୀକ୍ଷା ଦେବାର ଥିଲା । କିନ୍ତୁ ସେହି ସମ୍ବାଦପତ୍ର ପଢି ମୋତେ ସନ୍ତୁଷ୍ଟ ହୋଇ ନ ଥିଲା । ଯଦି ମୁଁ ଅନ୍ୟ କୌଣସି ସମ୍ବାଦ ପଢିବା ଆରମ୍ଭ କରିଦିଏ ସେଥିରେ ମଧ୍ୟ ଏହି ସମସ୍ୟା ଆଗକୁ ଆସିବ ଏବଂ ମୋତେ ନିଜର ପୁରୁଣା ସମ୍ବାଦପତ୍ର ପଢିବାକୁ ପଡିବ ।

ଆମ ଭିତରୁ ଅନେକ ନିଜର ଅଭ୍ୟାସ ଉପରେ ପ୍ରଶ୍ନ ଉଠାନ୍ତିନାହିଁ । କିନ୍ତୁ ଆପଣ ଚିନ୍ତା କରିଛନ୍ତି କି ଲୋକମାନେ ସମ୍ବାଦପତ୍ର କାହିଁକି ପଢିଥାନ୍ତି । ଯେଉଁଠିକି ମୋଟାମୋଟି ସବୁ ଖବର ସେମାନେ ଟେଲିଭିଜନ ଦ୍ୱାରା ଦେଖିପାରିଥାନ୍ତି । ଯଦି ଆମେ ଏପରି ଚିନ୍ତା କରୁଥାଏ ତେବେ ସାମ୍ବାଦିକ ମଧ୍ୟ ଏପରି ଚିନ୍ତା କରୁଥାଏ ତେବେ ସାମ୍ବାଦିକ ମଧ୍ୟ ଏଭଳି ଚିନ୍ତା କରୁଥିବେ । ଏହି କାରଣ ଅଟେ ସମ୍ବାଦପତ୍ରରେ ଆସିଥିବା ପରିବର୍ତ୍ତନର ଆଜିକାଲି ଖବରକାଗଜ ପୂରା ରଙ୍ଗୀନ ହୋଇଯାଇଛି । ଏପରିକି ସମ୍ବାଦପତ୍ର ମଧ୍ୟ ବଦଳିଗଲାଣି । ସମ୍ବାଦପତ୍ର ନିଜର ପାଠକଙ୍କୁ ଅନେକଗୁଡିଏ ରୋଚକପୂର୍ଣ୍ଣ



ଟୀପ୍ପଣୀ

ଖବର ଦେବାର ଚେଷ୍ଟା କରିବାକୁ ଲାଗି ପଡିଛନ୍ତି ।

ଅନେକ ସମ୍ବାଦପତ୍ର ଭଲ ଫଟୋଗ୍ରାଫରଙ୍କୁ ଚାକିରୀରେ ରଖିଛନ୍ତି କି ସମ୍ବାଦପତ୍ରର ଗୁଣବତ୍ତା ଦୃଶ୍ୟର ଦୃଷ୍ଟିକୋଣରୁ ଭଲ ଦେଖାଯାଇପାରିବ । ଏ ସମସ୍ତ ପରିବର୍ତ୍ତନର ପଛରେ ଟେଲିଭିଜନରୁ ବଢୁଥିବା ପ୍ରତିଯୋଗୀତା ଅଟେ ।

ଏ ପରିସ୍ଥିତିରେ ନ୍ୟୁମିଡ଼ିଆର କ'ଣ ହେବ ? ଲୋକମାନେ ୱେବ୍ ସାଇଟ୍‌କୁ ସେତେବେଳେ ଯାଆନ୍ତି ଯେତେବେଳେ ସେମାନଙ୍କୁ କୌଣସି ଖାସ୍ ଜିନିଷ ପାଇଁ ଖୋଜା ପଡିଥାଏ । ଉଦାହରଣ ସ୍ୱରୂପ, ଆପଣଙ୍କୁ ଯଦି ଗଣଯୋଗାଯୋଗର କୌଣସି ପାଠ୍ୟକ୍ରମରେ ଦାଖଲ ନେବାକୁ ପଡେ ଆପଣ ସେଇ ୱେବ୍‌ସାଇଟ୍‌କୁ ଦେଖିବେ ଯିଏ ଆପଣଙ୍କୁ ସମ୍ବନ୍ଧିତ ସୂଚନା ଦେଇପାରିବ । ଏହାଛଡା ଆମେମାନେ ନ୍ୟୁମିଡ଼ିଆର ଉପଯୋଗ ନିଜର କାର୍ଯ୍ୟସ୍ଥଳରେ କରିଥାଉ । ଏହାର ଅର୍ଥ ଏହାହିଁ ଅଟେ ନ୍ୟୁମିଡ଼ିଆ ଆମର ଜୀବନରେ ସେ ପର୍ଯ୍ୟନ୍ତ ଆସିଥାଏ ଯେଉଁଠାରେ ଆମପାଖରେ ଟେଲିଭିଜନ ନଥାଏ । ଘରେ ଆମେ ଇଣ୍ଟରନେଟ୍‌ରେ ଗଳ୍ପ ସମୂହକୁ ବିନା ଦ୍ୱିଧାରେ ପଢିଥାଉ କାରଣ ଏ ସମସ୍ତ ଜିନିଷକୁ ଆମେ ଟେଲିଭିଜନରେ ଦେଖିପାରିବା ।

ଯେହେତୁ ଅନେକ ଲୋକ ୱେବ୍ ସାଇଟ୍‌ର ପ୍ରୟୋଗ କମ୍ ସମୟରେ କରିଥାନ୍ତି, ତେଣୁ ସେମାନେ ଏଥିପାଇଁ ସରଳ ଏବଂ ବୋଧଗମ୍ୟ ଭାଷାକୁ ପ୍ରୟୋଗର ଅପେକ୍ଷା କରିଥାନ୍ତି । ଏହି କାରଣ ଯୋଗୁ ନ୍ୟୁମିଡ଼ିଆ ଲେଖାପାଇଁ କଥାଶୈଳୀର ପ୍ରୟୋଗ କରିଥାଏ ଯାହାକି ପାଠକଙ୍କ ଦ୍ୱାରା ସହଜରେ ବୁଝା ପଡିଥାଏ । ମଲ୍ଟି ମିଡ଼ିଆର ପ୍ରୟୋଗ ଯୋଗାଯୋଗ ଚକ୍ରକୁ ଅଧିକ ମଜବୁତ କରିବାପାଇଁ ପ୍ରୟୋଜନ କରାଯାଇଥିଲା । ନ୍ୟୁମିଡ଼ିଆର ସଫଳତା ଏହି କଥା ଉପରେ ନିର୍ଭର କରିଥାଏ କି ଏହା ନିଜର ପାଠକଙ୍କୁ ଆକର୍ଷିତ କରିଥାଏ କି ନାହିଁ । ଏହାପାଇଁ କାହାଣୀକୁ ଅଧିକ ରୁଚିକର କରିବା ଦରକାର ପଡିଥାଏ ସେଥିପାଇଁ ଏହାକୁ ରୁଚିକରକାରକ ମଧ୍ୟ କୁହାଯାଏ । ନ୍ୟୁମିଡ଼ିଆର ଭାଷା ଏବଂ ମଲ୍‌ଟି ମିଡ଼ିଆର ପ୍ୟାକେଜିଂ କରିବା ସମୟରେ ଏହି ରୁଚିକର କାରକ ପ୍ରତି ଧ୍ୟାନ ରଖିବାକୁ ପଡିଥାଏ ।

## ନ୍ୟୁମିଡ଼ିଆର ଅର୍ନ୍ତକ୍ରିୟାତ୍ମକ ଚରିତ୍ର:-

ରୁଚିକର କାରକ ବ୍ୟତୀତ ନ୍ୟୁମିଡିଆର ପ୍ରମୁଖ ବିଶେଷତ୍ୱ ଏହାର ଅର୍ନ୍ତକ୍ରିୟାତ୍ମକତା ଅଟେ । ଯାହାର



ଟୀପ୍ପଣୀ



ଅର୍ଥ ପାଠକଙ୍କ ଦ୍ୱାରା ପାଠ ସାମଗ୍ରୀରେ ଏହାର ହସ୍ତକ୍ଷେପ, ପାଠକ କେବେଭି ବ୍ଲକ୍ ଜରିଆରେ ନିଜର ବିଚାର ବ୍ୟକ୍ତ କରିପାରନ୍ତି । ବ୍ଲକ ବିଷୟରେ ଆପଣଙ୍କୁ ଜଣାଅଛି ଯାହାକି ଅନ୍‌ଲାଇନ୍ ଡାଇରି ସହିତ ସମାନ ଅଟେ, ଯିଏ ନିଜର ଅନୁଭବ ଲେଖିବା ଚାହିଁଥାନ୍ତି ସେ ସହଜରେ ବ୍ଲକ୍ ଆରମ୍ଭ କରିପାରିବେ । କ'ଣ ଆଜିକାଲି କେହି ମଧ୍ୟ ସମ୍ବାଦ ୱେବ୍‌ସାଇଟ୍ ପାଇଁ ଲେଖିବା ଆରମ୍ଭ କରିପାରିବେକି ? ସତ କହିବାକୁ ଗଲେ ଏହା କୌଣସି ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଆମେ ସମ୍ବାଦକଙ୍କ ନାମରେ ବାର୍ତ୍ତା ପ୍ରେରଣ କରୁଥିଲେ । ଯେଉଁଥିରେ କେହି ମଧ୍ୟ କୌଣସି ବିଷୟ ଉପରେ ଲେଖିକରି ସମ୍ବାଦ ପତ୍ରରେ ଛପିବାପାଇଁ ପଠଉଥିଲେ । କିନ୍ତୁ ଯେହେତୁ ଚିଠିପତ୍ରର ଲମ୍ବାଧାଡି ପାହାଡ ସଦୃଶ୍ୟ ହୋଇଯାଉଥିଲା ତେଣୁ ଏହା ମଧ୍ୟରୁ କିଛି ଚିଠିକୁ ସମ୍ବାଦପତ୍ରରେ ଜାଗା ମିଳୁଥିଲା । ନ୍ୟୁମିଡିଆ ପାଖରେ ସ୍ଥାନର କୌଣସି ଅଭାବନାହିଁ । ଯେତେବେଳେ ଲୋକମାନେ ଲଭ୍ ଲେଖିବାପାଇଁ ଚାହୁଁଥିଲେ ପୁରା କାହାଣୀ ବିନା ସମ୍ପାଦନରେ ଛପି ହୋଇଯାଏ । କିନ୍ତୁ ଯଦି ଆପଣ କୌଣସି ସମ୍ବାଦପତ୍ରର ୱେବ୍‌ସାଇଟ୍ ଦେଖିବେ ଆପଣଙ୍କୁ ଅନେକ ବ୍ଲକ୍ ମିଳିଯିବ ଯାହାକୁ କି କେତେକ ନାମକାରୀ ସାମ୍ବାଦିକମାନେ ଲେଖିଥିବେ । ସବୁଠାରୁ ମଜାଦାର କଥା ହେଉଛି ଏହି ବ୍ଲକ୍ ହୃଦୟ ମଧ୍ୟରୁ ଲେଖା ହୋଇଥାଏ । କେତେବେଳେ କେମିତି ଏଥିରେ ହାସ୍ୟ ରସାତ୍ମକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇ ଯାଇଥାଏ ।

ବ୍ଲକ୍ ବିଷୟରେ ଅନ୍ୟ ଗୋଟିଏ କଥା ହେଉଛି ଆପଣ ଯେମିତି ଚିନ୍ତା କରିବେ, ଅନୁଭବ କରିବେ ସେହିଭଳି ଭାବରେ ଲେଖିପାରିବେ । ଜଣେ ବିପଦ ଆପଦ ପ୍ରବନ୍ଧର ସମ୍ବୋଧିତ ଲେଖକ ସୁନାମି ଉପରେ ବ୍ଲକର ଏକ ନସିବା ଭଳି ଲେଖା ଲେଖିଚାଲିଥାନ୍ତି । ଯାହାର ୱେବ୍‌ସାଇଟ୍ ଉପରେ ଶହେରୁ ଅଧିକ ଲେଖାଥାଏ । ଏହା ସ୍ପଷ୍ଟ ହେଉଛି ଏହି ଲେଖା ସମ୍ବାଦପତ୍ର ଏବଂ ଅନ୍ୟାନ୍ୟ ମାଧ୍ୟମଠାରୁ ଅଧିକ ସୂଚନା ପ୍ରଦାନ କରୁଅଛି । ଏହି କାରଣ ଯୋଗୁଁ ଇଣ୍ଟରନେଟ୍ ଉପରେ ବ୍ଲକ୍ ପାଇଁ ଅଧିକ ସ୍ଥାନର ଜରୁରୀ ଅଟେ । ଏଥିରେ ଲେଖକ ସମୟର ପ୍ରାବନ୍ଧ ଦ୍ୱାରା ବନ୍ଧା ହୋଇନଥାଏ । ତା'ର ଆତ୍ମସନ୍ତୁଷ୍ଟି ହୋଇଥାଏ ଯାହାକି ତାକୁ ବ୍ଲକ୍ ଲେଖିବାପାଇଁ ଉତ୍ପ୍ରେରିତ କରିଥାଏ ।

## କାର୍ଯ୍ୟକଳାପ 22.1

ଆପଣ ନିଜର ଡାଇରି ଲେଖା ଆରମ୍ଭ କରିଦିଅନ୍ତୁ । ଏଥିରେ ଆପଣ ଗୋଟିଏ ସପ୍ତାହର ଅନୁଭବ



ଟୀପ୍ପଣୀ

ଗୋଟିଏ ଥର ନିଶ୍ଚୟ ଲେଖନ୍ତୁ । ଯଦି କୌଣସି ବହି ପଢିଥାନ୍ତି କିମ୍ବା କୌଣସି ଲୋକଙ୍କ ସହିତ ମିଶିଥାନ୍ତି ତାଙ୍କ ସଂପର୍କରେ ମଧ୍ୟ ଏଥିରେ ନିଶ୍ଚୟ ଲେଖନ୍ତୁ ।

## ପ୍ରିଣ୍ଟମିଡ଼ିଆ ଏବଂ ଟେଲିଭିଜନର ମୁକାବିଲାରେ ନ୍ୟୁମିଡ଼ିଆର ଶ୍ରେଷ୍ଠତା

ନ୍ୟୁମିଡ଼ିଆ କ'ଣ କରିଥାଏ । ଏହା ଆମର ଯୋଗାଯୋଗର ଢଙ୍ଗକୁ ବଦଳାଇ ଦେଇଛି । ଏହା ଯୋଗାଯୋଗର ଏପରି ଏକ ମାଧ୍ୟମ ହୋଇଯାଇଛି ଯାହାକି ଆମେ କେବେବି ନିଜ ମନ ମଧ୍ୟରୁ କାଢିପାରିବା ନାହିଁ । ଆପଣ ଜାଣିଛନ୍ତି ଆଜିକାଲି ସମସ୍ତ ଉପକ୍ରମରେ ନିଜର ୱେବ୍‌ସାଇଟ୍ ଅଛି । କୌଣସି ବ୍ୟକ୍ତି ଯଦି ସେହି ଉପକ୍ରମ ବିଷୟରେ ଅଧିକ ବିବରଣୀ ଜାଣିବାପାଇଁ ଚାହାଁନ୍ତି ତାଙ୍କୁ କେବଳ ଇଣ୍ଟରନେଟ୍‌ରେ ସେହି ୱେବ୍‌ସାଇଟ୍‌କୁ ଦେଖିବା ଜରୁରୀ ହୋଇଯାଏ । ଉଦାହରଣ ସ୍ୱରୂପ ଯଦି କୌଣସି ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅପ୍ ଓପନ୍‌ଲର୍ନିଂ ଦ୍ୱାରା ପରିଚାଳିତ ହେଉଥିବା କୌଣସି ପାଠକ୍ରମ ବିଷୟରେ ଜାଣିବାପାଇଁ ଚାହାନ୍ତି କେବଳ ଏନଆଇଓଏସ୍‌ର ୱେବ୍‌ସାଇଟ୍‌ରେ ଲଗନ୍ କରିବାର ଦରକାର ଥାଏ ଏହା ଫଳରେ ତାଙ୍କୁ ସମସ୍ତ ତଥ୍ୟ ମିଳିଯିବ ।

ସମ୍ବାଦପତ୍ରର ନିଜସ୍ୱ ୱେବ୍‌ସାଇଟ୍ ଥାଏ । ଏହି ୱେବ୍‌ସାଇଟ୍‌ର ପରିକଳ୍ପନା ସେମାନଙ୍କର ପ୍ରିଣ୍ଟ୍ ସଂସ୍କରଣର ପ୍ରତିକୃତି ମାତ୍ର ଥାଏ । ଯଦି ଆମେ ଅନ୍‌ଲାଇନ୍ ପତ୍ରକାରୀତାର ଇତିହାସକୁ ଦେଖିବା ଦ ହିନ୍ଦୁ ଏବଂ ଦ ଇଣ୍ଡିଆନ୍ ଏକ୍ସପ୍ରେସ୍ ସମ୍ବାଦପତ୍ର ଭାରତର ପ୍ରଥମ ସମ୍ବାଦପତ୍ର ଯାହାକି ୱେବ୍‌ସଂସ୍କରଣ ଆରମ୍ଭ କରିଥିଲା । କିନ୍ତୁ ସେ ସମୟରେ ୱେବ୍‌ସାଇଟ୍ ସେମାନଙ୍କର ପ୍ରିଣ୍ଟ ସଂସ୍କରଣଠାରୁ ଅଲଗା ନଥିଲା । ସକାଳର ସମ୍ବାଦପତ୍ରର ସମାଚାର କେବଳ ଏହି ୱେବ୍‌ସାଇଟ୍‌ରେ ଥିଲା । ସେହି ସମୟର ୱେବ୍‌ସାଇଟ୍‌ରେ ଆନିମେସନ ଏବଂ ଅନ୍ୟାନ୍ୟ ଦୃଶ୍ୟ ଯୋଗାଯୋଗ କରୁଥିବା ରୂପ ମଧ୍ୟ ଏଥିରେ ନଥାଏ ।

ଏହି ୱେବ୍ ସଂସ୍କରଣ ମଧ୍ୟ ଅନ୍ୟ ଉଦ୍ଦେଶ୍ୟ ଅଛି ଯେପରିକି ଭାରତର ଦକ୍ଷିଣୀ ରାଜ୍ୟର ପାଠକ 'ଦ ହିନ୍ଦୁ' ଖବରକାଗଜରେ ପରିଚିତ ଅଟନ୍ତି । କିନ୍ତୁ ସେହିପରି ଭାରତୀୟ ପାଠକ ଯେଉଁମାନେ କାନାଡ଼ାରେ ବସିଛନ୍ତି ସେମାନେ ଏହି 'ଦ ହିନ୍ଦୁ' ବିଷୟରେ କିପରି ଜାଣିପାରିବେ । ଏହିଠାରେ ନ୍ୟୁମିଡ଼ିଆର ଉପଯୋଗିତା ପ୍ରମାଣିତ ହୋଇଥାଏ । କାରଣ କୌଣସି ବ୍ୟକ୍ତି ବିଶ୍ୱର ଯେକୌଣସି କୋଣରେ ବସିକରି କେଉଁଠାରୁ ବାହାରୁଥିବା ଖବରକାଗଜର ୱେବ୍ ସଂସ୍କରଣ ପଢିପାରିବେ ।

କିଛି ମିଡ଼ିଆ ସଂଗଠନ ନିଜର ୱେବ୍ ସାଇଟ୍ ପ୍ରସ୍ତୁତ କରିବାରେ ଅଜସ୍ର ପଇସା ଖର୍ଚ୍ଚ କରୁଛନ୍ତି ।

ଟୀପ୍ପଣୀ



ଏବେ ଯଦି ପାଠକମାନେ ସେହି ୱେବ୍‌ସାଇଟ୍‌ରେ ପଞ୍ଜିକୃତ ହୁଅନ୍ତି ସେମାନଙ୍କର ଜରୁରୀ ସୂଚନା ମୋବାଇଲ ଫୋନ୍‌ରେ ଉପଲବ୍ଧ କରାଯାଏ । ଉଦାହରଣ ସ୍ୱରୂପ ଯଦି ଆପଣଙ୍କର ରଚି କ୍ରିକେଟ୍‌ର ଖେଳରେ ଅଛି ଏବଂ ଭାରତ ଅଷ୍ଟ୍ରେଲିଆର ମ୍ୟାଚ୍ ନୂଆ ଦିଲ୍ଲୀରେ ଅନୁଷ୍ଠିତ ହେଉଅଛି ସେ ସମୟରେ ଆପଣ ଗ୍ରୀଷ୍ମଛୁଟି କଟାଇବା ପାଇଁ ନିଜର ଜେଜେ ବାପା ମା'ଙ୍କ ପାଖକୁ ଲକ୍ଷ୍ନୌ ଯାଇଛନ୍ତି, କିନ୍ତୁ ଆପଣ ଗୋଟିଏ ସମାଚାର ପତ୍ର ଚ୍ୟାନେଲର ୱେବ୍‌ସାଇଟ୍ ଉପରେ ପଞ୍ଜିକୃତ ହୋଇଛନ୍ତି ଏବଂ ଆପଣଙ୍କ ପାଖରେ ମୋବାଇଲ ଫୋନ୍ ଅଛି । ଏଭଳି କ୍ଷେତ୍ରରେ ଅଧଘଣ୍ଟା ସମୟ ବ୍ୟବଧାନରେ ଆପଣଙ୍କୁ ମ୍ୟାଚର ସ୍କୋର ମିଳି ଚାଲିଥିବ ଆପଣଙ୍କ ମୋବାଇଲରେ । କ'ଣ ଏହା ଚିତ୍ତାକର୍ଷକ ନୁହେଁ ।

ଅଧିକାଂଶ ଟେଲିଭିଜନ ଚ୍ୟାନେଲର ନିଜସ୍ୱ ୱେବ୍‌ସାଇଟ୍ ଅଛି । ଅପରିହାର୍ଯ୍ୟ ଅଟେ କି ଏହା ସୂଚନା ପ୍ରଦାନ ପାଇଁ କେବଳ ଥାଏ । କୌଣସି ବ୍ୟକ୍ତି କୌଣସି ସମ୍ବାଦପତ୍ର ଚ୍ୟାନେଲରେ ଲଗ୍ ଅନ୍ କରିପାରିବ ତଥା ଅନ୍ୟାନ୍ୟ ପ୍ରସାରିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଦେଖିପାରିବ । ୱେବ୍‌ସାଇଟ୍ ପ୍ରତିପୃଷ୍ଟି(ଫିଡ୍‌ବ୍ୟାକ)ର ଏକ ମହତ୍ତ୍ୱପୂର୍ଣ୍ଣ ସାଧନ ମଧ୍ୟ ଅଟେ । ଦର୍ଶକ ୱେବ୍‌ସାଇଟ୍ ଉପରେ ଲଗ୍ ଅନ୍ କରି କୌଣସି କାର୍ଯ୍ୟକ୍ରମ ଉପରେ ନିଜର ମତାମତ ତଥା ଟିପ୍ପଣୀ ପଠାଇପାରନ୍ତି । ଆପଣ ମୁଦ୍ରିତ, ଟେଲିଭିଜନ ବା ନ୍ୟୁମିଡିଆ ମଧ୍ୟରୁ କାହାକୁ ଅଧିକ ଭଲ ମାଧ୍ୟମ ଭାବୁଛନ୍ତି । ଏହି ପ୍ରଶ୍ନର ଉତ୍ତର ଟିକେ କଷ୍ଟଦାୟକ ଅଟେ । ସବୁ ମାଧ୍ୟମର ନିଜର ଗୁଣ ଏବଂ ଦୋଷ ଥାଏ । ଆମେ ପ୍ରାୟ ଚିନ୍ତାକରୁ ଆଦିତ୍ୟଭଳି ଅନେକ ପିଲା ଆଜିକାଲି ପଢିବାରେ ଆଗ୍ରହ ରଖୁନାହାନ୍ତି । ସେଥିପାଇଁ ଏବେ ସକାଳର ଖବରକାଗଜ ପଢିବାର ଅଭ୍ୟାସ ଲୋକମାନଙ୍କଠାରୁ ଦୂରେଇ ଯାଇଛି । ଆମ ମଧ୍ୟରୁ ଅଧିକାଂଶ ଲୋକ ତୁରନ୍ତ(ତତ୍‌କାଳ)ସମ୍ବାଦ ପାଇ ଯାଉଛନ୍ତି । ସେଥିପାଇଁ ଆମର ପଢିବାର ଅଭ୍ୟାସ ଶେଷ ହେବାକୁ ଯାଉଛି ।

ଶ୍ରୀମାଧବନ୍ ମଧ୍ୟ ଏହି କଥାରେ ଏକ ମତ ଅଟନ୍ତି । ଏହା ସତ୍ୟ ଯେ ଅନେକ ଗୁଡିଏ ସୂଚନା ଇଣ୍ଟରନେଟ୍‌ରେ ଉପଲବ୍ଧ ଅଛି । କିନ୍ତୁ ବିଭିନ୍ନ ସାମାଜିକ ବା ରାଜନୈତିକ ବିଷୟ ଉପରେ ଗଭୀର ସୂଚନା ଯାହା ସେମାନେ ଚାହୁଁଥାନ୍ତି ସେମାନଙ୍କର ଖବର କାଗଜରେ ହିଁ କେବଳ ମିଳିଥାଏ । ସେଥିପାଇଁ ଖବର କାଗଜ ପଢିବାସେମାନେ କେବେ ବନ୍ଦକରି ପାରିବେ ନାହିଁ ।

ବାସ୍ତବରେ ଶ୍ରୀମାଧବନ୍ ଯେତେବେଳେ ଅଫିସ୍‌ରେ ଥାଆନ୍ତି ଇଣ୍ଟରନେଟ୍‌ରେ ସର୍ଫ ମଧ୍ୟ କରିଥାନ୍ତି । ଯେତେବେଳେ ତାଙ୍କ ପାଖରେ ଅଧିକ ସମୟ ନଥାଏ ସଂଚାରର ଏହି ପ୍ରକାର ତାଙ୍କୁ ଅନୁକୂଳ



ଟୀପ୍ପଣୀ

ଲାଗିଥାଏ । କିନ୍ତୁ ରାତିରେ ସେ ଟେଲିଭିଜନରେ ଅତି କମ୍‌ରେ ଗୋଟିଏ ସମାଚାର ବୁଲେଟିନ୍ ଶୁଣିବାକୁ ଅଧିକ ପସନ୍ଦ କରିଥାନ୍ତି । ପୁନର୍ବାର -ସକାଳୁ ସକାଳୁ ସେ କୌଣସି ପ୍ରକାର ଶୀଘ୍ର ଶୀଘ୍ର ସମ୍ବାଦପତ୍ର ଉପରେ ଗୋଟିଏ ଦୃଷ୍ଟି ପକାଇ ଦେଇଥାନ୍ତି । କିଛି ଲେଖା ଉପରେ ସେ ଚିହ୍ନିତ କରିଥାନ୍ତି ଏବଂ ସନ୍ଧ୍ୟା ସମୟରେ ଘରକୁ ଫେରିଲାବେଳେ ସେ ଏହାକୁ ସାବଧାନତା ସହ ପଢ଼ିଥାଆନ୍ତି ।

ଏହା ଏବେ ସ୍ପଷ୍ଟ ହୋଇଯାଇଛି କି ଏସମସ୍ତ ମାଧ୍ୟମ ଯେପରି ମୁଦ୍ରିତ, ଟେଲିଭିଜନ ଏବଂ ନ୍ୟୁମିଡ଼ିଆ ଗୋଟିଏ ଅନ୍ୟଜଣଙ୍କ ସହିତ ଅସ୍ତିତ୍ୱରେ ରହିଥାଆନ୍ତି । କ'ଣ ଆପଣ ମଧ୍ୟ ଏହା ବୁଝିପାରୁଛନ୍ତି ?




**ଚିତ୍ର : 21.4 ଶ୍ରୀ ମାଧବନ୍ ଗୋଟିଏ ସମ୍ବାଦପତ୍ର ପଢ଼ୁଛନ୍ତି । ତାଙ୍କ ପାଖରେ ଗୋଟିଏ କଂପ୍ୟୁଟର ଏବଂ ଟେଲିଭିଜନ ମଧ୍ୟ ରଖାଯାଇଛି ।**

## 21.7 ନ୍ୟୁମିଡ଼ିଆର ସୀମା

କିନ୍ତୁ ଆପଣ କ'ଣ ବୁଝିଛନ୍ତି ନ୍ୟୁମିଡିଆ ସହିତ ସବୁକିଛି ଠିକ୍‌ରେ ଚାଲିଛି ? ଯଥାର୍ଥରେ ନୁହେଁ । ଠିକ୍ ଏହିପରି ଭାବରେ ଯେଭଳି ମିଡିଆର ଅନ୍ୟରୂପ ନିଜସ୍ୱ ପରିସୀମା ଅଛି ନ୍ୟୁମିଡ଼ିଆର ମଧ୍ୟ କିଛି ସେଭଳି ନିଆରା ଜିନିଷ ଅଛି । ଏଠାରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିଷୟ ହେଉଛି ଯଦି କୌଣସି ଏକ ବ୍ଲକ୍ ଲେଖାଯାଇ ପାରିବ ଏବଂ ଏହା ବିନା ସମ୍ପାଦନରେ ଇଣ୍ଟରନେଟ୍‌ରେ ଆସି ଯାଇଥାଏ ତେବେ କୌଣସି ବ୍ୟକ୍ତି ଏହାକୁ ଖରାପ କରିବାପାଇଁ ଇଣ୍ଟରନେଟ୍ ଜରିଆରେ ଏଭଳି କିଛି ଜିନିଷ ପ୍ରୟୋଗ କରିଥା'ନ୍ତି ବା ଛାଡିଥା'ନ୍ତି । ଏହାର ପ୍ରଭାବ ବିପରୀତଧର୍ମୀ ଅଟେ । ଏଭଳି ପୂର୍ବରୁ ହୋଇଛି ଏବଂ ଏଥିପାଇଁ

ମିଡ଼ିଆ ସଂଗଠନ ଏହାକୁ ପ୍ରତିରୋଧ କରିବାପାଇଁ ଆବଶ୍ୟକ ସାବଧାନତାକୁ ରକ୍ଷାକରିବାପାଇଁ ଚେଷ୍ଟା କରିଥାନ୍ତି । ତା'ସଙ୍ଗେ ସଙ୍ଗେ ଯେଭଳିକି ଶ୍ରୀମାଧବନ୍ ବୁଝିଥାନ୍ତି କି ଇଣ୍ଟରନେଟ୍‌ରେ କିଛି ପଢିବାକୁ ପସନ୍ଦ କରି ନଥାନ୍ତି ଏଥିପାଇଁ ଯେ ସମ୍ବାଦପତ୍ର ଯେଭଳି ଅନୁଭୂତି ତଥା ରୂପ ଇଣ୍ଟରନେଟ୍‌ରେ ତାହା ନଥାଏ । ଏଭଳି ବହୁତ ଲୋକ ଅନୁଭବ କରନ୍ତି । କିନ୍ତୁ ଆଦିତ୍ୟ କ'ଣ ଏଭଳି ଚିନ୍ତା କରିଥାଏ କି ? ପ୍ରାୟ ନୁହେଁ । କାରଣ ତାକୁ କମ୍ପ୍ୟୁଟର ସ୍କ୍ରିନ୍‌ରେ ପଢିବାର ଅଭ୍ୟାସ ଅଛି । ଏହା ସତ୍ତ୍ୱେ ଯଦି ସେ ନିଜର ପାଠ୍ୟପୁସ୍ତକ ଧ୍ୟାନ ସହକାରେ ନପଢେ ଏହା ସମ୍ଭବ ନୁହେଁ ଇଣ୍ଟରନେଟ୍ ତାକୁ ପରୀକ୍ଷାରେ କିଛି ଭଲ ଅଙ୍କ ପ୍ରଦାନ କରିପାରିବ । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ମାଧବନ୍‌ଙ୍କ ଚିନ୍ତା ଯୁକ୍ତିଯୁକ୍ତ ଅଟେ ।

## ପାଠ୍ୟଗତ ପ୍ରଶ୍ନ 21.3

ବୁଝାନ୍ତୁ ନିମ୍ନଲିଖିତ ବକ୍ତବ୍ୟ ଠିକ୍ ବା ଭୁଲ୍ ।

1)- ବ୍ଲକ୍ ଲେଖକ ପତ୍ର କାରିଗର ନିୟମରେ ବାନ୍ଧି ହୋଇନଥାନ୍ତି ।

2)- ଭାରତୀୟ ଗାଁରେ ଲୋକମାନେ କାରିଗରୀକୁ ସ୍ୱୀକାର କରନ୍ତି ନାହିଁ ।

3)- କମ୍ପାନୀଗୁଡିକ ନିଜ ଇଚ୍ଛାନୁସାରେ ନିଜର ୱେବ୍ ସାଇଟ୍ ଲୋକମାନଙ୍କୁ ଲେଖିବାପାଇଁ ଖୋଲିଦେବେ ।

4)- ନ୍ୟୁମିଡିଆରେ ବିଶ୍ୱସନୀୟତାର କୌଣସି ବିଷୟ ନାହିଁ ।

5)- ଇଣ୍ଟରନେଟ୍ ଯୁବବର୍ଗଙ୍କ ମଧ୍ୟରେ ଅତ୍ୟଧିକ ଲୋକପ୍ରିୟ ହୋଇପାରିଛି କାରଣ ଏହା ଗତିଶୀଳ ଅଟେ ତଥା ଏହା ମଲ୍‌ଟିମିଡ଼ିଆର ଉପଯୋଗ କରିଥାଏ ।

## 21. 8 ଆପଣ କ'ଣ ଶିକ୍ଷାକଲେ ।

⇨ ନ୍ୟୁମିଡ଼ିଆ-ଏକ ପରିଚୟ ।

⇨ ନ୍ୟୁମଡ଼ିଆ ତଥା କମ୍ପ୍ୟୁଟର ।

- ଇଣ୍ଟରନେଟ୍ ଏକ୍ସପ୍ଲୋରର
- ୱେବ୍‌ସାଇଟ୍
- ସାଇବର୍ କେଫ୍



ଟୀପ୍‌ପଣୀ

- ➪ ସଂଚାର ଏକ ପ୍ରକାର ହିସାବରେ ନ୍ୟୁମିଡ଼ିଆ
- ପ୍ରତିଷ୍ଠିତ ପ୍ରଣାଳୀ
- ଅର୍ନ୍ତକ୍ରିୟାତ୍ମକତା
- ଲେଖନୀର କଥାତ୍ମକ ଶୈଳୀ
- ମଲ୍‌ଟି ମିଡ଼ିଆର ଉପଯୋଗ
- ➪ ନ୍ୟୁମିଡ଼ିଆ ତଥା ଗଣମାଧ୍ୟମର ଅନ୍ୟାନ୍ୟ ପ୍ରକାର
- ସମ୍ବାଦପତ୍ର ତଥା ୱେବ୍‌ସାଇଟ୍ ସମୂହ
- ଟେଲିଭିଜନ ତଥା ନ୍ୟୁମିଡ଼ିଆ
- ନ୍ୟୁମିଡ଼ିଆ ଅଭିରୁଚିକାରକ
- ➪ ନ୍ୟୁମିଡ଼ିଆର ଅର୍ନ୍ତକ୍ରିୟାତ୍ମକ ପ୍ରକୃତି
- ବ୍ଲକ୍
- ଅନ୍‌ଲାଇନ୍ ଡାଇରି
- ➪ ମୁଦ୍ରିତ ମାଧ୍ୟମ ତଥା ଟେଲିଭିଜନର ତୁଳନାରେ
- ନ୍ୟୁମିଡ଼ିଆର ଲାଭ
- ସମ୍ବାଦପତ୍ରର ୱେବ୍ ସଂସ୍କରକ
- ଟେଲିଭିଜନ ଚ୍ୟାନେଲ୍‌ର ୱେବ୍‌ସାଇଟ୍
- କମ୍‌ଭରଜେନ୍‌ସ
- ➪ ନ୍ୟୁମିଡ଼ିଆର ସୀମା

## 21.9 ପାଠ୍ୟାନ୍ତ ପ୍ରଶ୍ନ:-

1)- ଯୋଗାଯୋଗର ଗୋଟିଏ ରୂପ ହିସାବରେ ନ୍ୟୁମିଡ଼ିଆର ମହତ୍ତ୍ୱ ବୁଝାନ୍ତୁ ।

2)- ନିଜର ଦୈନନ୍ଦିନ ଜୀବନରେ କମ୍ପ୍ୟୁଟରର ମହତ୍ତ୍ୱ ମୂଲ୍ୟାଙ୍କନ କରନ୍ତୁ । ନିଜର ଉତ୍ତର ଉଚିତ ଉଦାହରଣ ସହ ପ୍ରଦାନ କରନ୍ତୁ ।

3)- ମୁଦ୍ରିତ ମାଧ୍ୟମ ତଥା ଟେଲିଭିଜନର ତୁଳନାରେ ନ୍ୟୁମିଡ଼ିଆର ଲାଭ ସଂପର୍କରେ ଚର୍ଚ୍ଚା କରନ୍ତୁ ।



ଟୀପ୍‌ପଣୀ

ନ୍ୟୁମିଡ଼ିଆର ସୀମାକୁ ସୂଚୀତ କରନ୍ତୁ ।

## 21.10 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

21.1 (1) (i) ଛାତ୍ରମାନେ ଇଣ୍ଟରନେଟ୍‌ର ଉପଯୋଗ ଶୈକ୍ଷିକ ଉପଯୋଗ ପାଇଁ କରିଥାଆନ୍ତି । ସେମାନେ ନିଜର ଗୃହକାର୍ଯ୍ୟ କରିବାପାଇଁ ସୂଚନା ଏକତ୍ରିତ କରିଥାନ୍ତି ।

(ii) ପଢିବା ଅଭ୍ୟାସ କମ୍ ହୋଇଯାଇଛି କାରଣ ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ଖାଲି ସମୟ ରହୁନାହିଁ । ତଥାପି ଲୋକମାନଙ୍କୁ ସୂଚନାର ଆବଶ୍ୟକ ଅଟେ । ଇଣ୍ଟରନେଟ୍ ସୂଚନାର ଖଜାନା/ସଂପଦ ଉପଲବ୍ଧ କରାଇଥାଏ । ତେଣୁ ଯଦି ଲୋକମାନେ ସପିଙ୍ଗ୍ ମଧ୍ୟ କରୁଥା'ନ୍ତି, ତେବେ ଏହାସତ୍ତ୍ୱେ ସେମାନେ ପଢୁଥିବେ ମଧ୍ୟ ।

(iii) ୱେବ୍‌ସାଇଟ୍

(iv) ଶ୍ରୀମତୀ ମାଧବନ୍ ଏଥିପାଇଁ ଚିନ୍ତିତ ଯେ ତାଙ୍କ ପୁଅ ଆଦିତ୍ୟ ଅନେକ ସମୟ କମ୍ପ୍ୟୁଟର ପାଖରେ ବସି ଅତିବାହିତ କରୁଛି ଏବଂ କିଛି ଶିଖୁନାହିଁ । ଅଞ୍ଜଳି ସହିତ କଥାହେବାପରେ ସେ କିଛି ଭଲ ଅନୁଭବ କରୁଛନ୍ତି । କାରଣ ଅଞ୍ଜଳି ତାଙ୍କୁ ଇଣ୍ଟରନେଟ୍ ବିଷୟରେ ଅନେକ କିଛି ବୁଝାଇଛନ୍ତି ।

21.2.1 (i) ସୂଚନା, ବିଚାର, ଅନୁଭୂତି

(ii) ପ୍ରତିପୁଷ୍ଟି

(iii) କାହାଣୀ

(iv) ମଲ୍ଟିମିଡ଼ିଆ

(v) ଅର୍ନ୍ତକ୍ରିୟାତ୍ମକ

21.3.1 (i) ଠିକ୍

(ii) ଭୁଲ୍

(iii) ଭୁଲ୍

(iv) ଭୁଲ୍

(v) ଠିକ୍



ଟୀପ୍‌ପଣୀ

# ୨୨

# ନ୍ୟୁ ମିଡିଆ: ଏକ ଶିଳ୍ପ

ନ୍ୟୁ ମିଡିଆର ଜନ୍ମ ଛପା ମିଡିଆରୁ ହୋଇଛି । କିନ୍ତୁ ଏହାର ଲକ୍ଷ୍ୟରେ ଥିବା ଶ୍ରୋତାବର୍ଗ ଛପା ମିଡିଆରୁ ଭିନ୍ନ ଅଟନ୍ତି । ନ୍ୟୁ ମିଡିଆ ଆଡକୁ ସବୁଠାରୁ ଅଧିକ ଯୁବ ବର୍ଗଙ୍କର ଆକର୍ଷଣ ବଢିଯାଇଛି । ଆଜିର ଯୁବ ପାଠକ କେଉଁ କାରଣ ବଶତଃ ୱେବ୍‌ସାଇଟ୍ ଆଡକୁ ଆକର୍ଷିତ ହେଉଛନ୍ତି ? ସେମାନେ ୱେବ୍ ସାଇଟ୍‌କୁ ପଢୁଛନ୍ତି ଏହା ବିଷୟରେ ଲେଖୁଛନ୍ତି ଅଥବା ବ୍ଲଗ ଆରମ୍ଭ କରୁଛନ୍ତି । ନ୍ୟୁ ମିଡିଆ ପ୍ରତି ଯୁବବର୍ଗଙ୍କ ଆକର୍ଷଣ ସେମାନଙ୍କ ପ୍ରଶ୍ନର ଉତ୍ତରରେ ନିହିତ ଅଛି । ଗୋଟିଏ ୱେବ୍‌ସାଇଟ୍ ପରିଚାଳନା ବା ସଂଚାଳନ ପାଇଁ ଅର୍ଥର ମଧ୍ୟ ଆବଶ୍ୟକତା ଥାଏ । ଏହାର ବ୍ୟବସ୍ଥା କିପରି ହୋଇଥାଏ ?

ଆସନ୍ତୁ ଆମେ ଏହା ଉପରେ ତଥା ଏହା ସମ୍ବନ୍ଧିତ ଆଉ କିଛି ପ୍ରଶ୍ନ ଉପରେ ଚର୍ଚ୍ଚା କରିବା ।

## ଉଦ୍ଦେଶ୍ୟ

ପ୍ରସ୍ତୁତ ପାଠକୁ ପଢିସାରିବାପରେ ଆପଣ ନିମ୍ନ କାର୍ଯ୍ୟରେ ନିପୁଣ ହୋଇଯିବେ ।

- ଭାରତରେ ଗଣମାଧ୍ୟମର ଐତିହାସିକ ପ୍ରାରମ୍ଭରୁ ନେଇ ନ୍ୟୁ ମିଡିଆ ପର୍ଯ୍ୟନ୍ତ ବିଭିନ୍ନ ମିଡିଆର ରୂପକୁ ରେଖାଙ୍କନ କରିବା ।
- ଭାରତରେ ନ୍ୟୁ ମିଡିଆର ପ୍ରଭାବ ସଂପର୍କରେ ଚର୍ଚ୍ଚା ।
- ଏକ ବିନ୍ଦୁ ପ୍ରତି ଉନ୍ମୁଖତାର ବ୍ୟାଖ୍ୟା କରିବା ।
- ନ୍ୟୁ ମିଡିଆ ଉଦାହରଣର ଚର୍ଚ୍ଚା ।

## 22.1 ଭାରତରେ ପୁରୁଣା ମିଡିଆରୁ ନୁଆ ମିଡିଆ ପର୍ଯ୍ୟନ୍ତ ଏକ ଯାତ୍ରା:-

1986 ରେ ଭାରତରେ ମିଡିଆ ଉପକ୍ରମ/ ଗୃହ ପ୍ରଥମ ସମ୍ବାଦ ୱେବ୍ ସାଇଟ୍ ଆରମ୍ଭ କରିଥିଲା । କିନ୍ତୁ ଯେପରି ଆପଣଙ୍କୁ ଜଣା ୱେବ୍ ପ୍ରକାଶନ ପ୍ରିଣ୍ଟ ପ୍ରକାଶନର ଏକ ପ୍ରତିକୃତି ମାତ୍ର ଥିଲା । ଏହି ସମୟରେ ୱେବ୍‌ସାଇଟ୍ କାମ କେବଳ ମିଡିଆ ହାଉସ୍‌ର ଅସ୍ତିତ୍ୱ ବିଷୟରେ ସୂଚନା ଦେବା ବ୍ୟତୀତ ଆଉ କିଛି ନଥିଲା ।

ବାସ୍ତବରେ ନ୍ୟୁ ମିଡିଆର ଆରମ୍ଭ 1996 ପରେ ଭାରତରେ ହୋଇଥିଲା ଯେତେବେଳେ ଅନେକ ମିଡିଆ ଗୃହ ନିଜ ନିଜର ସମ୍ବାଦ ୱେବ୍‌ସାଇଟ ଆରମ୍ଭ କରିଥିଲେ । କିନ୍ତୁ ବର୍ଷ 2000 ରେ ଏଥିମଧ୍ୟରୁ ଅନେକ ୱେବ୍‌ସାଇଟ୍ ବନ୍ଦ ହୋଇଯାଇଥିଲା । ଏହା ସେହି ସମୟ ଥିଲା ଯେତେବେଳେ

ଭାରତରେ କନ୍‌ଭରଜେନ୍‌ସର ପ୍ରଚଳିତ ବଢିଯାଇଥିଲା । କନ୍‌ଭରଜେନ୍‌ସର ତାତ୍ପର୍ଯ୍ୟ ମିଡିଆର ବିଭିନ୍ନ ରୂପକୁ ଗୋଟିଏରୁ ଅନ୍ୟର ପାଖକୁ ଆସିବାକୁ ବୁଝାପଡେ । ଅର୍ଥାତ୍ କୌଣସି ଗୋଟିଏ ଯନ୍ତ୍ରରେ ଦୃଶ୍ୟ ଶ୍ରାବ୍ୟର ମୁଦ୍ରିତ ମାଧ୍ୟମର ସମାବେଶ ଯେପରିକି ଆପଣଙ୍କ ମୋବାଇଲ ଫୋନ୍ । ଏହି ବିଷୟରେ ଆପଣ ଆଗକୁ ଭଲଭାବରେ ଜାଣିପାରିବେ ।

## 22.2 ଭାରତରେ ନ୍ୟୁ ମିଡିଆର ପ୍ରଭାବ:-

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଅଟେ ଭାରତରେ ସ୍ୱତନ୍ତ୍ର ମିଡିଆ ହାଉସ୍ ଅସ୍ତିତ୍ୱରେ କିପରି ଆସିଲା ? ଏହାର ଅର୍ଥ ବ୍ୟବସ୍ଥା କାହା ହାତରେ ନ୍ୟସ୍ତ ଥିଲା ?

ଭାରତରେ ସ୍ୱତନ୍ତ୍ର ମିଡିଆ ହାଉସ୍‌ର ଆରମ୍ଭ ବଡ ବଡ ପୁଞ୍ଜିପତିଙ୍କ ଦ୍ୱାରା ସୁଧରେ ଦିଆଯାଉଥିବା ଅର୍ଥରାଶିରେ ହୋଇଥିଲା । ସେମାନଙ୍କୁ ମିଡିଆ ଭିତରୁ ଏକ ମସ୍ତବଡ ଉଦିତ ବଜାରର ଦୃଷ୍ଟି ଥିଲା । ତେଣୁ ଅଧିକ ଲାଭ ଆଶାର ଫଳସ୍ୱରୂପକୁ ନଜରରେ ରଖି ଏହି ପୁଞ୍ଜିପତିମାନେ ଏହି ବଜାରରେ ଅର୍ଥ ନିବେଶ କରିଥିଲେ । ଏହି ପୁଞ୍ଜିପତିମାନଙ୍କୁ ସାହସୀ ପୁଞ୍ଜିପତିର ସଂଜ୍ଞା ଦିଆଯାଇଥାଏ ।

ନ୍ୟୁମିଡିଆ ସଂବନ୍ଧରେ ଏହି ସାହସୀ ପୁଞ୍ଜିପତିମାନଙ୍କୁ ହୃଦୟଙ୍ଗମ ହେଲା ଭାରତରେ ଏହି ସଂବନ୍ଧରେ ପୁଞ୍ଜିନିବେଶ ଗୋଟିଏ ଭଲ ବ୍ୟବସାୟ ହୋଇପାରିବ । ପ୍ରଥମ ମିଡିଆ ହାଉସ୍ ସ୍ଥାପିତ କରି ରାଜନୈତିକ ଦଳ ପର୍ଯ୍ୟନ୍ତ ନିଜର ସ୍ଥିତିକୁ ନେଇପାରିବା ଏବଂ ଦ୍ୱିତୀୟରେ ଇଣ୍ଟରନେଟ୍ ସାହାଯ୍ୟରେ ବ୍ୟାପାରିକ ଦେବା ନେବା ହୋଇପାରୁଥିବା ମୋଟା ଅଙ୍କର ଲାଭ । ସେମାନେ ତୁରନ୍ତ ଏ ବିଷୟରେ ଚିନ୍ତା କରିପାରିଲେ ନାହିଁ ଭାରତୀୟ କ୍ରେତା ଜିନିଷକୁ ଦେଖି ପରଖି ଏହାକୁ କିଣିଥା'ନ୍ତି । ଅର୍ଥାତ୍ ଭାରତୀୟ କ୍ରୟ ସଂସ୍କୃତିରେ ଜିନିଷକୁ ଦେଖିକରି, ଚିନ୍ତାକରି ଠିକ୍ ମୂଲଚାଲ କରିବାପରେ କିଣିଥାନ୍ତି । ତେଣୁ କେତେକ ସ୍ୱତନ୍ତ୍ର ହାଉସ୍ ବେପାର କରିଚାଲିଲେ ପରନ୍ତୁ ଅଧିକାଂଶ ଏପରି ହାଉସ୍‌କୁ ବନ୍ଦ କରିବାକୁ ବାଧହେଲେ ।

ୱେବ୍‌ସାଇଟ୍‌ର ଖୋଲିବା ଏବଂ ବନ୍ଦହେବା ଏଇ ଘଟଣା ମିଡିଆକର୍ମୀ ଏବଂ ମିଡିଆ ପ୍ରବନ୍ଧକଙ୍କୁ ଏହା ଶିକ୍ଷାଦେଲା, ଯଦି ନ୍ୟୁ ମିଡିଆରେ ବିନିଯୋଗ କରିବାକୁ ଚାହୁଁଥାନ୍ତି ସେମାନଙ୍କୁ ଏକ ନୂତନ ଆର୍ଥିକ ମଡେଲ ବିଷୟରେ ଚିନ୍ତା କରିବା ଦରକାର ଫଳତଃ ଏକ ମୋଟା ଅଙ୍କର ରୋଜଗାର ହୋଇପାରିବ । ଏହାସହିତ ମିଡିଆ କର୍ମୀ ଏବଂ ପ୍ରବନ୍ଧକମାନେ ଏହା ମାନିନେଲେ ପଇସା ରୋଜଗାର ପାଇଁ ଏମାନଙ୍କୁ ବିଷୟ ସାମଗ୍ରୀ ବିକ୍ରି କରିବାକୁ ପଡିବ ଅନ୍ୟଥା କେବଳ ପଇସା ଦେବା ନେବା ଦ୍ୱାରା ହେଉଥିବା ରୋଜଗାର ଉପରେ ନିର୍ଭରକରି କେବଳ ରହିବା ଅସମ୍ଭବ ହୋଇପଡିବ ।

ଟୀପ୍‌ପଣୀ



ଚିତ୍ର : 22.1

## ପାଠ୍ୟଗତ ପ୍ରଶ୍ନ 22.1 :-

(1) ସାହସୀ ପୁଞ୍ଜିପତି କାହାକୁ କୁହାଯାଇଥାଏ ?

(2) ଭାରତରେ ସାହସୀ ପୁଞ୍ଜିପତି ନ୍ୟୁମିଡିଆରେ ନିବେଶର ପକ୍ଷରେ କାହିଁକି ଥିଲେ ?

(3) ପ୍ରାରମ୍ଭିକ ୱେବ୍ ପ୍ରକାଶନ କାର୍ଯ୍ୟର ଚର୍ଚ୍ଚା କରନ୍ତୁ ।

## 22.3 ନ୍ୟୁ ମିଡିଆ ଏବଂ କନ୍‌ଭରଜେନ୍ସ୍:-

ଆସନ୍ତୁ ମନେପକାଇବା ଆମେ ଭାରତୀୟ ମିଡିଆ ଇତିହାସରେ କ'ଣ ପଢିଛେ ? ଆମେ ପଢିଛେ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମରେ ପ୍ରିଣ୍ଟମିଡିଆର ବହୁତ ବଡ ଯୋଗଦାନ ଅଛି । ସେ ସମୟରେ ଦୂରଦର୍ଶନ ଏବଂ ନ୍ୟୁମିଡିଆ ନଥିଲା । କେବଳ ପ୍ରିଣ୍ଟ ମିଡିଆ ବା ଛାପା ମୁଦ୍ରଣ ଲୋକମାନଙ୍କୁ ପ୍ରଭାବିତ କରିଥିଲା ।

ସ୍ୱାଧୀନତାପରେ ପାଖାପାଖି ଦୁଇ ଦଶକ ପର୍ଯ୍ୟନ୍ତ ଭାରତୀୟ ମିଡିଆର ଦୃଶ୍ୟପଟ୍ଟରେ ପ୍ରିଣ୍ଟ ମିଡିଆର ସାମ୍ରାଜ୍ୟ ବଳବତ୍ତର ଥିଲା । 70 ଦଶକରେ ଦୂରଦର୍ଶନର ପ୍ରସାର ହେଲା କିନ୍ତୁ କିଛି ବର୍ଷ ପର୍ଯ୍ୟନ୍ତ ଭାରତୀୟ ଜନତା ସୀମିତ କାର୍ଯ୍ୟକ୍ରମ ଦେଖିବାକୁ ପାଉଥିଲେ । ସୁତରାଂ ଏହି ସମୟରେ ପ୍ରିଣ୍ଟ ମିଡିଆର ସାମ୍ରାଜ୍ୟ ବଳବତ୍ତର ଥିଲା । ଭାରତରେ ଦୂରଦର୍ଶନର ପ୍ରସାରଣ ବୃଦ୍ଧି ପାଇଥିଲା ଯେତେବେଳେ କେବୁଲ ଟେଲିଭିଜନର ପ୍ରସାରଣ ଆରମ୍ଭ ହେଲା । ଲୋକ ଅଧିକରୁ ଅଧିକ ଟିଭି ଦେଖିବାକୁ ଲାଗିଲେ । ଦୂରଦର୍ଶନ କାରଣରୁ ପ୍ରିଣ୍ଟ ମିଡିଆ ମଧ୍ୟ ବଦଳିବାକୁ ଲାଗିଲା । କାରଣ ଏଭଳି ସ୍ଥିତିରେ ଦୂରଦର୍ଶନକୁ ବାଜିମାତ୍ କରିବା ଜରୁରୀ ଥିଲା ଅନ୍ୟଥା ପ୍ରିଣ୍ଟ ମିଡିଆର ଅସ୍ତିତ୍ୱ

ବିପଦରେ ପଡିବାର ସମ୍ଭାବନା ରହିଥିଲା । ସୁତରାଂ ପାଖାପାଖି ସବୁ ଭାରତୀୟ ଖବରକାଗଜ ନିଜର ଲେଖନୀ ତଥା କଳେବରକୁ ବଦଳାଇ ଦେଲେ । ସଂକ୍ରମଣ କାଳର ସମୟରେ ଯେତେବେଳେ ନ୍ୟୁମିଡିଆ ଆସିଲା ସମସ୍ତେ ଭାବିଲେ ସମ୍ଭବତଃ ଏବେ ପ୍ରିଣ୍ଟ ମିଡିଆର ଅସ୍ତିତ୍ୱ ଲୋପ ପାଇଯିବ ।ଯେତେବେଳେ ପ୍ରଥମ ରଚନାତ୍ମକକୁ ଆବଶ୍ୟକ କୌଶଳ ଭାବରେ ଗଣା ଯାଉଥିଲା । ବର୍ତ୍ତମାନ କୌଣସି କର୍ମଚାରୀଙ୍କ ଉପଯୋଗିତାକୁ ବାଛିବାପାଇଁ ଯାନ୍ତ୍ରିକ କୌଶଳ ଏକ ମହତ୍ତ୍ୱପୂର୍ଣ୍ଣ ଆଧାର ହୋଇଗଲା ।

ଆସନ୍ତୁ ଆମେ ଏହା ଉପରେ ଗୋଟିଏ ପରେ ଗୋଟିଏ ବିଚାର କରିବା ।

ପ୍ରଥମ ବିଚାରଣୀୟ ପ୍ରଶ୍ନ ଜ୍ଞାନ କୌଶଳ ଅଟେ ।

ଏଠାରେ ଏହା ଚର୍ଚ୍ଚାର ବିଷୟ ଅଟେ, ଆସନ୍ତା ପାଞ୍ଚ ବର୍ଷରେ ସମୁଦାୟ ମିଡିଆ ଜଗତ ଡିଜିଟାଲ ହୋଇଯିବ ଅଥବା ଭାରତଭଳି ବିକାଶଶୀଳ ରାଷ୍ଟ୍ରରେ ଏହା ଏକ ଆଂଶିକ ସମୟର ଲହରୀ ଅଟେ ? ନ୍ୟୁମିଡିଆର ଅସ୍ତିତ୍ୱ କ'ଣ ନଷ୍ଟ ହୋଇଯିବ ଏବଂ ଆମେ ପୁନର୍ବାର ପ୍ରିଣ୍ଟ ମିଡିଆ ମାଧ୍ୟମକୁ ଫେରିଯିବା ? ଏହାର ଉତ୍ତର ବହୁତ ସରଳ ଅଟେ । ଯେଉଁପ୍ରକାର ଦୂରଦର୍ଶନକୁ ସ୍ଥାପିତ ହେବାପାଇଁ ସମୟ ଲାଗିଥିଲା ଏବଂ ଆଜିକାଲି ଯେପରି ରେଡିଓର ପ୍ରଚଳନ ବଢୁଅଛି ସେହିପରି ନ୍ୟୁମିଡିଆକୁ ମଧ୍ୟ ପ୍ରମୁଖ ରୂପରେ ସ୍ଥାପିତ ହେବାପାଇଁ ସମୟ ଲାଗିବ । ଯେଉଁପରି ଭାବରେ ଦୂରଦର୍ଶନ ପ୍ରିଣ୍ଟ ମିଡିଆକୁ କୌଣସି କ୍ଷତି ଦେଲାନାହିଁ ଠିକ୍ ସେହି ପ୍ରକାର ନ୍ୟୁମିଡିଆ ଦୂରଦର୍ଶନ ଏବଂ ପ୍ରିଣ୍ଟମିଡିଆକୁ କୌଣସି କ୍ଷତି ପହଞ୍ଚାଇ ନଥିଲା । ଏସମସ୍ତ ମିଡିଆ ରୂପର ଅସ୍ତିତ୍ୱ ଠିକ୍ ଭାବରେ ରହିବ କିନ୍ତୁ ଏମାନଙ୍କର କାର୍ଯ୍ୟଧାରାରେ ପରିବର୍ତ୍ତନ ହୋଇଯିବ ।

ଦ୍ୱିତୀୟ ବିଚାରଣୀୟ ପ୍ରଶ୍ନ ରଚନାତ୍ମକ ବନାମ ଜ୍ଞାନକୌଶଳ ଦକ୍ଷତା । ଆଜି ମିଡିଆ ପ୍ରବନ୍ଧକମାନେ ପଚାରୁଛନ୍ତି ସେମାନେ କ'ଣ ଏପରି ସାମ୍ବାଦିକଙ୍କୁ ଚାକିରି ଦେବେ ଯେଉଁମାନେ ଲେଖିବା ଏବଂ ରିପୋର୍ଟିଂରେ ଦକ୍ଷ ଥିବେ ଅଥବା ସେମାନେ ଜ୍ଞାନ କୌଶଳରେ ଦକ୍ଷଥିବେ ? ଏବେ ସାମ୍ବାଦିକମାନେ ପଚାରିବାକୁ ଲାଗିଲେଣି ସେମାନଙ୍କର କାମ କ'ଣ ଲେଖିବା, ସଂପାଦନା କରିବା ଏବଂ ରିପୋର୍ଟିଂ କରିବା କିମ୍ବା କୌଶଳ ଭିତରେ ଖୋଜି ରହିବା ଅଟେ । ଏ ପ୍ରଶ୍ନର ଉତ୍ତର ସରଳ ଅଟେ । ବାସ୍ତବରେ ମିଡିଆ ଜଗତରେ ସମସ୍ତ କୌଶଳର ଆବିଷ୍କାରକୁ ରଚନାତ୍ମକର ପୂରକ ରୂପରେ ଦେଖାଯାଉଛି । ଅନ୍ୟଅର୍ଥରେ କୁହାଯିବ ଯଦି ଜ୍ଞାନକୌଶଳ ରଚନାତ୍ମକତାର ସହଯୋଗୀ ନହେବ ଏହା ବୃଥା ଅଟେ । ସୁତରାଂ ସମସ୍ତ ରଚନାତ୍ମକ କର୍ମକର୍ତ୍ତାଙ୍କୁ ଜ୍ଞାନ କୌଶଳର ପୁରାମାତ୍ରାରେ ଉପଯୋଗ କରିବା ଜରୁରୀ ଅଟେ । ଯଦି ସେମାନଙ୍କୁ ହୃଦବୋଧ ହେବ ଜ୍ଞାନକୌଶଳର କୌଣସି ଅଂଶ ସେମାନଙ୍କ କାମରେ ବାଧାସୃଷ୍ଟିକରିବ ତେବେ ସେମାନଙ୍କୁ ସେହିଠାରେ ଛାଡିଦେଇ ନୂଆ ଉତ୍ତମଜ୍ଞାନ କୌଶଳର ସୂଚନାଦେବା ନିହାତି ଜରୁରୀ ଅଟେ । ଆଜି ସାମ୍ବାଦିକ ଏବଂ ମିଡିଆ ପ୍ରବନ୍ଧକମାନେ ଏହା ଜାଣିପାରିଛନ୍ତି ଯୋଗାଯୋଗର ଅଧିକ ଶକ୍ତିଶାଳୀ ରୂପ ପୁରୁଣା ରୂପ ପାଇଁ ବିପଦ ଅଟେନାହିଁ । ଯେଉଁଠି ଯୋଗାଯୋଗର ପୁରୁଣା ରୂପ ନିଜର କାର୍ଯ୍ୟ କରଣିରେ ଏହି ପରିବର୍ତ୍ତନରେ ମଧ୍ୟ ନିଜର ସ୍ଥାନ ରଖିପାରିଛି । ସୁତରାଂ

ଟୀପ୍‌ପଣୀ

ମିଡିଆ କର୍ମୀ ଆଜି କନ୍‌ଭରଜେନ୍‌ସୀର କଥା କହୁଛନ୍ତି । କନ୍‌ଭରଜେସର କ'ଣ ତାତ୍ପର୍ଯ୍ୟ ଅଛି ?

କନ୍‌ଭରଜେନ୍‌ସର ତାତ୍ପର୍ଯ୍ୟ ସମସ୍ତ ମିଡିଆର ସ୍ୱରୂପ ଉଦାହରଣ ପ୍ରିଣ୍ଟ, ରେଡିଓ, ଦୂରଦର୍ଶନ ଇତ୍ୟାଦିଙ୍କ ଅସ୍ତିତ୍ୱ ଏକାସାଙ୍ଗରେ ରହିବ । ହୋଇପାରେ ସେମାନଙ୍କର ନିୟନ୍ତ୍ରଣ ଅଲଗା ଅଲଗା ରହିବ କିନ୍ତୁ ସମସ୍ତଙ୍କର ସହ ଅସ୍ତିତ୍ୱ ରହିଥିବ । କନ୍‌ଭରଜେନ୍‌ସର ଏହି ସତ୍ୟକୁ ଦେଖିକରି ଆଜି ସମସ୍ତ ମିଡିଆ ସଂଗଠନ ନିଜର କାୟାବିସ୍ତାର କରି ଗଣମାଧ୍ୟମ ଅନ୍ୟ ଏକ ଭିନ୍ନ ତତ୍ତ୍ୱ ଯଥା ଗୋଟିଏ ଛାତତଳେ ଏକାଠି ରହିବାର ପ୍ରୟାସ ଜାରି ରଖିଛନ୍ତି । ମୌଳିକ ସ୍ତରରେ ଦେଖାଗଲେ ଅନେକ ମିଡିଆ ସଂଗଠନ ଏପରି ଅଛନ୍ତି ଯେଉଁମାନେ ଏକସାଥିରେ ପ୍ରିଣ୍ଟ, ଦୂରଦର୍ଶନ, ରେଡିଓ ଏବଂ ନ୍ୟୁମିଡିଆ ସଂଗଠନକୁ ଏକାସାଙ୍ଗରେ ଚଲାଇଛନ୍ତି ।



**ଚିତ୍ର : 22.2 କନ୍‌ଭରଜେନ୍‌ସ**

## ପାଠ୍ୟଗତ ପ୍ରଶ୍ନ 22.2 :-

ଖାଲିସ୍ଥାନ ପୂରଣପାଇଁ ଉପଯୁକ୍ତ ଶବ୍ଦ ବାଛନ୍ତୁ:-

(1) ବ୍ରିଟିଶ୍ ଶାସନ କାଳରେ ଭାରତରେ ____________ର ଅସ୍ତିତ୍ୱ ନ ଥିଲା ।

(2) ଦୂରଦର୍ଶନରେ ନିଜର ଅସ୍ତିତ୍ୱର ଲଢାଇରେ ଭାରତୀୟ ଖବର କାଗଜ ନିଜର ________ଏବଂ କୁ ବଦଳାଇଲା ।

(3) କନ୍‌ଭରଜେନ୍‌ସର ତାତ୍ପର୍ଯ୍ୟ__________ର ଗୋଟିଏ ସାଥିରେ ଆଣିବା ।

(4) ଯୋଗାଯୋଗର ________ରୂପ ପ୍ରାରମ୍ଭିକ ରୂପକୁ ___________କରେନାହିଁ ।



ଟୀପ୍ପଣୀ



## 22.4 ନ୍ୟୁ ମିଡିଆର ଉଦାହରଣ

ଚିନ୍ତାକରନ୍ତୁ ଆପଣ ଗ୍ରୀଷ୍ମକାଳୀନ ଛୁଟି କଟାଇବା ପାଇଁ ଜେଜେ ବାପା ମା'ଙ୍କ ସାଙ୍ଗରେ ମିଶିବାପାଇଁ ଗାଆଁକୁ ଗଲ । ସେଠାରେ ବହୁତ ଅଧିକ ସୁବିଧା ସୁଯୋଗ ନାହିଁ । ସମସ୍ତଙ୍କ ଘରେ ଟିଭି ମଧ୍ୟ ନାହିଁ ଏବଂ ଆପଣଙ୍କୁ ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ରୋମାଞ୍ଚକର ମ୍ୟାଚର ସ୍କୋର ଜାଣିବା ଦରକାର ତେବେ ଆପଣ କ'ଣ କରିବେ ? ଆଜ୍ଞା ହଁ ଆପଣ ଛଟପଟ ହେବେ ପରେ ଆପଣଙ୍କର ମନେ ପଡିବ ଆପଣଙ୍କ ପାଖରେ ମୋବାଇଲ ଫୋନ୍ ଅଛି । ଆପଣ ତୁରନ୍ତ ଗୋଟିଏ ବାର୍ତ୍ତା ପଠାନ୍ତି ଏବଂ 5 ମିନିଟ୍ ଭିତରେ ଆପଣଙ୍କ ମୋବାଇଲ ପରଦାରେ ବାର୍ତ୍ତା ଆସିଯାଏ । ଏହା ନିଶ୍ଚୟ ଗୋଟିଏ ସକରାତ୍ମକ ପ୍ରଦାନକାରୀ ଘଟଣା ନା ? ଆଜ୍ଞା ହଁ ଏହାସବୁ ସମ୍ଭବ ହୋଇଛି ନ୍ୟୁ ମିଡିଆର ଉପକାର ଯୋଗୁଁ ।

ଆପଣ ଗୋଟିଏ ସମାଚାର ୱେବ୍‌ସାଇଟ୍‌ରେ ନିଜେ ନିଜକୁ ପଞ୍ଜିକରଣ କରିଛନ୍ତି ଏବଂ ଇ-ମେଲ୍ ଜରିଆରେ ସେଇ ସାଇଟ୍‌କୁ କୁହାଯାଇଛି ଯଦି ଆପଣଙ୍କର ରୁଚି କ୍ରିକେଟ ସ୍କୋରରେ ଅଛି ଏବଂ ଆପଣ କୁଆଡେ ଯାଉଛନ୍ତି, ତେବେ ଆପଣ କେବଳ ମୋବାଇଲରୁ ଗୋଟିଏ ମେସେଜ୍ ପଠାନ୍ତୁ ଏବଂ ସମ୍ବନ୍ଧିତ ସୂଚନା ତୁରନ୍ତ ପାଇଯାଆନ୍ତି । ଏହାକୁ କୁହାଯାଏ ବ୍ୟକ୍ତିନିଷ୍ଠ ସମାଚାର । ଏହାର ଅର୍ଥ ଆପଣଙ୍କୁ ଯେଉଁଥିରେ ରୁଚି ଅଛି ସେହି ଖବର ଆପଣଙ୍କ ପାଖରେ ପହଞ୍ଚାଇ ଦିଆଯିବ । ନ୍ୟୁମିଡିଆର ସବୁଠାରୁ ଉତ୍କୃଷ୍ଟ ଉତ୍ପାଦ ୱେବ୍ ସାଇଟ୍ ଅଟେ । ସମାଚାର ୱେବ୍ ସାଇଟ୍ ବ୍ୟତୀତ ଇଣ୍ଟରନେଟ୍‌ରେ ମଧ୍ୟ ଅନ୍ୟାନ୍ୟ ଅସୁମାରୀ ୱେବ୍ ସାଇଟ୍ ଦେଖିବାକୁ ମିଳିଥାଏ ।

ଆଜି ଆପଣ ଦେଖିବେ ସବୁ ସଂଗଠନର ନିଜସ୍ୱ ୱେବ୍ ସାଇଟ୍ ଅଛି । ଏହି କର୍ପୋରେଟ୍ ୱେବ୍ ସାଇଟ୍ ସହାୟତାରେ ସଂଭାବିତ ଗ୍ରାହକ ଏବଂ କର୍ମଚାରୀବୃନ୍ଦଙ୍କ ପର୍ଯ୍ୟନ୍ତ ସୂଚନା ପହଞ୍ଚାଇ ଦିଆଯାଏ । ସବୁ ୱେବ୍ ସାଇଟ୍‌ରେ ଆମକୁ "ଯୋଗାଯୋଗ କରନ୍ତୁ"ବା "କନ୍‌ଟାକ୍‌ଟଅସ୍"ର ଗୋଟିଏ ବାକ୍ସ ଥାଏ । ଯଦି ଆପଣ ସେହି ସଂଗଠନର କାହା ସହିତ କୌଣସି କଥା ହେବାକୁ ଚାହାନ୍ତି ଆପଣ ତାଙ୍କର ଫୋନ୍ ନମ୍ବର, ସାଇଟ୍‌ରୁ ବାହାର କରି ଫୋନ୍ କରିପାରନ୍ତି ଅଥବା ଇମେଲ୍ ଠିକଣାରେ ଇମେଲ୍ ସହାୟତାରେ କଥା ହୋଇପାରନ୍ତି ।

କିଛି କଂପାନୀମାନେ ନିଜର ସାଇଟ୍ ଉପରେ ବ୍ୟବହାର କର୍ତ୍ତାଙ୍କୁ ନିଜଦ୍ୱାରା ନିର୍ମିତ ବସ୍ତୁଗୁଡିକୁ ଏବଂ ସେଗୁଡିକର ସେବା ସଂପର୍କରେ ବ୍ଲଗ ଲେଖିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି । କିଛି କଂପାନୀପାଇଁ ସାଇଟ୍ ପ୍ରତିପୃଷ୍ଟିର ଏକ ଭଲ ସାଧନ ଅଟେ । ଗ୍ରାହକମାନେ ମଧ ସେଇ କଂପାନୀର ଅନ୍ୟଗ୍ରାହକମାନଙ୍କ ସହିତ ନେଟ୍‌ୱାର୍କ ସ୍ଥାପନ କରି ସଂପର୍କ ସୃଷ୍ଟିକରନ୍ତି । ଏହିପ୍ରକାର ସେମାନେ ଗୋଟିଏ ସାଧାରଣ କ୍ଷେତ୍ର ତିଆରି କରି ଦେଇଥାନ୍ତି ।

ନ୍ୟୁମିଡିଆର ଆଉଗୋଟିଏ ପ୍ରଚଳିତ ଉତ୍ପାଦ ସୋଶିଆଲ ନେଟ୍‌ୱାର୍କିଙ୍ଗ୍ ସାଇଟ୍ । ଏହି ସାଇଟ୍‌ରେ ଯେ କୌଣସି ବ୍ୟକ୍ତି ନିଜର ଖାତା ଖୋଲି ଏହାର ସଦସ୍ୟ ହୋଇପାରିବେ । ଏହିପରି ଯେଉଁ ଲୋକମାନେ

ଟୀପ୍‌ପଣୀ

ଅନେକ ଲୋକଙ୍କ ସଂପର୍କରେ ରହିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଏହି ସାଇଟ୍ ଏକ ବରଦାନ ଅଟେ, ଆପଣ ମଧ୍ୟ ଏହି ସାଇଟ୍‌ର ସଦସ୍ୟ ବହୁତ ସହଜରେ ହୋଇପାରିବେ । ଅନେକ ଗୁଡିଏ ସାଙ୍ଗ ତିଆରି କରିପାରିବେ । ନିଜର ବିଚାର ଏବଂ ସୂଚନାର ଆଦାନ ପ୍ରଦାନ ମଧ୍ଯ କରିପାରିବେ । ଏହି ସାଇଟ୍‌ର ସହାୟତାରେ ଆପଣ ଆପଣଙ୍କ ପୁରୁଣା ସାଥିଙ୍କୁ ଖୋଜିପାରିବେ ଏବଂ ସେମାନଙ୍କ ସହିତ କଥାବାର୍ତ୍ତା ହୋଇପାରିବେ ।

ଗବେଷକ ଏବଂ ପଢାରେ ରୁଚି ରଖିଥିବା ଲୋକଙ୍କ ପାଇଁ ନ୍ୟୁ ମିଡିଆ ଉପଯୋଗୀ ଅଟେ । ଏଠାରେ ଗବେଷକମାନଙ୍କୁ ଅନେକ ପୁସ୍ତକାଳୟ ମିଳି ଯାଇଥାଏ । ସେଗୁଡିକୁ ଅନ୍‌ଲାଇନ୍ ଲାଇବ୍ରେରୀ କୁହାଯାଏ । ଏମାନଙ୍କ ସହାୟତାରେ ଲୋକ ଘରେ ବସି ନିଜ ବିଷୟ ସମ୍ବନ୍ଧିତ ପାଠ୍ୟ ପୁସ୍ତକକୁ ବାହାର କରିଥାଏ । ଶିକ୍ଷଣ ଏବଂ ପ୍ରଶିକ୍ଷଣରେ ଇଣ୍ଟରନେଟ୍‌ର ବ୍ୟବହାର ଅନେକ ଅଟେ । ଏହାକୁ 'ଅନ୍ ଲାଇନ୍ ଲର୍ଣ୍ଣି' ଅଥବା ଇ ଲର୍ଣ୍ଣିଙ୍ଗ(ଇଲେକ୍‌ଟ୍ରୋନିକ୍ ଲର୍ଣ୍ଣିଙ୍ଗ)କୁହାଯାଇଥାଏ । ଏହାଛଡା ଇଣ୍ଟରନେଟ୍‌ରେ ଏପରି ଅନେକ ସାଇଟ୍ ଅଛି ଯାହା ଲୋକମାନଙ୍କୁ କିଣାବିକାର ଅବସର ପ୍ରଦାନ କରିଥାଏ । ପିଲାମାନଙ୍କ ପାଇଁ ବିଭିନ୍ନ କାହାଣୀ ଏବଂ ଭିନ୍ନ ଭିନ୍ନ ପ୍ରକାରର ଖେଳ ମଧ୍ୟ ଇଣ୍ଟରନେଟ୍‌ରେ ଉପଲବ୍ଧ ହୋଇଥାଏ ।

ଯୋଗାଯୋଗ ମାଧ୍ୟମର ରୂପରେ ନ୍ୟୁମିଡିଆ ଅତ୍ୟନ୍ତ ରୁଚିକର ଅଟେ କାରଣ ଏଥିରେ ଅନେକ ତତ୍ତ୍ୱର ସମାବେଶ ହୋଇଥାଏ । ଯେପରି ଗ୍ରାଫିକ୍‌ସ, ଏନିମେଶନ ଏବଂ କାର୍ଟୁନ୍ ଇତ୍ୟାଦି । ପଢିବାର ଇଚ୍ଛୁକଙ୍କୁ ପଢିବାପାଇଁ ପାଠସାମଗ୍ରୀ ଉପଲବ୍ଧ ଅଛି ଏବଂ ଯିଏ ଲେଖିବାପାଇଁ ଇଚ୍ଛୁକ ବ୍ଲଗ୍ ଆରମ୍ଭ କରିପାରନ୍ତି (ମୋଟାମୋଟି ବ୍ଲଗ୍ ଏକ ଡାଇରିର ସମାନ ଅଟେ ବା ଡାଇରି ଭଳି ଅଟେ ଯେଉଁଥିରେ ଆପଣ ଲେଖିପଢି ପାରିବେ ଚିତ୍ର, ସଂଗୀତ ଅଥବା ଚଳଚ୍ଚିତ୍ରକୁ ସାଧାରଣ ଭାବରେ ରଖିପାରିବେ) ବହୁତ ଲୋକ ଫଟୋଗ୍ରାଫିରେ ରୁଚି ରଖିଥାନ୍ତି, ସେମାନଙ୍କ ପାଇଁ ମଧ୍ୟ ଇଣ୍ଟରନେଟ୍ ସାମଗ୍ରୀର ଅଭାବ ନଥାଏ ।

## ପାଠ୍ୟଗତ ପ୍ରଶ୍ନ 22.3 :-

(1) ବ୍ୟକ୍ତିନିଷ୍ଠ ସମ୍ବାଦ କହିଲେ କ'ଣ ବୁଝାଏ ?

(2) ଅନ୍‌ଲାଇନ୍ ଲର୍ଣ୍ଣିଙ୍ଗରେ କ'ଣ ତାତ୍ପର୍ଯ୍ୟ ଅଛି ?

## 22.5 ଆପଣ କ'ଣ ଶିକ୍ଷା କଲେ:-

➪ ଭାରତରେ ପୁରୁଣା ମିଡିଆରୁ ନେଇ ନ୍ୟୁମିଡିଆ ପର୍ଯ୍ୟନ୍ତ ଏକ ଯାତ୍ରା

- ସମ୍ବାଦ ୱେବ୍ ସାଇଟ୍
- କନ୍‌ଭର ଜେନ୍‌ସ୍

➪ ନ୍ୟୁ ମିଡିଆର ପ୍ରଭାବ

- ରଚନାତ୍ମକ ବନାମ କୌଶଳ

➪ ନ୍ୟୁ ମିଡିଆର ଉଦାହରଣ

- ସମ୍ବାଦ ୱେବ୍‌ସାଇଟ୍
- ବ୍ୟକ୍ତିନିଷ୍ଠ ସମ୍ବାଦ
- ଅନ୍‌ଲାଇନ୍ ଲର୍ଣ୍ଣିଙ୍ଗ
- ଅନ୍‌ଲାଇନ୍ ଲାଇବ୍ରେରୀ
- ଅନ୍‌ଲାଇନ୍ ଗେମ୍

## 22.6 ପାଠ୍ୟାନ୍ତ ପ୍ରଶ୍ନ :-

(1) "କନ୍‌ଭରଜେନ୍‌ସ ଭାରତୀୟ ମିଡିଆ ଶିଳ୍ପର ରୂପ ବଦଳାଇ ଦେଇଛି" ଏହି କଥନ ଉପରେ ଏକ ରଚନା ଲେଖନ୍ତୁ ।

(2) ତିନିଗୋଟି କଲମ କରି ପ୍ରିଣ୍ଟ, ଦୂରଦର୍ଶନ ଏବଂ ନ୍ୟୁ ମିଡିଆର ବିଶେଷ ଲକ୍ଷଣକୁ ଲେଖନ୍ତୁ । ଏହି କାର୍ଯ୍ୟ ଶେଷକରି କୁହନ୍ତୁ ନ୍ୟୁମିଡିଆ କିପରି ଭାବରେ ପ୍ରିଣ୍ଟ ମିଡିଆ ଏବଂ ଦୂରଦର୍ଶନଠାରୁ ଅଲଗା ଅଟେ ।

(3) ଭାରତରେ ନ୍ୟୁମିଡିଆର ପ୍ରଭାବ ଉପରେ ଚର୍ଚ୍ଚା କରନ୍ତୁ ।

## 22.7 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

22.1 (1) ସାହସୀ ପୁଞ୍ଜିପତି ସେଇ ବଡ ବ୍ୟବସାୟୀମାନଙ୍କୁ କୁହାଯାଇଥାଏ ଯେଉଁମାନେ ସେଇ ଲୋକମାନଙ୍କୁ ପଇସା ସୁଧରେ ଦେଇଥା'ନ୍ତି ଯେଉଁମାନେ କି ନିଜର ବ୍ୟବସାୟ ଆରମ୍ଭ କରିବାକୁ ଚାହାନ୍ତି ।

(2) ସାହସୀ ପୁଞ୍ଜିପତିମାନେ ଭାରତରେ ନ୍ୟୁମିଡିଆର ପ୍ରସାର ପାଇଁ ସମର୍ଥନ କରିଥିଲେ କାରଣ ସେମାନେ ଅତ୍ୟଧିକ ଲାଭ ପାଇବା ପାଇଁ ଆଶାୟୀ ଥିଲେ ।

(3) ଭାଗ 22.1ଦେଖନ୍ତୁ

22.2 (1) (i) ଦୂରଦର୍ଶନ, ନ୍ୟୁମିଡିଆ

(ii) ଡିଜାଇନ୍ , ସ୍ୱରୂପ



ଟୀପ୍ପଣୀ

(iii) ଦୂରଦର୍ଶନ, ରେଡିଓ, ନ୍ୟୁମିଡିଆ

(iv) ପ୍ରଭାବି, ନଷ୍ଟ

(1) ବ୍ୟକ୍ତିନିଷ୍ଠ ସମ୍ବାଦର ଆଧାର କୌଣସି ବ୍ୟକ୍ତିର ଜରୁରୀ ମୁତାବକ ସମ୍ବାଦ ଅଟେ । ଉଦାହରଣ ପାଇଁ ଯେପରି ଲୋକ ଯେଉଁମାନଙ୍କ କ୍ରିକେଟ୍‌ରେ ରୁଚିଥାଏ ନ୍ୟୁମିଡିଆ ସେମାନଙ୍କୁ କେବଳ କ୍ରିକେଟ ସମ୍ବନ୍ଧିତ ସମ୍ବାଦ ଉପଲବ୍ଧ କରାଇ ପାରିଥାଏ । ଏହି ଦରକାରୀ ଅନୁସାରେ ସମ୍ବାଦକୁ ବ୍ୟକ୍ତିନିଷ୍ଠ ସମ୍ବାଦ କୁହାଯାଇଥାଏ ।

(2) ଯଦି ପାଠପଢା ବିଶ୍ୱରେ ବ୍ୟାପକତା ଲାଭ କରିଥିବା ଇଣ୍ଟରନେଟ୍ ଜାଲ(ୱାର୍ଲଡ୍ ୱାଇଡ୍ ୱେବ୍)ରେ କବଳିତ ହୋଇଯିବାକୁ ଅନ୍‌ଲାଇନ୍ ଲର୍ଣ୍ଣିଙ୍ଗ କୁହାଯାଏ, ଅନ୍ୟ ଶବ୍ଦରେ ଅନ୍‌ଲାଇନ୍ ଲର୍ଣ୍ଣିଙ୍ଗ ଇଣ୍ଟରନେଟ୍‌ର ସାହାଯ୍ୟରେ ଦିଆଯାଇଥିବା ଶିକ୍ଷା ଅଟେ । ଅନେକ ବିଷୟ ମୁଖ୍ୟତଃ ବ୍ୟବସାୟିକ ବିଷୟ ଏହି ପ୍ରଥା ଦ୍ୱାରା ପଢାଯାଇଥାଏ ।

# ୨୩

# ନ୍ୟୁ ମିଡିଆର ଲକ୍ଷିତ ଗୋଷ୍ଠୀ ସମୂହ

ପୂର୍ବ ଅଧ୍ୟାୟରେ ଆମେ ଏହା ଆଲୋଚନା କରିସାରିଛେ ନ୍ୟୁ ମିଡିଆର ପ୍ରୟୋଗ ମୁଖ୍ୟତଃ ଯୁବଗୋଷ୍ଠୀ କରିଥାନ୍ତି । ବାସ୍ତବରେ ଏହି ଗୋଷ୍ଠୀ କମ୍ପ୍ୟୁଟରରେ ପାରଙ୍ଗମ ଅଟନ୍ତି ଏବଂ ଏମାନଙ୍କ ସାହାଯ୍ୟରେ କାମ କରିବା ଯୁବକମାନଙ୍କ ପାଇଁ ରୁଚିକର ହେବ । ଆଜି ଯେତେବେଳେ ଆମେ ପୁରା ଦେଶର ସହର ଜନସଂଖ୍ୟାକୁ ଦେଖିବା ଆମେ ପାଇବା 15-25 ବର୍ଷ ବୟସ ଗୋଷ୍ଠୀର ଲୋକ ନିଜର ସମସ୍ତ ସମୟ କମ୍ପ୍ୟୁଟର ଅଥବା ମୋବାଇଲ ଫୋନ୍‌ରେ ଅତିବାହିତ କରୁଛନ୍ତି । ସବୁଠାରୁ ମଜାକଥା ହେଲା ଏମାନେ ଇଣ୍ଟରନେଟ୍ ସହାୟତାରେ ଜଣେ ଅନ୍ୟ ଜଣଙ୍କ ସହିତ ସଂପର୍କ ଅଧିକ ରଖୁଛନ୍ତି । କିନ୍ତୁ ଆଜିକାଲ ଅଭିଭାବକ, ଶିକ୍ଷକ ଏବଂ ମନୋବିଜ୍ଞାନୀମାନଙ୍କ ପାଇଁ ଏହା ଏକ ଚିନ୍ତାର ବିଷୟ ହୋଇଯାଇଛି ଯେ ଯୁବକମାନଙ୍କ ମଧ୍ୟରେ ବ୍ୟକ୍ତି କୈନ୍ଦ୍ରିକ ଯୋଗାଯୋଗ କମ୍ ହୋଇଯାଇଛି ଏବଂ ଏଥିପାଇଁ ଏହି କୌଶଳକୁ ଦୋଷୀ ସାବ୍ୟସ୍ତ କରାଯାଉଛି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢିବାପରେ ଆପଣ ନିମ୍ନଲିଖିତ କାର୍ଯ୍ୟରେ ନିପୁଣତା ପ୍ରାପ୍ତ କରିବେ:-

- ନ୍ୟୁମିଡିଆର ମୁଖ୍ୟ ଉପଭୋକ୍ତାମାନଙ୍କ ପରିଚୟ ।
- ଯୁବକମାନଙ୍କୁ ଆକର୍ଷିତ କରିବାପାଇଁ ନ୍ୟୁମିଡିଆ ଦ୍ୱାରା ଉପଯୋଗ କରାଯିବା ଭଳିଆ ରଚନାତ୍ମକ ତତ୍ତ୍ୱର ବିଶ୍ଳେଷଣ ।
- ବ୍ୟକ୍ତି ବ୍ୟକ୍ତି କୈନ୍ଦ୍ରିକ ସଂପର୍କ ଉପରେ ନ୍ୟୁମିଡିଆର କୁପରିଣାମର ବ୍ୟାଖ୍ୟା ।
- ନ୍ୟୁ ମିଡିଆ କ୍ଷେତ୍ରରେ ବ୍ୟବସାୟିକ ଦୃଷ୍ଟି ଭଙ୍ଗୀର ପରିଚୟ ।

## 23.1 ଯୁବକ ଗୋଷ୍ଠୀ

ନ୍ୟୁମିଡିଆ କାହିଁକି କେବଳ ଯୁବଗୋଷ୍ଠୀଙ୍କର ମୁଖପତ୍ର ଅଟେ ? ଏହାର ସିଧାକାରଣ ଯୁବବର୍ଗ ନିଜର ସମୟ କମ୍ପ୍ୟୁଟରରେ ଅଧିକ କାଟିଥାନ୍ତି । ଏହା ସଂଗେ ସଂଗେ ପ୍ରତିଯୋଗୀତାମୂଳକ ଏହି ପାଳିରେ ଯୁବବର୍ଗଙ୍କୁ ସବୁପ୍ରକାର ଯୋଗାଯୋଗରେ ବୁଡାଇ ରଖାଯାଇଥାଏ । ସୁତରାଂ ଯୁବକ ମାନଙ୍କୁ କଂପ୍ୟୁଟର ଏବଂ ଅନ୍ୟ ନ୍ୟୁମିଡିଆ ମାଧ୍ୟମ ଜରିଆରେ ସୂଚନା ପର୍ଯ୍ୟନ୍ତ ପହଞ୍ଚିବା ଅତ୍ୟନ୍ତ ଆବଶ୍ୟକତା ଅଟେ ।

ଟୀପ୍ପଣୀ

ଯଦି ଆପଣ ସୂଚନା ସହିତ ଅଧିକ ମୁହାଁମୁହିଁ ହୋଇଯାଆନ୍ତି ଏହା ପ୍ରାୟତଃ ଆପଣଙ୍କୁ ଅଧିକ ଭ୍ରମରେ ପକାଇଦେବ । ଏହାକୁ ସୂଚନା ଅଧିଭାର କୁହାଯାଏ । ଆମର ଅଧିକାଂଶ ଯୁବକଗୋଷ୍ଠୀ ଆଜି ଗୋଟିଏ ସମସ୍ୟାରେ ଚିନ୍ତାଗ୍ରସ୍ତ ଅଟନ୍ତି, ଯାହାକୁ ଭାରାକ୍ରାନ୍ତ ସୂଚନା କୁହାଯାଏ । ଯେହେତୁ ସେମାନଙ୍କ ପାଖରେ ଅତ୍ୟଧିକ ସୂଚନା ଉପଲବ୍ଧ ଅଟେ ତେଣୁ ସେମାନଙ୍କ ପାଇଁ ଏହାର ପ୍ରୟୋଗ କଠିନ ବ୍ୟାପାର ସଦୃଶ ହୋଇଥାଏ । ଏହି ସୂଚନା କ୍ଳାନ୍ତ ରୂପରେ ଅବସାଦର ଏକ କାରଣ ହୋଇଯାଏ । ଏଥିରୁ ରକ୍ଷାପାଇବା ପାଇଁ ସୂଚନାର ଉପଯୋଗ ଅଧିକ ଚିନ୍ତା ତଥା ବିଚାର ଦ୍ୱାରା କରିବା ଆବଶ୍ୟକ । ସବୁକ୍ଷେତ୍ରର ସୂଚନା ହାସଲ କରିବା ପରିବର୍ତ୍ତେ ମୁଖ୍ୟ ସ୍ଥାନ ମାନଙ୍କର ସୂଚନା ଲାଭ କରିବା ଦରକାର ଏବଂ ସୂଚନା ପ୍ରାପ୍ତର ଏକ ରେଖା ପାରହେଲାପରେ ନିଜର ଦରକାରୀ ସୂଚନାକୁ ଚିହ୍ନଟ କରିବା ଦରକାର । ଅର୍ଥାତ୍ ସର୍ବଦା ସୂଚନାକୁ ଏହାର ମହତ୍ତ୍ୱର ଆଧାରରେ ବିଭାଜିତ କରି ଚିହ୍ନଟ କରିବା ଦରକାର ଯେପରି "ଅତି ମହତ୍ତ୍ୱପୂର୍ଣ୍ଣ", "ମହତ୍ତ୍ୱପୂର୍ଣ୍ଣ", "ଆବଶ୍ୟକ" ତଥା ଜରୁରୀ ନୁହେଁ ।

ଦ୍ୱିତୀୟ ସମସ୍ୟା ସୂଚନା ଅଧିକ ହେବାର ଏହା ଅର୍ଥ ନୁହେଁ ସେହି ବ୍ୟକ୍ତି ପାଖରେ ଯୁକ୍ତିତର୍କ ତଥା ସୂଚନା ବିଶ୍ଳେଷଣର ଅଧିକ କ୍ଷମତା ରହିବା ଦରକାର । ଆଜିକାଲି ଅଧିକାଂଶ ଅଧ୍ୟାପକ ଏହା ଅଭିଯୋଗ କରୁଛନ୍ତି ଯୁବ ପାଠକଙ୍କ ପାଖରେ ଅଧିକ ସୂଚନା ରହୁଅଛି । କିନ୍ତୁ ସେମାନେ ଏହା ଉପରେ ଚର୍ଚ୍ଚା କରନ୍ତିନାହିଁ । ଏହା ଏଥିପାଇଁ କାରଣ ସୂଚନାର ଏହି କଞ୍ଚାମାଲ ସେ ପର୍ଯ୍ୟନ୍ତ ଜ୍ଞାନବର୍ଦ୍ଧକ



ହୁଏନାହିଁ, ଯେ ପର୍ଯ୍ୟନ୍ତ ଏହା ଜଣାଯାଇନଥାଏ । ଏହା କିଭଳି ଭାବରେ

ଉପଯୋଗରେ ଲାଗିପାରିବ ।

ଚିତ୍ର : 23.1 କମ୍ପ୍ୟୁଟର ଲ୍ୟାବରେ କାର୍ଯ୍ୟରତ ଲୋକ

## 23.2 ରଚନାତ୍ମକତା ଏକ କାରକ ରୂପରେ:-

ନ୍ୟୁ ମିଡିଆ ପ୍ରତି ଯୁବଗୋଷ୍ଠୀର ଆକର୍ଷଣର ମୂଳକାରଣ ଏହାର ଗଳ୍ପ କାହାଣୀ ସମପ୍ରାୟ ଲେଖନ ଶୈଳୀ ଯେହେତୁ ଆମେ କାହାଣୀ ଶୁଣିବାକୁ ପସନ୍ଦ କରିଥାଉ ସୁତରାଂ ଏହି ଶୈଳୀର ଲେଖାକୁ ଯୋଗାଯୋଗର ସବୁଠାରୁ ଶକ୍ତିଶାଳୀ ରୂପ ଭାବରେ ମାନ୍ୟତା ଦିଆଯାଏ । ଏହି ଶୈଳୀ ମିଡିଆ ଜଗତରେ ନୂଆ ନୁହେଁ । ପ୍ରିଣ୍ଟ ମାଧ୍ୟମରେ ସାମ୍ବାଦିକ ଯେତେବେଳେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହାନ୍ତି ଏହି ଶୈଳୀର ବ୍ୟବହାର ବ୍ୟାପକ ଭାବରେ କରିଥାନ୍ତି ।

ଯେତେବେଳେ ଆପଣ ସାମ୍ବାଦିକତାର ଇତିହାସକୁ ପଢିବେ ସେତେବେଳେ ଜାଣିବେ ଏଥିରେ କୌଣସି ନୂତନତ୍ୱ ନାହିଁ । ୬୦ଦଶକ ପରେ ପରେ କଥାତ୍ମକ ଶୈଳୀରେ ଲେଖନ କଳା ସର୍ବପ୍ରଥମେ ଆମେରିକାରେ ଆରମ୍ଭ ହୋଇଥିଲା । ଏହି ଧାରାକୁ "ନୂଆ ସାମ୍ବାଦିକତା"ର ନାମରେ ନାମିତ କରାଗଲା । ଏହାର ଶୁଭାରମ୍ଭ କରିଥିଲେ "ଟମ୍ ବଲ୍ଫ" । କିନ୍ତୁ ଏହି ପରମ୍ପରା ଅଧିକ ଦିନ ପର୍ଯ୍ୟନ୍ତ ଚାଲିପାରିନଥିଲା । ନ୍ୟୁ ମିଡିଆର ପ୍ରବେଶ ସାଙ୍ଗରେ ଏହି ଧାରାର ଆରମ୍ଭ ପୁଣିଥରେ ହେଉଅଛି ।

ପାଠ୍ୟ ସାମଗ୍ରୀକୁ ଅଧିକ ରୁଚିବନ୍ତ କରିବାପାଇଁ ପ୍ରତ୍ୟେକ କାହାଣୀକୁ ଭାଗରେ ବିଭାଜିତ କରାଯାଇଥାଏ, କାରଣ ଏକ ସଂଗେ ଲମ୍ବା କାହାଣୀକୁ ପଢିବା କଷ୍ଟକର ଅଟେ ଯେହେତୁ ଭାଗରେ ବିଭାଜିତ କାହାଣୀ ପଢିବା ଏବଂ ବୁଝିବାରେ ସହଜ ଅଟେ । ଫଳରେ ନ୍ୟୁ ମିଡିଆପାଇଁ କାହାଣୀ ଛୋଟ ଛୋଟ ଖଣ୍ଡରେ ଲେଖାଯାଏ ଏବଂ ଏହାକୁ ମଲ୍‌ଟିମିଡିଆ ରୂପରେ ପ୍ରସ୍ତୁତ କରାଯାଏ । ପ୍ରତ୍ୟେକ ନୂଆ କାହାଣୀ ୱେବ୍‌ସାଇଟ୍‌ର ମୁଖପୃଷ୍ଠାରେ ପ୍ରମୁଖତର ସହିତ ଦର୍ଶାଯାଇଥାଏ ଏବଂ ଏଥିସହିତ ଆକର୍ଷକ ଦୃଶ୍ୟ ଏବଂ ସଂକ୍ଷିପ୍ତ ବିବରଣୀ ମଧ୍ୟ ଦିଆଯାଇଥାଏ । ମୁଖ୍ୟ କାହାଣୀକୁ ସଂକ୍ଷିପ୍ତ ଏବଂ ସୁଖପ୍ରଦ କରାଯାଏ । ଯାହାକି ଅନ୍ୟ କାହାଣୀଗୁଡିକୁ କାହାଣୀର ଶୈଳୀରେ ଲେଖାଯାଏ । ଏଥିରେ ଅଧିକାଂଶ କାହାଣୀ ମାନବୀୟ ଜୀବନଧାରା ଉପରେ ଆଧାରିତ ଅଟେ ।

ଯୁବବର୍ଗଙ୍କୁ ଆକର୍ଷିତ କରିବାପାଇଁ ନ୍ୟୁମିଡିଆର ଲେଖକ ସର୍ବଦା ପ୍ରତ୍ୟେକ ଜିନିଷକୁ ଅଲଗା ପ୍ରକାରରେ କରିବାକୁ ଚାହାନ୍ତି, କିଛି ଏହି ପ୍ରକାରର ଯେପରିକି ରଚନାତ୍ମକତାର ଜନକ ଏଡ୍‌ୱର୍ଡ ଡି ବୋନୋଙ୍କ ମତରେ "ପରବର୍ତ୍ତୀ ଭାବନା"ରୂପରେ ସ୍ପଷ୍ଟ କରିଛନ୍ତି ତାଙ୍କର କିଛି ବହି ପଢିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କୁ ଏହା ରୁଚିକର ଲାଗିପାରେ ।

## ପାଠ୍ୟଗତ ପ୍ରଶ୍ନ 23.1 :-

ନିମ୍ନଲିଖିତକୁ ମିଳାନ୍ତୁ



ଟୀପ୍‌ପଣୀ

| | |
|---|---|
| (1) ସୂଚନା ଅଧିଭାର | ଏଡ୍‌ୱାର୍ଡ ଡି ବୋନି |
| (2) ସୂଚନାର ପ୍ରୟୋଗରେ ସମସ୍ୟା | ଟମ୍‌ବୋଲ୍‌ଥ |
| (3) ନୂଆ ସାମ୍ବାଦିକତା | ସୂଚନା ଅଧିଭାର |
| (4) ରଚନାତ୍ମକ ଜନକ | ସୂଚନାକ୍ଳାନ୍ତ |

## 23.3 ନ୍ୟୁ ମିଡିଆ ଏବଂ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂପର୍କ

ଆସନ୍ତୁ ଶ୍ରୀମତୀ ମାଧବନ୍‌ଙ୍କ ପାଖକୁ ଯିବା । ଶ୍ରୀମତୀ ମାଧବନ୍ ଏବଂ ତାଙ୍କ ଭଳି ଅନେକ ଅଭିଭାବକଙ୍କର ନ୍ୟୁମିଡିଆ ବିପକ୍ଷରେ ଅନେକ ଅଭିଯୋଗ ଅଛି । ଆଦିତ୍ୟଙ୍କ ବାପା ଶ୍ରୀମାଧବନ୍ ଏହା ଶୁଣିକରି ବହୁ ବିବ୍ରତ ହୋଇପଡିଛନ୍ତି, ଏଥିପାଇଁ କି ପିଲାମାନେ ଖେଳିବାକୁ ବାହାରକୁ ଯାଆନ୍ତିନାହିଁ । ସେ ନିଜର ପିଲାବେଳର କଥାକୁ ମନେପକାଇ ଗର୍ବ ଅନୁଭବ କରନ୍ତି ଏବଂ କୁହନ୍ତି ସେ ପ୍ରତିଦିନ ଗଳିକନ୍ଦିରେ ଖେଳୁଥିଲେ । ଏହି କାରଣରୁ ସେ ଆଜିବି ମଧ୍ୟ ସାମାଜିକ ରୂପରେ ସକ୍ରିୟ ଅଛନ୍ତି । ସେ ଏକଥାରେ ବହୁ ଚିନ୍ତିତ ଯେ ପିଲାମାନେ ନିଜର ଅଧିକ ସମୟ କମ୍ପ୍ୟୁଟର ପାଖରେ ବସିକରି ଅଥବା ଦୂରଦର୍ଶନ ଦେଖିକରି କଟାଉଛନ୍ତି । ସେମାନେ ସେମାନଙ୍କର ବନ୍ଧୁମାନଙ୍କ ସହିତ କଥାବାର୍ତ୍ତା ହେଉଛନ୍ତି ସତ କିନ୍ତୁ ବିନା ମିଳାମିଶାରେ ସେମାନେ କମ୍ପ୍ୟୁଟରରେ ଚ୍ୟାଟିଂ କରୁଥିବା ସମୟରେ ସେମାନଙ୍କ ସହିତ କଥାବାର୍ତ୍ତା କରିଥାନ୍ତି । ସେମାନେ ଲୋକମାନଙ୍କ ସହିତ କଥାବାର୍ତ୍ତା କରିବା ଶିକ୍ଷା କରୁନାହାନ୍ତି । ଯେଉଁଥିରେ ଆଗକୁ ଯାଇ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସର ଅନୁଭବ କମ୍ ହୋଇପାରେ ।

ଲୋକଙ୍କ ସହିତ କଥାହେଲେ ଏବଂ କଥା ଶୁଣିଲେ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ ଏବଂ ଯେତେବେଳେ ଆମେ ଲୋକଙ୍କ ସହିତ କଥାହେଉ ସେତେବେଳେ ଆମକୁ ଏସବୁର ଦରକାର ପଡିଥାଏ । ମନୁଷ୍ୟ ସମାଜରେ ରହିଥାଏ, ଏହାର ଅର୍ଥ ସେ ଏକୁଟିଆ ସବୁକାମ କରିପାରିବ ନାହିଁ । କହିବାରେ, ଶୁଣିବାରେ ଏବଂ ଦୁଃଖ ଦୁର୍ଦ୍ଦଶା ବାଣ୍ଟିବାରେ ତାକୁ ଅନ୍ୟ ଏକ ଜଣଙ୍କର ଦରକାର ପଡିଥାଏ । ଅନ୍ୟଥା ସେ ସନ୍ନ୍ୟାସିତ ହୋଇଯାଇପାରେ କିନ୍ତୁ ଗୃହସ୍ଥ ହେବାରେ ଅସଫଳ ହୋଇଯାଏ । ବହୁତ ଭଲ ରୁଚିପୂର୍ଣ୍ଣ ବଡ ଫିଲ୍ମ ଥିଲା(ମିତ୍ର ମାଇଁ ଫ୍ରେଣ୍ଡ) ଯେଉଁଥିରେ କି ଏହା ଦର୍ଶାଯାଇଥିଲା ଦୁଇଜଣ ସାଙ୍ଗ କିପରି ଇଣ୍ଟରନେଟ୍‌ର ସହାୟତାରେ ପରସ୍ପର କଥା ହେଉଛନ୍ତି । ଜଣେ ଅନ୍ୟଜଣକୁ ଜାଣିନଥିବା ସତ୍ତ୍ୱେ ଏବଂ ଶେଷରେ ଦୁଇଜଣ ମିଶିଲେ, ସେତେବେଳେ ଏହା ଜଣାପଡିଲା ସେ ଦୁଇଜଣ ସ୍ୱାମୀସ୍ତ୍ରୀ ଅଟନ୍ତି ।

ସୁତରାଂ ଇଣ୍ଟରନେଟ୍ ଏବଂ ନ୍ୟୁମିଡିଆକୁ କ'ଣ କରାଯିବ ? ଆମେ ଟିକିଏ ମାତ୍ର ସାବଧାନତା ଅବଲମ୍ବନର ଆବଶ୍ୟକତା ଅଛି । ଆମକୁ କମ୍ପ୍ୟୁଟର ପ୍ରତି ଏଭଳି ଦରଦ ଭାବ ତ୍ୟାଗ କରିବାକୁ ପଡିବ । ଏହାସହିତ ଲୋକଙ୍କ ସହିତ ବିଚ୍ଛିନ୍ନ ହୋଇ ପ୍ରତି ସନ୍ଧ୍ୟାରେ ମେସିନ୍‌ର ପଛରେ ସମୟ

କାଟିବା ଅଭ୍ୟାସ ଛାଡିବାକୁ ପଡିବ । ଅନେକ ସ୍କୁଲମାନଙ୍କରେ ଶିକ୍ଷକ ଅଭିଭାବକ ମାନଙ୍କୁ ପିଲାମାନେ ଯେପରି ଦୂରଦର୍ଶନ ଦେଖିବାପାଇଁ ସମୟର ଧ୍ୟାନ ଦେବା ଉଚିତ ଭଳି ଉପଦେଶ ଦେଇଥାନ୍ତି ଠିକ୍ ସେହିଭଳି ଇଣ୍ଟରନେଟ୍ ପାଇଁ କରିବା ଜରୁରୀ ଅଟେ ।

## ପାଠ୍ୟଗତ ପ୍ରଶ୍ନ 23.2 :-

ନିମ୍ନଲିଖିତ ବାକ୍ୟରେ ଠିକ୍ ଅଥବା ଭୁଲ୍ କୁହନ୍ତୁ ।

(1) ଯେତେବେଳେ ଆମେ ଲୋକମାନଙ୍କ ସହିତ କଥାବାର୍ତ୍ତା ହେଉ ଆମର ବ୍ୟକ୍ତିତ୍ୱର ପରିପ୍ରକାଶ ହୁଏ ।

(2)ନ୍ୟୁ ମିଡିଆ ପିଲାମାନଙ୍କର କଥାବାର୍ତ୍ତାର ଭଙ୍ଗୀକୁ ପ୍ରଭାବିତ କରିଥାଏ ।

(3) ଆମେ ଆମର ସାଙ୍ଗଙ୍କ ସହିତ କମ୍ପ୍ୟୁଟରରେ କଥାହୋଇ ପାରିବା ।

(4) ଭଲ ବ୍ୟକ୍ତି ବ୍ୟକ୍ତି ସଂପର୍କର କୌଶଳ ଲୋକଙ୍କ ବ୍ୟକ୍ତିତ୍ୱକୁ ବିକଶିତ କରିବାରେ ସହାୟକ ହୋଇଥାଏ ।

(5) ଆଜି ପିଲାମାନଙ୍କୁ ସବୁଠାରୁ ଅଧିକ ସାମାଜିକ ରୂପରେ ସକ୍ରିୟ ହେବାର ଦେଖିବାକୁ ମିଳୁଛି ।

## କାର୍ଯ୍ୟକଳାପ 23.1 :-

(1) ଏଡ୍‌ୱାର୍ଡ ଡି ବୋନିଙ୍କ ଜିବନୀ ସମ୍ବନ୍ଧିତ ଜାନକାରୀ ଇଣ୍ଟରନେଟ୍‌ରୁ ଏକତ୍ରିତ କରନ୍ତୁ ଏବଂ ରଚନାତ୍ମକତାର ବିକାଶରେ ତାଙ୍କର ଯୋଗଦାନ ଉପରେ ଗୋଟିଏ ଛୋଟ ରିପୋର୍ଟ ତିଆରି କରନ୍ତୁ ।

(2) ନିଜର ସାଙ୍ଗ ଏବଂ ଶ୍ରେଣୀ ସାଙ୍ଗଙ୍କ ସହିତ କଥାବାର୍ତ୍ତା କରନ୍ତୁ ଏବଂ ନ୍ୟୁ ମିଡିଆର ଉପଯୋଗ ଉପରେ ସେମାନଙ୍କର ବିଚାରଧାରାକୁ ଜାଣିବାପାଇଁ ଚେଷ୍ଟାକରନ୍ତୁ ।

(3) କିଛି ନୂଆ ୱେବ୍‌ସାଇଟ୍‌କୁ ଧ୍ୟାନ ପୂର୍ବକ ପଢନ୍ତୁ ଏବଂ ସେଥିରେ ଥିବା ଏପରି ଗଦ୍ୟାଂଶକୁ ଚିହ୍ନଟକରନ୍ତୁ, ଯାହାକୁ କାହାଣୀର ଶୈଳୀରେ ଲେଖାଯାଇଛି । ଏଗୁଡିକୁ ନିଜର ସ୍କ୍ରେବ୍ ବହିରେ ଅଠାଦେଇ ଲଗାନ୍ତୁ ।

## 23.4 ନ୍ୟୁ ମିଡିଆ ଏବଂ ବ୍ୟବସାୟିକ ସୁଯୋଗ:-

ନ୍ୟୁମିଡିଆ ସହିତ ଏକ ନୂତନ ବ୍ୟବସାୟିକ ଧାରଣା ଜନ୍ମହୋଇଛି । ଅନେକ ଲୋକଙ୍କର



ଟୀପ୍‌ପଣୀ

ଏହା ଧାରଣା ଏହି ନୂତନ ବ୍ୟବସାୟ ଅନ୍ୟାନ୍ୟ କାମର ଆରମ୍ଭ ପାଇଁ ସାହାଯ୍ୟ ସହାନୁଭୂତି ହୋଇପାରିବ । ଯେପରିକି ଆମେ ଜାଣିଛେ ନୂତନ ବ୍ୟବସାୟ ଆରମ୍ଭ କରିବାକୁ ହେଲେ ଏଥିପାଇଁ ଅନେକ ପଇସାର ଆବଶ୍ୟକ ହୋଇଥାଏ କିନ୍ତୁ ନ୍ୟୁମିଡିଆ ଆଧାରିତ ବ୍ୟବସାୟ ଅଲଗା ଅଟେ । ଖବର କାଗଜ ଅଥବା ପତ୍ରିକା ପ୍ରକାଶନ ପାଇଁ ଖର୍ଚ୍ଚାନ୍ତ ଅଟେ । କିନ୍ତୁ ନ୍ୟୁମିଡିଆ ଖର୍ଚ୍ଚାନ୍ତରୁ ଶୂନ୍ୟ ଅଟେ ।

ଔଦ୍ୟୋଗିକ କ୍ଷେତ୍ରରେ ଆପଣମାନେ ଜାଣନ୍ତି ବଡ ବଡ ଔଦ୍ୟୋଗିକ ପ୍ରତିଷ୍ଠାନ ସହିତ କ୍ଷୁଦ୍ର ଔଦ୍ୟୋଗିକ ସଂସ୍ଥା ମଧ୍ୟ ଥାଏ । ଏହାକୁ କ୍ଷୁଦ୍ର ଉଦ୍ୟୋଗ ଅନୁଷ୍ଠାନ କୁହାଯାଏ । ନ୍ୟୁମିଡିଆ ବ୍ୟବସ୍ଥାକୁ କ୍ଷୁଦ୍ର ଉଦ୍ୟୋଗ ସଂସ୍ଥା ଶ୍ରେଣୀରେ ରଖାଯାଇ ପାରିବ । ଏହାର କାରଣ ଏହାର ସମ୍ମିଳିତ ବ୍ୟବସାୟରେ ଅଧିକ ଅର୍ଥର ଆବଶ୍ୟକ ନଥାଏ କିନ୍ତୁ ରଚନାତ୍ମକତା ଏଠାରେ ସବୁଠାରୁ ଅଧିକା ଦରକାର ହୋଇଥାଏ । ଅର୍ଥାତ୍ କାମକୁ ଅଲଗା ବାଟରେ କରିବାର ସାମର୍ଥତାକୁ ବୁଝାଏ ।

ଭାରତରେ ଏହିପରି କିଛି ଅନୁଷ୍ଠାନ କିଛି ବର୍ଷ ପୂର୍ବରୁ ଖୋଲିଯାଇଛି । କିଛି ଯୁବକମାନେ ଗୋଟିଏ ଛୋଟିଆଘରେ ଏହାକୁ ଆରମ୍ଭ କରି ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିଛନ୍ତି । ସେମାନେ ବିଶିଷ୍ଟ ୱେବ୍ ସାଇଟ୍‌ର ଆରମ୍ଭ କରିଛନ୍ତି ଯାହାକି ପରିଭ୍ରମଣ ଏବଂ ଗୃହନିର୍ମାଣ ବିଷୟ ଉପରେ ଆଧାରିତ ଅଟେ । ଏହି ବିଶିଷ୍ଟ ୱେବ୍‌ସାଇଟ କ'ଣ ଅଟେ ? ବିଶିଷ୍ଟ ୱେବ୍ ସାଇଟ୍ ସେହି ୱେବ୍ ସାଇଟ୍ ଅଟେ ଯାହାର ଉପକରଣ କୌଣସି ମୁଖ୍ୟ ବିଷୟ ଉପରେ ଆଧାରିତ ଅଟେ ଯେପରିକି ପରିଭ୍ରମଣ, ସ୍ୱାସ୍ଥ୍ୟ, ଖେଳ ଇତ୍ୟାଦି । ଏହିଭଳି ଛୋଟ ଛୋଟ ସଂସ୍ଥା ବଡ କମ୍ପାନୀରେ ତିଆରି ହୋଇଛି ଏବଂ ଏମାନେ କିଛି ଲୋକଙ୍କୁ ରୋଜଗାରର ପନ୍ଥାଯୋଗାଇ ନିଜର ବ୍ୟବସାୟ ବୃଦ୍ଧି କରିଛନ୍ତି ।

ଯେତେବେଳେ ଆପଣ ନ୍ୟୁମିଡିଆର ବ୍ୟବସାୟିକ ପକ୍ଷ ବିଷୟରେ ପଢିବେ ଯାହାର କି ଆଲୋଚନା ବିସ୍ତୃତ ଭାବରେ ଆସନ୍ତା ପାଠକ୍ରମରେ କରାଯାଇଛି ଆପଣ ଜାଣିବାକୁ ପାଇବେ ଗୋଟିଏ ନ୍ୟୁମିଡିଆ ବ୍ୟବସାୟକୁ ଛିଡା କରାଇବାପାଇଁ ଅତ୍ୟଧିକ ଶକ୍ତିର ଆବଶ୍ୟକ ହୋଇଥାଏ । ଏହି କାରଣ ଅଟେ ଯେ ନ୍ୟୁଇଣ୍ଡିଆ କେବଳ ବହନୀୟ ଅଟେ ଅପରନ୍ତୁ ସହଜରେ ପହଞ୍ଚି ମଧ୍ୟ ପାରିଥାଏ, ଯେଉଁମାନେ ଇ ଲର୍ଣ୍ଣିଙ୍ଗ ବିଷୟ ଜାଣିଥାନ୍ତି ସେମାନଙ୍କୁ ଘରେ ବସି କାମ ମଧ୍ୟ ମିଳିଯାଏ । ସେମାନଙ୍କୁ ଫ୍ରିଲାଂସର କୁହାଯାଏ । ଏଥିରେ ଖର୍ଚ୍ଚ କେବଳ ୱେବ୍ ସାଇଟ୍ ଡିଜାଇନ୍ ଏବଂ ଏଥିପାଇଁ ଇଣ୍ଟରନେଟ୍‌ରେ ସ୍ଥାନ କ୍ରୟପାଇଁ ଦରକାର ହୋଇଥାଏ । ଯେଉଁଲୋକ ପର୍ଯ୍ୟଟନ କ୍ଷେତ୍ର, ପ୍ରପର୍ଟି ଜମି ଏବଂ ଖୁଚୁରା ବ୍ୟବସାୟ କାମ କରୁଥାନ୍ତି ସେମାନେ ଡିଜାଇନର ଏବଂ ପ୍ରୋଗ୍ରାମର ସହାୟତାରେ ୱେବ୍ ସାଇଟ୍ ଆରମ୍ଭ କରିଥାନ୍ତି । ସେମାନଙ୍କର ପୂରା ବ୍ୟବସାୟ ନେଟ୍ ୱାର୍କିଙ୍ଗ ଜରିଆରେ ହୋଇଥାଏ । ଯେପରି ସେମାନେ ଇଣ୍ଟରନେଟ୍‌ର ସାହାଯ୍ୟରେ କରିଥାନ୍ତି ।



ଟୀପ୍ପଣୀ



ନ୍ୟୁମିଡିଆର ସପକ୍ଷରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟଥିଲା ଅର୍ଥର ବ୍ୟବସ୍ଥା କରିବା ଅଥବା ଆୟ ଅର୍ଜନରେ ସକ୍ଷମତା । ଏହାର ଏକ ଉପାୟ ବିଜ୍ଞାପନ ଅଟେ । ଏହାଛଡା କିଛି ଯୁବକମାନେ ଅନ୍ୟ ଉପାୟରେ ଆପଣେଇଲେ । ଯେପରିକି କଣ୍ଟେଣ୍ଟ୍ ବିକ୍ରି ସବ୍‌ସ୍କ୍ରିପ୍‌ସନ୍ ବିଶେଷ ସେବା ଇତ୍ୟାଦି । ଉଦାହରଣ ସ୍ୱରୂପ ପର୍ଯ୍ୟଟନରେ କାମ କରୁଥିବା ଏକ କମ୍ପାନୀ ନିଜର ଗ୍ରାହକଙ୍କୁ ଛୁଟି ବିତାଇବା ପାଇଁ ଭଲ ସୁବିଧା ଥିବା ଅଫର ଦେଇଥାଏ । ଆଜିକାଲି ସାଧାରଣ ବିକ୍ରିବଟା ପାଇଁ ଅନେକ ସାଇଟ୍ ଅଛି । ଲୋକମାନେ ନିଜର ଯାତ୍ରାପାଇଁ ରେଲଓ୍ୱେ ଏବଂ ଉଡାଜାହାଜର ଟିକେଟ୍ ଇଣ୍ଟରନେଟ୍ ଜରିଆରେ ବୁକ୍ କରିପାରିବେ । ଆପଣ ବି ମଧ୍ୟ ଅନେକ ଜିନିଷ ଏହି ଇଣ୍ଟରନେଟ୍ ଜରିଆରେ କିଣିପାରିବେ । ଯେପରିକି ଆପଣ ଖାଇବାର ଅର୍ଡର ଦେଇପାରିବେ । ଆପଣ ବହି କିଣିପାରିବେ । ଆପଣ ଆପଣଙ୍କ ପୁରୁଣା କାର ଇଣ୍ଟରନେଟ୍ ଜରିଆରେ ବିକ୍ରି କରିପାରିବେ । ଏହିପରି ଭାବରେ ସେବା ଦେଉଥିବା ଲୋକମାନେ ସେବାର ବଦଳରେ ପଇସା ନେଇଥାନ୍ତି । ମହାନଗରୀରେ ରହୁଥିବା ବ୍ୟସ୍ତ ଲୋକମାନେ ଏହିପ୍ରକାର ସୁବିଧାରେ ଲାଭାନ୍ୱିତ ହୋଇଥାନ୍ତି ।

**କାର୍ଯ୍ୟକଳାପ 23.2 :-**

(1) ଭାରତୀୟ ରେଳ ଅଥବା ଏୟାର ଇଣ୍ଡିଆ ଓ୍ୱେବ୍ ସାଇଟ୍ ଖୋଲନ୍ତୁ । ଏଥିରେ ଥିବା ଯାତ୍ରୀମାନଙ୍କ ପାଇଁ ଦିଆଯାଇଥିବା ଯୋଜନା ଏବଂ ସୁବିଧାର ଏକ ସୂଚୀ ପ୍ରସ୍ତୁତ କରନ୍ତୁ ।

## 23.3 ପାଠ୍ୟଗତ ପ୍ରଶ୍ନ :-

(1) ଲଘୁ ଉଦ୍ୟୋଗ ଅନୁଷ୍ଠାନ କହିଲେ କ'ଣ ଅଟେ ?

(2) ତିନୋଟି ଏହିପରି ଆଇଟମ୍‌ର ସୂଚୀ ପ୍ରସ୍ତୁତ କରନ୍ତୁ ଯାହାଉପରେ ବିଶିଷ୍ଟ ଓ୍ୱେବ୍ ସାଇଟ୍ ଆଧାରିତ ହୋଇଥାଏ ।

(i)

(ii)

(iii)

(3) କିଛି ଅନ୍‌ଲାଇନ୍ ସାଇଟ୍‌କୁ ଖୋଲିକରି ଦେଖନ୍ତୁ । ଏହି ସାଇଟ୍‌ର ଏକ ସୂଚୀ ପ୍ରସ୍ତୁତ କରନ୍ତୁ । ଏହା ସହିତ ସେହି ବସ୍ତୁ ଗୁଡିକର ଏକ ସୂଚୀ ପ୍ରସ୍ତୁତ କରନ୍ତୁ ଯାହା ଆପଣଙ୍କ ପସନ୍ଦରେ ଆସୁଥିବ ।

ଟୀପ୍‌ପଣୀ

## 23.5 ଆପଣ କ'ଣ ଶିକ୍ଷାକଲେ:-

- ➪ ଯୁବା ଶ୍ରୋତା
- ସୂଚନା ଅଧିଭାର
- ସୂଚନା ଅତିକ୍ଳାନ୍ତ
- ➪ ନ୍ୟୁ ମିଡିଆ
- ରଚନାତ୍ମକତା ଏକ କାରକ
- କଥା ଶୈଳୀ
- ➪ ନ୍ୟୁ ମିଡିଆ ଏବଂ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ସଂପର୍କ
- ➪ ନ୍ୟୁ ମିଡିଆ ଏବଂ ବ୍ୟବସାୟର ସୁଯୋଗ
- ନ୍ୟୁ ମିଡିଆ ଉପକ୍ରମ
- ଲଘୁ ଏବଂ ମଧ୍ୟମ ଅନୁଷ୍ଠାନ
- ବିଶିଷ୍ଟ ୱେବ୍ ସାଇଟ୍
- ଅନ୍ ଲାଇନ୍ ସପିଙ୍ଗ୍ ସାଇଟ୍

## 23.6 ପାଠ୍ୟାନ୍ତ ପ୍ରଶ୍ନ :-

(1) ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଗୁଣ କହିଲେ କ'ଣ ବୁଝାଏ ? ଆପଣଙ୍କୁ କାହିଁକି ଏପରି ଲାଗୁଛି ଏହା ପ୍ରଭାବିତ ହେଉଅଛି ବୋଲି ?

(2) ନ୍ୟୁମିଡିଆ ବଡ ଉଦ୍ୟୋଗ ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଟେ ଅଥବା ଛୋଟ ଉଦ୍ୟୋଗ ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଟେ ? ଆପଣ ଉତ୍ତର ପକ୍ଷରେ କାରଣ ଦେଇ ବର୍ଣ୍ଣନା କରନ୍ତୁ ।

(3) ନିମ୍ନଲିଖିତ ଉପରେ ଟିପ୍‌ପଣୀ ଲେଖନ୍ତୁ ?

i) ବିଶିଷ୍ଟ ୱେବ୍ ସାଇଟ୍ ii) ଅନ୍ ଲାଇନ୍ ସପିଙ୍ଗ୍ ସାଇଟ୍

## 23.7 ପାଠ୍ୟଗତ ପ୍ରଶ୍ନର ଉତ୍ତର :-

(i) ସୂଚନା ଅଧିଭାର

(ii) ସୂଚନା ଅଧିକ୍ଳାନ୍ତ



ଟୀପ୍ପଣୀ



(iii) ଟମ୍ ଓ୍ୱଲଫ୍

(iv) ଶୈଳୀ

(v) ଏଡ଼ଓ୍ୱାର୍ଡ ଡି ବୋନି

## 23.2

(i) କଥାବାର୍ତ୍ତା ଏବଂ ସୂଚନା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଗୁଣର ଅଙ୍ଗ ଅଟେ । ଯେତେବେଳେ ଆମେ ଲୋକଙ୍କ ସହିତ କଥାବାର୍ତ୍ତା କରିଥାଉ ଏହାର ବିକଶିତ କରିବା ଦରକାର ।

(ii) କମ୍ପାନୀମାନେ ଭଲ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଗୁଣ ଉପରେ ଧ୍ୟାନ ଦେଇଥାନ୍ତି କାରଣ ଏହିଥିରୁ ହିଁ ଗୋଟିଏ ଭଲ ଦଳ ନିର୍ମାଣ ହୋଇଥାଏ ।

(iii) ଠିକ୍ ଆମେ ନିଜର ସାଙ୍ଗଙ୍କ ସହିତ କମ୍ପ୍ୟୁଟର ସାହାଯ୍ୟରେ କଥାବାର୍ତ୍ତା ହୋଇପାରିବା ।

(iv) ହଁ କାରଣ ଏହିଥିରେ ବ୍ୟକ୍ତିର ସାହସ ବଢିଥାଏ ।

(v) ଭଲ କଥାବାର୍ତ୍ତାର ଗୁଣରେ ଆମେ ଭଲମାନବ ସମ୍ପର୍କର ନିର୍ମାଣ କରିପାରିବା ।

## 23.3

(1) ଛୋଟ ଅନୁଷ୍ଠାନ ଏହା ଅଟେ ଯେଉଁଠାରେ ଅଧିକ ଅର୍ଥର ଦରକାର ନଥାଏ, ଯେପରିକି ନ୍ୟୁମିଡିଆ ଉପକ୍ରମ ।

(2) i) ଯାତ୍ରା, ii) ସ୍ୱାସ୍ଥ୍ୟ, iii) ପର୍ଯ୍ୟଟନ

(3) ବୁଝିବାର ଆଧାର ଉପରେ ଉତ୍ତର ନିର୍ଭର କରିବ ।

ଟୀପ୍‌ପଣୀ

# ୨୪

## ନ୍ୟୁ ମିଡିଆ : ରୋଜଗାରର ସମ୍ଭାବନା

ନ୍ୟୁମିଡିଆର ମୌଳିକ ଭୂମିକା ସଂପର୍କରେ ଆପଣ ଜାଣିସାରିଲେଣି । ଏହି ଅଧ୍ୟାୟରେ ରୋଜଗାରର ସେହି ଉଲ୍ଲିଖିତ ବିଷୟରେ ଅଧ୍ୟୟନ କରିବେ ଯାହାକି ନ୍ୟୁମିଡିଆକୁ ଏକ ବ୍ୟବସାୟ ପ୍ରତିଷ୍ଠାନ ଭାବରେ ଗଢିତୋଳିଛି । ଆମେ ଏହା ମଧ୍ୟ ଜାଣିବା ଏହି କ୍ଷେତ୍ରରେ ସର୍ବୋଚ୍ଚକୁ ଛୁଇଁବାପାଇଁ କ'ଣ କ'ଣ ଗୁଣର ଆବଶ୍ୟକ ହୋଇଥାଏ । କିନ୍ତୁ ଏହା ଧ୍ୟାନର ବିଷୟ ଏହି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇବାକୁ ହେଲେ ପ୍ରଚୁର ପରିଶ୍ରମ ଏବଂ ଆତ୍ମବିଶ୍ୱାସ ଅନିବାର୍ଯ୍ୟ ଅଟେ । କଂପାନୀମାନେ ଆପଣଙ୍କୁ ସେତିକିବେଳେ ରୋଜଗାର ଦେବେ ଯେତେବେଳେ ସେମାନେ ଆଶ୍ୱସ୍ତିହେବେ ଆପଣଙ୍କ ଭିତରେ ସେହି ରଚନାତ୍ମକ ଗୁଣ ଅଥବା କାରିଗରୀ ଗୁଣ ନିହିତ ଅଛି ।

କିନ୍ତୁ ଏହା ଏକମାତ୍ର ଆରମ୍ଭ ଅଟେ । ଏହା ଏପରି ଏକ ମାଧ୍ୟମ ଯାହା ୨୪ଘଣ୍ଟା ସକ୍ରିୟ ରହିଥାଏ । ଏହାର ଅର୍ଥ ଆପଣଙ୍କୁ ମଧ୍ୟ ଲମ୍ବା ସମୟ ପର୍ଯ୍ୟନ୍ତ କାମ କରିବାର କ୍ଷମତା ରହିଥିବା ଦରକାର । ଏହା ବ୍ୟତୀତ ମିଡିଆ କର୍ମୀଙ୍କୁ ଏହା ନଭୁଲିବା ଦରକାର ସେମାନଙ୍କୁ ଗୋଟିଏ ଦଳରେ କାମ କରିବା ହୋଇଥାଏ । ସୁତରାଂ ସକାରାତ୍ମକ ବିଚାରଧାରା ଏବଂ ସକାରାତ୍ମକ ଯୋଗାଯୋଗର ଗୁଣ ଏହି କ୍ଷେତ୍ରରେ ସେମାନଙ୍କୁ ପ୍ରତିଷ୍ଠିତ କରାଇବାରେ ସାହାଯ୍ୟ କରିବ ।

### ଉଦ୍ଦେଶ୍ୟ

ଏହି ପାଠକୁ ପଢିସାରିବାପରେ ଆପଣ ନିମ୍ନଲିଖିତ ବିଷୟରେ ନିପୁଣ ହୋଇଯିବେ:-

- ନ୍ୟୁମିଡିଆ ପ୍ରତିଷ୍ଠାନରେ ବ୍ୟବସାୟିକ ମୁହୂର୍ତ୍ତର ପରିଚୟ ।
- ଜଣେ ସଫଳ ନ୍ୟୁମିଡିଆ ବ୍ୟକ୍ତିତ୍ୱ ହେବା ପାଇଁ ଆବଶ୍ୟକ ଗୁଣବର୍ତ୍ତାର ବ୍ୟାଖ୍ୟା ।
- ଏଇ କ୍ଷେତ୍ରରେ ବ୍ୟବସାୟିକ ଶୁଭାରମ୍ଭ କରିବା ମୁହୂର୍ତ୍ତକୁ ବୁଝିବା ।

### 24.7 ନ୍ୟୁମିଡିଆରେ ସାମ୍ବାଦିକଙ୍କ ପାଇଁ ସୁଯୋଗ

ଆଜି ସାମ୍ବାଦିକଙ୍କ ପାଇଁ ନ୍ୟୁଇଣ୍ଡିଆ ଉଦ୍ୟୋଗରେ ଅନେକ ସୁଯୋଗ ଆସିଛି । ରିପୋର୍ଟର ସମ୍ବାଦ ୱେବ୍ ସାଇଟ୍ ପାଇଁ ରିପୋର୍ଟିଂର ଆରମ୍ଭ କରିପାରିବେ । ଭଲ ରାସ୍ତା ହେବ ଯେତେବେଳେ ଆପଣ ମିଡିଆ ଉପକ୍ରମକୁ ଖୋଜୁଥିବେ, ଯାହା ପୂର୍ବରୁ ସ୍ଥାପିତ ହୋଇଥିବ ଏବଂ ଯାହା ପାଖରେ ନ୍ୟୁମିଡିଆର ବିଭାଗ ମଧ୍ୟ ଥିବ । ଏଥିରେ ଆପଣ ଆଶ୍ୱସ୍ତିଲାଭ କରିବେ ଆପଣଙ୍କର ଚାକିରି ସ୍ଥିର ହୋଇଯାଇଛି ।

ପ୍ରତ୍ୟେକ ଖବର କାଗଜରେ ଗୋଟିଏ ଇଣ୍ଟରନେଟ୍ ପ୍ରକୋଷ୍ଠ ଅଛି । କିନ୍ତୁ ସାମ୍ବାଦିକ ଯେଉଁ ଇଣ୍ଟରନେଟ୍‌ର କକ୍ଷ ସମ୍ଭାଳିଥାନ୍ତି, ସେଥିରେ ଖବର କାଗଜର ମଧ୍ୟ ୱେବ୍ ପ୍ରକାଶନର କାମ ଦେଖିବାକୁ ପଡିଥାଏ ଯେଉଁଥିରେ କେବଳ ପ୍ରିଣ୍ଟ ପ୍ରକାଶନର ଖବରକୁ ଉଠାଯାଇ ୱେବ୍ ପ୍ରକାଶନରେ ଲଗା ଯାଇଥାଏ । ଇଣ୍ଟରନେଟ୍ କକ୍ଷ ସନ୍ଧାନି ପ୍ରକୃତିର ନଥାଏ, କିନ୍ତୁ ଏଥିରେ ସେହି ଲୋକମାନଙ୍କର ଅଧିକ ଜରୁରୀ ପଡିଥାଏ ଯେଉଁମାନେ ସମ୍ପାଦନରେ ଦକ୍ଷ ଥା'ନ୍ତି ଏବଂ ୱେବ୍ ପର ପ୍ରକାଶନର ପୂର୍ବରୁ ସମସ୍ତ ପ୍ରକାର ଭୁଲ୍‌କୁ ଠିକ୍ କରିଦିଅନ୍ତି । ଯଦି ଆପଣ ନ୍ୟୁମିଡିଆକୁ ନିଜର ଜୀବନ ନିର୍ବାହ ପନ୍ଥାକୁ ତିଆରି କରିବାପାଇଁ ଅଧିକ ଗଭୀର ଥା'ନ୍ତି ତେବେ ଇଣ୍ଟରନେଟ୍ କକ୍ଷରେ ଆପଣଙ୍କୁ ଆରମ୍ଭ କରିବାକୁ ପଡିବ ।

ଯେଉଁମାନେ ପ୍ରିଣ୍ଟ ମିଡିଆରେ କାମ କରିଛନ୍ତି ସେମାନେ କୌଣସି ମିଡିଆ ସଂଗଠନର ନ୍ୟୁମିଡିଆ ବିଭାଗରେ କାମ କରିପାରିବେ । କିନ୍ତୁ ବିଭାଗ ସର୍ବଦା ଭଲ ସାମ୍ବାଦିକ, ସମ୍ପାଦକ ଏବଂ ଲେଖକଙ୍କୁ ଖୋଜିବାରେ ରହିଥାଏ । ନ୍ୟୁ ଇଣ୍ଡିଆର ସମ୍ବାଦଦାତା କେବଳ ଯେ ଭଲ ଏବଂ ନୂଆ ସମ୍ବାଦ ଶିଖନ୍ତି ତାହା ନୁହେଁ ଅପରପକ୍ଷରେ ସେହି ସମ୍ବାଦର ଅନୁସରଣ କରିଥା'ନ୍ତି ଯେଉଁ ସମ୍ବାଦ ପୂର୍ବରୁ ପ୍ରିଣ୍ଟ ପ୍ରକାଶନରେ ଛପା ହୋଇ ଯାଉଥାଏ ।



**ଚିତ୍ର : 24.1 ଗୋଟିଏ କ୍ରିକେଟ୍ ମ୍ୟାଚର ଧାରାବିବରଣୀ**

ରିପୋର୍ଟିଂ ଛଡା ସମ୍ବାଦ ୱେବ୍ ସାଇଟ୍‌ରେ ସେହି ଲୋକମାନଙ୍କର ଚାହିଦା ଅଧିକ ଥାଏ ଯେଉଁମାନେ ଡେସ୍କ ଉପରେ କାମ କରିପାରିବେ । ବାସ୍ତବରେ ମୋଟାମୋଟି ସମସ୍ତ ମିଡିଆ ଉପକ୍ରମ ଭଲ ସମ୍ପାଦକ ଏବଂ ଲେଖକଙ୍କ ଉପରେ ନିର୍ଭର କରିଥାଏ । ଏହା କ'ଣ ପାଇଁ ହୁଏ ? ବା ଏପରି କାହିଁକି ହୁଏ ? କାରଣ ଲେଖା ଏପରି ହେବା ଦରକାର ଯାହା ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରିପାରିବ, ଆମେ କଥା ଶୈଳୀରେ ଲେଖାର ଚର୍ଚ୍ଚା କରିସାରିଛେ । ଏହି ଶୈଳୀରେ ଭଲ ଲେଖା ସେପର୍ଯ୍ୟନ୍ତ



ଟୀପ୍ପଣୀ

ସମ୍ଭବ ହୋଇ ନଥାଏ ଯେଉଁ ପର୍ଯ୍ୟନ୍ତ ଭଲ ଲେଖକ ଏବଂ ଭଲ ସମ୍ପାଦନ ବିନା କ୍ଳାନ୍ତରେ ସ୍ଥିରଭାବରେ ବସି ପୁଣିଥରେ ଲେଖା ନ କରିଥା'ନ୍ତି । ଏଥିପାଇଁ କୌଣସି ନ୍ୟୁମିଡିଆ ପ୍ରୋଜେକ୍ଟପାଇଁ ବହୁତ ଭଲ ସମ୍ପାଦକଙ୍କ ଆବଶ୍ୟକ ହୋଇଥାଏ । ହୋଇପାରେ ନ୍ୟୁମିଡିଆ ଉପକ୍ରମରେ ରଚନାତ୍ମକତାର ବାଟ ଅଛି । ତଥାପି କୁଶଳୀ ଲୋକମାନଙ୍କର ସମାନ ରୂପରେ ମହତ୍ତ୍ୱପୂର୍ଣ୍ଣ ଅଛି । ଆମକୁ ଏହା ଭୁଲିବା ନୁହେଁ ନ୍ୟୁମିଡିଆ ଅସ୍ତିତ୍ୱ ଭଲ ଡିଜାଇନର ଏବଂ ପ୍ରୋଗ୍ରାମରମାନଙ୍କ ସହାୟତା ବିନା କିଛି ହୋଇପାରେନାହିଁ । ଏହି କୁଶଳୀ ଲୋକମାନେ ୱେବ୍ ସାଇଟ୍‌ର ବିଭିନ୍ନ ତତ୍ତ୍ୱକୁ ଏକସାଙ୍ଗରେ ଉପସ୍ଥାପିତ କରିଥାନ୍ତି । ୱେବ୍ ସାଇଟ୍ ଅଲଗା ତିଆରି ହୋଇଥାଏ ଏହାପରେ ଏଥିରେ ହାଇପରଲିଙ୍କ୍ ତିଆରି ହୁଏ । ପୁନର୍ବାର ଅଲଗା ଅଲଗା ପୃଷ୍ଠା ତିଆରି କରାଯାଇ ଏହାକୁ ମୁଖ୍ୟପୃଷ୍ଠାରେ ଯୋଡା ଯାଇଥାଏ । ତେବେ ଯାଇ ସମ୍ବାଦକୁ ଏହା ଉପରେ ଅପ୍‌ଲୋଡ୍ କରାଯାଇଥାଏ । ଏସମସ୍ତ ସେତେବେଳେ ସମ୍ଭବ ହୁଏ ଯେତେବେଳେ ପାରଦର୍ଶିତା ଲାଭ କରିଥିବା ଭଲଲୋକ ଏହାକୁ ସଂଚାଳନ କରୁଥାନ୍ତି । ନ୍ୟୁମିଡିଆରେ ରଚନାତ୍ମକ ଏବଂ କୁଶଳ ଦକ୍ଷତାର ମିଳନ ଏଥିପାଇଁ ଆବଶ୍ୟକ ଥାଏ, କାରଣ ଏଥିରେ ମଲ୍‌ଟି ମିଡିଆ ପ୍ୟାକେଜ୍ ରହିଥାଏ । ଏହିପରି ଭାବରେ ଭଲ ପ୍ୟାକେଜ ତିଆରି କରିବାପାଇଁ ଭଲ ନିର୍ମାତା ମଧ୍ୟ ଜରୁରୀ ଅଟେ । ଜଣେ ସାମ୍ବାଦିକ ଯିଏ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମ ପାଇଁ କାମ କରନ୍ତି ସେ ମଧ ମଲ୍‌ଟିମିଡିଆ ପ୍ୟାକେଜ୍ ପାଇଁ କାରିଗରୀ କୁଶଳତାର ସାହାଯ୍ୟ ନେଇଥା'ନ୍ତି । ସେମାନଙ୍କୁ ଏହା ମଧ୍ୟ ଜାଣିବା ଦରକାର ବିଭିନ୍ନ ପରିସ୍ଥିତିରେ ଧ୍ୱନାଙ୍କର କିପରି କରାଯିବ ।

## ପାଠ୍ୟଗତ ପ୍ରଶ୍ନ 24.1 :-

ନିମ୍ନଲିଖିତ ଯୋଡିକୁ ଏକାଠି କରନ୍ତୁ ।

| | |
|---|---|
| (1) ଇଣ୍ଟରନେଟ୍ ଡେସ୍କ | କ) ନ୍ୟୁମିଡିଆ ଉପକ୍ରମର ଫାଟ |
| (2) ରଚନାତ୍ମକତା | ଖ) ଖବରକାଗଜରେ ୱେବପ୍ରକାଶନର ସଂଚାଳନ |
| (3) ନ୍ୟୁମିଡିଆ | ଗ) ଭଲ ନିର୍ମାଣ କୌଶଳର ଆବଶ୍ୟକତା |
| (4) ମଲଟିମିଡିଆ ପ୍ୟାକେଜ୍ | ଘ) ଜ୍ଞାନକୌଶଳ ନିପୁଣତା |
| (5) ନ୍ୟୁମିଡିଆ ସାମ୍ବାଦିକ | ଙ) କଥାଶୈଳୀ ଲେଖନର ଆବଶ୍ୟକତା |

## 24.2 ନ୍ୟୁମିଡିଆ ପାଇଁ ଆବଶ୍ୟକ ଯୋଗ୍ୟତା

ନ୍ୟୁମିଡିଆ ପେସାଦାର ହେବାପାଇଁ ପ୍ରାଥମିକ ଯୋଗ୍ୟତା ସାମ୍ବାଦିକତାର କୌଶଳ ଆପଣଙ୍କ ପାଖରେ ଥିବା ଦରକାର । ପ୍ରଭାବଶାଳୀ ଢଙ୍ଗରେ ରିପୋର୍ଟିଂ କରିବା ଆପଣଙ୍କୁ ଜଣାଥିବା ଦରକାର ଏବଂ ଏଥିପାଇଁ ସାମ୍ବାଦିକଙ୍କୁ ସମ୍ବାଦ ରିପୋର୍ଟିଂର ମୂଳ ସିଦ୍ଧାନ୍ତ ଯେପରି ଉଦ୍ଦେଶ୍ୟ ପ୍ରାଥମିକତା ଓ ନିକଟତର ଇତ୍ୟାଦି ଜିନିଷକୁ ଅନୁସରଣ କରିବା ଦରକାର । ଏ ସମସ୍ତ ମୂଳ ସିଦ୍ଧାନ୍ତ ଆପଣମାନେ

ପ୍ରିଣ୍ଟ ମିଡିଆରେ ପଢିଥିବେ । କିନ୍ତୁ ନ୍ୟୁମିଡିଆ ସାମ୍ବାଦିକଙ୍କୁ ଏହା ବ୍ୟତୀତ ଅତି ଶୀଘ୍ର ଭାବରେ କାହାଣୀରେ ନୂତନତ୍ତ୍ୱକୁ ପ୍ରବେଶ କରାଇବା ଏବଂ ଏଥିପାଇଁ ସର୍ବଦା ଯତ୍ନଶୀଳ ହେବା ଗୁଣ ରହିଥିବା ଦରକାର । ଏହାର ଅର୍ଥ ଏଠାରେ ସମ୍ବାଦର ଅନୁସରଣ କରିବାର ଯୋଗ୍ୟତା ନିର୍ଣ୍ଣୟାତ୍ମକ ଅଟେ ।

ଯେହେତୁ ସମ୍ବାଦ ସଂସ୍କୃତି ସମ୍ପୂର୍ଣ୍ଣ ଅଟେ, ସୁତରାଂ ନ୍ୟୁମିଡିଆର ସାମ୍ବାଦିକ ନିଜର ସେହି କାହାଣୀ ଉପରେ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ଥାଏ ଯାହା ସଂଗ୍ରହଣୀୟ ଅଟେ । ଏଠାରେ ତତ୍କାଳିକ ସେତେଟା ଲୋକପ୍ରିୟ ନ ଥାଏ ଯେପରି ଭଲ ବିଶ୍ଳେଷିତ ସମ୍ବାଦ ଅଟେ । ପ୍ରକୃତରେ ନ୍ୟୁମିଡିଆ ଭଲ ସମ୍ବାଦର ଅନ୍ୱେଷଣରେ ସର୍ବଦା ପ୍ରଯତ୍ନଶୀଳ ଥାଏ ଏବଂ ସେପରି ସମ୍ବାଦ ଯାହାକି ପ୍ରିଣ୍ଟ ଅଥବା ଦୂରଦର୍ଶନରେ ପ୍ରସାରିତ କରାଯାଇନାହିଁ ଏବଂ ଏଥିରେ ଗବେଷଣାତ୍ମକ ତତ୍ତ୍ୱ ମଧ୍ୟ ଥାଏ ଯାହାକୁ କି ପ୍ରାଧାନ୍ୟ ଦିଆଯାଏ । ନ୍ୟୁମିଡିଆରେ କୌଣସି ସମ୍ବାଦ ଡେରିରେ ଆସିଥାଉ ମଧ୍ୟ ଏହା ପଢିବାପାଇଁ କିଛି ନୂଆ ରୁଚିକର ହେବା ଦରକାର । ଏହା ହିଁ ହେଉଛି ଏହା ପଛରେ ଥିବା ଉଦ୍ଦେଶ୍ୟ ।

ଯେହେତୁ ନ୍ୟୁମିଡିଆ ଉପକ୍ରମ ଡେସ୍କ ଅଧିକ ଶକ୍ତିଶାଳୀ ହେବା ଦରକାର ସେଥିପାଇଁ ଭଲ ସମ୍ପାଦକୀୟ ଏବଂ ପୁର୍ନ ଲେଖନ କଳାର ଏଠାରେ ଅଧିକ ମୂଲ୍ୟ ଦିଆଯାଏ । ସମ୍ପାଦକଙ୍କଠାରୁ ପୃଷ୍ଠାର ପୁର୍ନଲେଖନ ବିସ୍ତାର ପୂର୍ବକ ହେବା ଏଠାରେ ଆଶା କରାଯାଏ । ଯେହେତୁ କେତେକ ନ୍ୟୁମିଡିଆ ଉପକ୍ରମ ପାଖରେ ନିଜର ସାମ୍ବାଦିକ ନଥା'ନ୍ତି ସୁତରାଂ ସେମାନଙ୍କୁ ଫ୍ରିଲାଂସର ଉପରେ ନିର୍ଭର କରିବାକୁ ପଡେ । ସେହି କପିଗୁଡିକୁ ପୁନର୍ବାର ବିଶେଷଜ୍ଞଙ୍କ ଦ୍ୱାରା ଲେଖାଯାଏ । ଅନେକ ସମୟରେ ସଂସ୍ଥାଦ୍ୱାରା ନିଯୁକ୍ତ ହୋଇଥିବା ସାମ୍ବାଦିକଙ୍କ ଦ୍ୱାରା ଜମା କରାଯାଇଥିବା କପିର ମଧ୍ୟ ବିଶେଷଜ୍ଞମାନେ ପୁର୍ନଲେଖନ କରିଥା'ନ୍ତି ଯାହାକି ଏହାକୁ ଭଲ କଥାଶୈଳୀ ଢାଞ୍ଚାରେ ସଜାଯାଇପାରିବ, ଯାହାଫଳରେ କପିରେ ଆକର୍ଷଣ କରିବାର କ୍ଷମତା ବହୁଗୁଣ ବଢିଯିବ ।

ସୁତରାଂ ଉତ୍ତମ ସଂପାଦନା ଗୁଣକୁ ପ୍ରଶଂସା କରାଯାଇଥାଏ ।

ନ୍ୟୁମିଡିଆ କ୍ଷେତ୍ରରେ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣଗୁଣ ମାର୍କେଟିଂ ବା ଆର୍ଥିକ କୌଶଳ ଅଟେ । ଆପଣ କେବେ ଚିନ୍ତା କରିଛନ୍ତି ସମ୍ବାଦପତ୍ରର ସମ୍ପାଦକଙ୍କୁ ସମ୍ପାଦକ ଏବଂ ସମ୍ବାଦ ୱେବ୍ ସାଇଟ୍ ସମ୍ପାଦକଙ୍କୁ "କଣ୍ଟେଟ୍ ମ୍ୟାନେଜର" କୁହାଯାଇଥାଏ ? ଏହାର କାରଣ ସମ୍ବାଦ ୱେବ୍ ସାଇଟ୍ ସମ୍ପାଦକଙ୍କ ଉପରେ ବ୍ୟବସାୟୀକତାର ଦାୟୀତ୍ୱ ମଧ୍ୟ ଥାଏ । ଅନ୍ୟ ଅର୍ଥରେ ନ୍ୟୁ ମିଡିଆ ଉପକ୍ରମ ଯଦି ଆଶାତୀତ ଅର୍ଥ ବ୍ୟବସ୍ଥାର ବନ୍ଦୋବସ୍ତ କରିନପାରେ ଏହା ବନ୍ଦ ହୋଇଯାଏ । "କଣ୍ଟେଟ୍ ମ୍ୟାନେଜର"ଙ୍କୁ ଏହି ଆଶାତୀତ ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ଅନିବାର୍ଯ୍ୟ ଅଟେ ।

## ପାଠ୍ୟଗତ ପ୍ରଶ୍ନ 24.2 :-

ନିମ୍ନଲିଖିତ ତଥ୍ୟରୁ ଠିକ୍ ଅବା ଭୁଲ୍ କୁହନ୍ତୁ

(1) ନ୍ୟୁମିଡିଆ ପେଶାଦାର ହେବାପାଇଁ ପ୍ରାଥମିକ ଯୋଗ୍ୟତା ବିକ୍ରିୟ କୌଶଳ ଅଟେ ।



ଟୀପ୍‌ପଣୀ

(2) ନ୍ୟୁମିଡିଆ ସାମ୍ବାଦିକଙ୍କୁ ସମ୍ବାଦକୁ ଅପଡେଟ୍ କରିବା ପାଇଁ ସର୍ବଦା ଯତ୍ନବାନ ହେବା ଦରକାର ।

(3) ଖବରକାଗଜର ସଂପାଦକଙ୍କୁ କନ୍‌ଟେଣ୍ଟ ମ୍ୟାନେଜର କୁହାଯାଏ ।

(4) ନ୍ୟୁମିଡିଆ ସମ୍ବାଦର କୌଣସି ସାଂସ୍କୃତିକ ମହତ୍ତ୍ୱନାହିଁ ।

(5) ନ୍ୟୁମିଡିଆ ଉପକ୍ରମ ଫ୍ରିଲାଂସର ଉପରେ ନିର୍ଭରଶୀଳ ଅଟେ ।

## କାର୍ଯ୍ୟକଳାପ 24.1 :-

ଆଗକୁ ଯେତେବେଳେ ଆପଣ ପରିବାର ସହିତ କୌଣସି ବାହାରକୁ ଯିବେ ସେ ସମୟରେ ନିଜେ ଭାରତୀୟ ରେଳର ୱେବ୍ ସାଇଟ୍ ଲଗ୍‌ଅନ୍ କରି ନିଜର ଟିକେଟ୍ ନିଜେ ବୁକିଙ୍ଗ୍ କରିବେ । ତା ସଂଗେ ସଂଗେ ଟିକଟ ନିୟମର ସମସ୍ତ ବ୍ୟବସ୍ଥା ସଂପର୍କରେ ଖୋଜିବେ ।

## 24.3 ନ୍ୟୁମିଡିଆରେ ବ୍ୟବସାୟର ସୁଯୋଗ:-

ସ୍କୁଲ/ କଲେଜ ମାନଙ୍କରେ ଅଥବା ଘର ପରିବାରରେ ଆପଣମାନେ ଯାହା ଶିକ୍ଷାକରନ୍ତି ତାକୁ ନ୍ୟୁମିଡିଆରେ ବ୍ୟବହାର କରିପାରନ୍ତି । ଆସନ୍ତୁ ନ୍ୟୁମିଡିଆ କ୍ଷେତ୍ରରେ ବ୍ୟବସାୟିକ ଉପାୟ ସଂପର୍କରେ ଚର୍ଚ୍ଚା କରିବା ।

### ଯୁବ ବର୍ଗଙ୍କ ପାଇଁ ବୈଦ୍ୟୁତିକ ମ୍ୟାଗାଜିନ -ଇ-ଜାଇନ-

ଇ-ଜାଇନ ଅଥବା ବୈଦ୍ୟୁତିକ ମ୍ୟାଗାଜିନ ଦ୍ୱାରା ଲକ୍ଷ୍ୟ ଅଧିନ ପାଠକ ଗୋଷ୍ଠି ସମୂହ 18-25 ବୟସର ହୋଇଥାନ୍ତି । ଯେହେତୁ ଏହି ଗୋଷ୍ଠି ଇଣ୍ଟରନେଟ୍‌ର ପ୍ରାଥମିକ ଉପଯୋଗକର୍ତ୍ତା ଅଟନ୍ତି ସୁତରାଂ ଏମାନେ ସମ୍ବାଦପତ୍ରିକାପାଇଁ ଏକ ବଡ ବଜାର ହୋଇଥାନ୍ତି । ଏମାନଙ୍କ ବିଷୟବସ୍ତୁ ମଧ୍ୟ ଯୁବବର୍ଗଙ୍କ ପାଇଁ ଉପଯୋଗୀ ଅଟେ । ସୁତରାଂ ଯେଉଁ ସମ୍ବାଦ ରାଷ୍ଟ୍ରୀୟ ମାଧ୍ୟମପାଇଁ ଅଟେ ଏଗୁଡିକୁ ମଧ ଆକର୍ଷଣୀୟ ଢଙ୍ଗରେ ସଜାଇ ଇଣ୍ଟରନେଟ୍‌ରେ ଛଡା ଯାଇପାରେ । ଉଦାହରଣ ସ୍ୱରୂପ ଚିକିତ୍ସା ବିଜ୍ଞାନ, ଯାନ୍ତ୍ରିକ, ଜୈବ କୌଶଳତା ଏବଂ ପ୍ରବନ୍ଧକ୍ଷେତ୍ରରେ ବିଦେଶରେ ଉପଲବ୍ଧ ଶୈକ୍ଷିକ ମୁହୂର୍ତ୍ତକୁ ଏକତ୍ରକରି ରୁଚିପୂର୍ଣ୍ଣ ହିସାବରେ ପ୍ରସ୍ତୁତ କରାଯାଇପାରିବ ।

### ଅନ୍ ଲାଇନ୍ ଭୋଜନାଳୟ ବୁକିଙ୍ଗ ସାଇଟ୍:-

ସହରରେ ବାହାରେ ଖାଇବା ଗୋଟିଏ ସାଧାରଣ କଥା ଅଟେ । ଅର୍ଥାତ୍ ଗୋଟିଏ ଉତ୍ତମ ପ୍ରୟାସ ଯାହା କେବଳ ଗ୍ରାହକମାନଙ୍କୁ ଅନ୍ ଲାଇନ୍ ଖାଦ୍ୟର ସୁବିଧା ବା ଅର୍ଡର ନେଇ ନଥାଏ ତା ସଂଗେ ସଂଗେ ଆପଣମାନଙ୍କୁ ଖାଦ୍ୟର ବିକଳ୍ପ ଜଣାଇବାପାଇଁ ଅଧିକ ସଫଳ ଅଟେ । ଖ୍ୟାତନାମା ରେସ୍ତୋରାଁ ଏବଂ ଭୋଜନାଳୟରେ ସଂପର୍କ ସ୍ଥାପନ କରି ଏପରି ମଡେଲ ବିକଶିତ କରାଯାଇପାରିବ ।

### ଜୀବନ ଯାତ୍ରା ବୃଦ୍ଧିପାଇଁ ଇ-ଲର୍ଣ୍ଣିଙ୍ଗ ପ୍ରୋଜେକ୍ଟ:-

ଏହି ପ୍ରୋଜେକ୍ଟ କୌଣସି କ୍ଷେତ୍ରରେ ସ୍ୱଳ୍ପ ସମୟ ପାଇଁ ପେଶାଦାର କର୍ମ ସଂସ୍ଥା ଅନ୍‌ଲାଇନ୍

କାର୍ଯ୍ୟକ୍ରମ ଦ୍ୱାରା ହୋଇପାରିଥାଏ ଯେପରିକି ପ୍ରବନ୍ଧନ, ଆକାଉଣ୍ଟାନ୍ସି, ତଥା ଗଣଯୋଗାଯୋଗ ଇତ୍ୟାଦି । ଏଭଳି କାର୍ଯ୍ୟକ୍ରମ ବିଶେଷଜ୍ଞଙ୍କ ଦ୍ୱାରା ବିକାଶିତ କରାଯାଇପାରିବ ଏବଂ ଏହାକୁ ଉପଲବ୍ଧ କରାଇବାର ଉପାୟ ଏବଂ ଆସୁଥିବା ଖର୍ଚ୍ଚର ବିଷୟରେ ସହଯୋଗୀ ସଂସ୍ଥାଙ୍କ ସହିତ କଥାବାର୍ତ୍ତା ମଧ କରାଯାଇପାରିବ ।

**ଅନ୍ ଲାଇନ୍ ପରୀକ୍ଷାକେନ୍ଦ୍ର:-**

ଆପଣ ଶୁଣିଥିବେ ଛାତ୍ରମାନେ ନିଜକୁ ପରଖିବାପାଇଁ ମୁଖ୍ୟ ପରୀକ୍ଷା ପୂର୍ବରୁ ଅଭ୍ୟାସ ପରୀକ୍ଷା ଦେଇଥାନ୍ତି । ପ୍ରବନ୍ଧନ, ଯାନ୍ତ୍ରୀକୀ, ଚିକିତ୍ସାବିଜ୍ଞାନ, ଆଇନ୍, ଚାଟାର୍ଡ ଆକାଉଣ୍ଟାସି ଇତ୍ୟାଦି ପ୍ରତିଯୋଗୀତା ପରୀକ୍ଷାପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତକରିବାପାଇଁ ଏହିପରି ଅନ୍‌ଲାଇନ୍ ଟେଷ୍ଟ କେନ୍ଦ୍ରର ଉପଯୋଗରେ ଅଣାଯାଇପାରିବ ।

## କାର୍ଯ୍ୟକଳାପ 24.2 :-

ଖବର କାଗଜର ସେହି ବିଶେଷାଙ୍କକୁ ପଢନ୍ତୁ ଯେଉଁଥିରେ ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ଏବଂ ନିଯୁକ୍ତି କ୍ଷେତ୍ରର ସୂଚନା ଥିବ ଏବଂ ସେହି ବିଶେଷାଙ୍କରେ ନ୍ୟୁମିଡିଆ କ୍ଷେତ୍ରରେ ରୋଜଗାରର ମୁହୁର୍ତ୍ତକୁ ସୂଚିବଦ୍ଧ କରନ୍ତୁ । ଏଥିରୁ ଆପଣଙ୍କୁ କେଉଁ ଗୁଡିକ ଠିକ୍ ଲାଗୁଛି ।

## ପାଠ୍ୟଗତ ପ୍ରଶ୍ନ 24.3 :-

ଠିକ୍ ଶବ୍ଦ ଅଥବା ଶବ୍ଦମାନଙ୍କୁ ଚିହ୍ନଟକରି ନିମ୍ନଲିଖିତ ବାକ୍ୟକୁ ପୂରଣ କରନ୍ତୁ ।

(i) ________ପାଇଁ ନ୍ୟୁମିଡିଆରେ ଅତ୍ୟଧିକ ସଂଭାବନା ଅଛି ।

(ii) ଯୁବକମାନଙ୍କ ପାଇଁ ବୈଦ୍ୟୁତିକ ପତ୍ରିକାର ବିଷୟ ବସ୍ତୁ ଏପରି ହେଉ ଯାହା _______ ।

(iii) ସହରରୁ ବାହାରକୁ ଯାଇ ଭୋଜନକରିବା ଏକ ସାଧାରଣ କଥା । ଏହା ଅଧିକ ଉପଯୋଗୀ ହେବ ସହରର ବାହାରେ ଥିବା ଖାଦ୍ୟସ୍ଥାନ ମାନଙ୍କର ଏକ ସୂଚୀ ତିଆରି କରନ୍ତୁ ତଥା ରେଷ୍ଟୋରାଁର ଅଗ୍ରୀମ ବୁକିଂ କରିବାର ସକ୍ଷମତା ଥିବା ଏକ ଅନ୍‌ଲାଇନ୍‌ର ଯୋଜନା କରନ୍ତୁ । ଏପରି ସାଇଟ୍‌କୁ ଆପଣ କ'ଣ କହିବେ ।

## ଆପଣ କ'ଣ ଶିକ୍ଷାକଲେ:-

⇨ ସାମ୍ବାଦିକଙ୍କ ପାଇଁ ମୁହୁର୍ତ୍ତ

- ଇଣ୍ଟରନେଟ୍ ଡେସ୍କ
- ୱେବ୍ ପ୍ରକାଶନ
- ପୁନଃ ଲେଖନ ଡେସ୍କ



ଟୀପ୍ପଣୀ

- ମଲଟି ମିଡିଆ ପ୍ୟାକେଜ

⇨ ନ୍ୟୁମିଡିଆ ପାଇଁ ଯୋଗ୍ୟତା

- ସାମ୍ବାଦିକତାର ଗୁଣ
- ସଂପାଦକୀୟ ଗୁଣ
- ପୁନଃଲେଖନ ଗୁଣ
- ମାର୍କେଟିଂର ଗୁଣ

⇨ ବ୍ୟବସାୟିକ ସୁଯୋଗ

- ଲଘୁ ମଧ୍ୟମ ଉପକ୍ରମ
- ବୈଦ୍ୟୁତିକ ପତ୍ରିକା
- ଅନ୍ ଲାଇନ୍ ରେସ୍ତୋରାଁ ବୁକିଙ୍ଗ୍ ସାଇଟ୍
- ଅନ୍ ଲାଇନ୍ ପରୀକ୍ଷାକେନ୍ଦ୍ର

## 24.5 ପାଠ୍ୟାନ୍ତ ପ୍ରଶ୍ନ

(1) ନ୍ୟୁମିଡିଆ ଦ୍ୱାରା ସାମ୍ବାଦିକଙ୍କୁ ପ୍ରଦାନ କରାଯାଉଥିବା ବିଶେଷଧାନ ପ୍ରତି ଚର୍ଚ୍ଚା କରନ୍ତୁ ।

(2) ନ୍ୟୁମିଡିଆ ପେଶାଦାର ହେବାପାଇଁ ଯେଉଁ ସବୁ ଯୋଗ୍ୟତାର ଆବଶ୍ୟକ ଅଟେ ବ୍ୟାଖ୍ୟାକରନ୍ତୁ ।

(3) ନ୍ୟୁମିଡିଆ କ୍ଷେତ୍ରରେ ତିନୋଟି ବ୍ୟବସାୟିକ ଉପକ୍ରମର ଉଦାହରଣ ସହିତ ବୁଝାନ୍ତୁ ।

## 24.6 ପାଠ୍ୟଗତ ପ୍ରଶ୍ନର ଉତ୍ତର:-

24.1 (1) (i) ଖ

(ii) କ

(iii) ଡ

(iv) ଗ

(v) ଘ

24.2 (1) (i) ଭୂଲ୍

(ii) ଠିକ୍

(iii) ଭୂଲ୍

(iv) ଭୁଲ୍

(v) ଠିକ୍

24.3 (1) (i) ଲଘୁ ବ୍ୟବସାୟିକ ଉପକ୍ରମ ।

(ii) ଏହା ଭଲ ପାଠ୍ୟସାମଗ୍ରୀ ପ୍ରଦାନ କରିଥାଏ ।

(iii) ଭୋଜନାଳୟ ଅଥବା ରେସ୍ତୋରେଁ ।

ଟୀପ୍‌ପଣୀ